

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁଜାତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ

❀ ଦ୍ୱିତୀୟ ପୁଷ୍ପ ❀ ଚତୁର୍ଥ ପାଖୁଡ଼ା ❀ ସପ୍ତମ ସଂଖ୍ୟା ❀ ତୃତୀୟ ମହକ ❀

ସଂପାଦକ : କେଶବଦାସ ॥
ପ୍ରକାଶକ : ଧୀରେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ॥
ମୁଦ୍ରକ : ଜଗନ୍ନାଥ ପ୍ରୋସେସ୍, କଟକ ॥
ଗ୍ରାଫିକ୍ସ : ରସଦ୍ ଏଡ୍ ଏଜେନ୍ସି, ମହତାବ ରୋଡ୍, କଟକ, ଫୋନ୍ - 2311431

**କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ**

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ : ୭୫୪୨୦୬
ଫୋନ୍: (୦୬୭୧) ୨୭୬୭୧୦୧

ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଜଗନ୍ନାଥ ପ୍ରୋସେସ୍, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ତ୍ୱ ସଂରକ୍ଷିତ ॥

❀ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❀

✡ କେଶବାବ୍ଦ ✡ ଚତ୍ୱାରିଂଶତ୍ ✡ ସ୍ନାନମାସ ✡ ଦେବସ୍ନାନ ପୂର୍ଣ୍ଣିମା ✡

# ପ୍ରବେଶ ପରିଚିତି

ଦ୍ୱିତୀୟ ପୁଷ୍ପ
ଚତୁର୍ଥ ପାଖୁଡ଼ା
ସପ୍ତମ ସଂଖ୍ୟା

## ବୈଦିକ ପ୍ରାର୍ଥନା

ବିଶାଳ ବିଶ୍ୱସ୍ୟ ନିଦାନ ବୀଜଂ
ବରଂ ବରେଣ୍ୟଂ ବିଧି ବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ :** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ବନ୍ଦନା | ୧ |
| **ସିଂହଦ୍ୱାର :** | |
| ଅଥ ଶ୍ରୀଗୁରୁବନ୍ଦନା | ୨ |
| **ମୁଖଶାଳା :** | |
| ସଂପାଦକୀୟ | ୩ |
| **ଶ୍ରୀମନ୍ଦିର :** | |
| **ଚରମ ପ୍ରଚ୍ଛଦପଟ ସମ୍ପର୍କରେ :** | |
| ସୃଷ୍ଟିରହସ୍ୟରେ ଜୀବଧର୍ମ...... | ୫ |
| **ଆମର ଲକ୍ଷ୍ୟ ଚରମପ୍ରାପ୍ତି :** | |
| ଆମ ପଥ ଓ ମତ ...... | ୭ |
| **ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!** | |
| ଅଚ୍ୟୁତଙ୍କ ଲେଖନୀରୁ........ | ୧୧ |
| **ପୁରାଣ ପୃଷ୍ଠାରୁ :** | |
| ଦଶିବଙ୍କ ଭବିଷ୍ୟଗ୍ରନ୍ଥ ଉଦ୍ଧୃତାଂଶର ବ୍ୟାଖ୍ୟା... | ୧୨ |
| **ଗରୁଡ଼ସ୍ତମ୍ଭ :** | |
| **ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ :** | |
| ମାତୃତ୍ୱର ଉପହାର...... | ୧୫ |
| **ବାଲ୍ୟକାଳୁ ଧର୍ମଧନ ସଞ୍ଚିବି :** | |
| ଗର୍ବ ଗଂଜନ ...... | ୧୭ |
| **ଭବିଷ୍ୟତଃ ! ଜାଗ୍ରତଃ !! :** | |
| ଭକ୍ତ ଧର୍ମ ଓ ଗୋପୀଭାବ........ | ୧୯ |
| **ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ :** | |
| ଅଦ୍ୱିତୀୟ ମୋହ ........ | ୨୩ |
| **ଆଧାତ୍ମିକ ପ୍ରବନ୍ଧ :** | |
| ଯୋଗ ଦର୍ଶନ ...... | ୨୫ |
| ନାମ ଜପର ବିଧି ଓ ମହାତ୍ମ୍ୟ.... | ୨୭ |
| **ରତ୍ନବେଦୀ :** | |
| **ସନ୍ତବାଣୀ ଯୁଗେଯୁଗେ :** | |
| ଜନନୀ ଜଠର ଜରାୟୁ ....... | ୩୫ |
| **ପୁରାଣ ପୃଷ୍ଠାରୁ :** | |
| ତୁଳସୀ ମହାତ୍ମ୍ୟ ...... | ୩୮ |
| କଲ୍ୟାଣ ଦେଖି ତୋତେ..... | ୪୩ |
| ଚରମ ବାଣୀ ......... | ୪୬ |
| **ଜିଜ୍ଞାସା : ଜିଜ୍ଞାସୁ ! :** | |
| ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହ ନାନା ପ୍ରସଙ୍ଗେ..... | ୪୭ |
| କେଶବ କୈବଲ୍ୟ କଳିକା | ୫୦ |
| **ନୀଳଚକ୍ର :** | |
| 'ଚରମ'ର ସଂକେତ | ୫୨ |
| ଆଶ୍ରମ ସନ୍ଦେଶ | ୫୪ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନୀ ହେବ, ଏହା ଏକ ଅକ୍ଷମଣୀୟ ଅପରାଧ ।
୪. 'ଚରମ'ର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାପାଇଁ ପ୍ରବର୍ତ୍ତନା ଦିଅନ୍ତୁ । ଆବଶ୍ୟକ ସ୍ଥଳେ ନିଜେ ପଢ଼ି ଅନ୍ୟମାନଙ୍କୁ ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

-ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅନୁଶୀଳନ

## ମଙ୍ଗଳାଚରଣ

ଯନ୍ନାମ ସ୍ମରଣେନ ହନ୍ତି କଳୁଷଂ ଗଙ୍ଗାଜଳୈ ସ୍ନୈରିବ ।
ଯତ୍ ପାଦାର୍ଚ୍ଚନୟା ଜନାଃ ସୁଖମିତାଃ ସଦ୍‌କଳ୍ପ ବୃକ୍ଷୈରିବ ॥
ଯଂ ବିଷ୍ଣୁଂ ନିଗଦନ୍ତି ବୈଷ୍ଣବ ଗଣାଃ ଶମ୍ଭୁଂ ଚ ଶୈବାମୁଦା ।
ସ୍ରଷ୍ଟାରଂ ଦ୍ୱିଜଜାତୟ ଶ୍ଚିର ଦିନଂ ବିଷ୍ଣୁର୍ଣ୍ଣି ରଂ ପାତୁବଃ ॥୧୦॥

## ଶ୍ରୀପଦ ବନ୍ଦନା

ବନ୍ଦଇ ଶ୍ରୀଗୁରୁ ଶ୍ରୀପଦ ।
ଖଣ୍ଡହେ ଆପଦ ବିପଦ ॥୧॥
ଶ୍ରୀପଦ ମହିମା ଅପାର ।
ବ୍ୟାପିଛି ଅଖିଳ ସଂସାର ॥୨॥
ଶ୍ରୀପଦ ନାବ ଭବ ଜଳେ ।
ତାରଇ ଜୀବ କଉଶଳେ ॥୩॥
ଶ୍ରୀପଦ ବେନି ଧ୍ୟାନ ମୂଳ ।
ଦର୍ଶନେ ଜାଗେ କୌତୁହଳ ॥୪॥
ଶ୍ରୀପଦ ବିନା ମୁକ୍ତି ନାହିଁ ।
ଭକ୍ତଙ୍କା ବନ୍ଦେ ପଦ ପାଇଁ ॥୫॥
ଶ୍ରୀପଦ ଅଟଇ ଭରସା ।
ଆଶା ଖଣ୍ଡି ଦିଏ ନିରାଶା ॥୬॥
ଶ୍ରୀପଦ କରୁଣା ଭଣ୍ଡାର ।
ଝରଣ କଣା ଅକୂପାର ॥୭॥
ଶ୍ରୀପଦ ସର୍ବସିଦ୍ଧି ଦ୍ୱାର ।
ଶରଣେ ଜୀବ ହୁଏ ପାର ॥୮॥
ଶ୍ରୀପଦେ ସାଷ୍ଟାଙ୍ଗ ପ୍ରଣାମ ।
ଫଳେ ସକଳ ପରିଣାମ ॥୯॥
ଶ୍ରୀପଦ ମୁକତିର ପଥ ।
ଶରଣେ ଫଳେ ମନୋରଥ ॥୧୦॥

ଶ୍ରୀପଦ ଭକତର ଧନ ।
ଶ୍ରୀପଦେ ଲୟ ରଖ ମନ ॥୧୧॥
ଶ୍ରୀପଦରଜ କଇବଲ୍ୟ ।
ଭକତ ପାଇଁଟି ଅମୂଲ୍ୟ ॥୧୨॥
ଶ୍ରୀପଦରେଣୁ ଥିଲେ ପାଇ ।
ସ୍ୱଦେହେ ଚରମକୁ ଯାଇ ॥୧୩॥
ଶ୍ରୀପଦ ଧାୟୀ ଯାତ୍ରା କଲେ ।
ସର୍ବ ମଙ୍ଗଳ ହୁଏ ଭଲେ ॥୧୪॥
ଶ୍ରୀପଦ ବେନି ହୃଦସ୍ଥଳେ
ଚିନ୍ତିଲେ ସର୍ବ ଶୁଭ ଫଳେ ॥୧୫॥
ଶ୍ରୀପଦ ତ୍ରିକୂଟେ ଚିନ୍ତିଲେ ।
ଦର୍ଶନ ମିଳେ ଲୟ ଥିଲେ ॥୧୬॥
ଶ୍ରୀପଦ ପୂଜା ସେବାମୂଳ ।
ସାଧିଲେ ତରେ ସପ୍ତକୁଳ ॥୧୭॥
ଶ୍ରୀପଦ ସେବା କଲେ ଦାସ ।
କଟଇ ସର୍ବ ଭବପାଶ ॥୧୮॥
ଶ୍ରୀପଦ କାଟେ ବିଷବନ୍ଧ ।
କୃପାରୁ ହୁଏ ସତ୍ୟସନ୍ଧ ॥୧୯॥
ଶ୍ରୀପଦ ଚରମ ଆସ୍ଥାନ ।
ପ୍ରାପତି ଲକ୍ଷ୍ୟେ ଦିଅ ମନ ॥୨୦॥

ବନ୍ଦଇ ଶ୍ରୀପଦ ଯୁଗଳ ।
ଭବସାଗରୁ ଦିଅ ଥଳ ॥୨୧॥




## ଅଥ ଶ୍ରୀଗୁରୁ ବନ୍ଦନା

ବ୍ରହ୍ମେତି ଯଂ ବିପ୍ରଗଣାଃ ନିରନ୍ତରମ୍
ତ୍ୱମେବ ବିଷ୍ଣୁଂ ପ୍ରବଦନ୍ତି ବୈଷ୍ଣବାଃ ।
ଶୈବାସ୍ତଥାତଂ ପ୍ରଣମନ୍ତି ଶଙ୍କରମ୍
ନମାମି ନିତ୍ୟଂ ତମହଂ ଗୁରୁଂ ସଦା ॥୧॥

ପ୍ରସୀଦ ବିଶ୍ୱେଶ୍ୱର ! ସର୍ବଦା ଜଗତ୍
ତ୍ୱମେବ ରକ୍ଷାଂ କୁରୁଣେ ଚରାଚରମ୍
ତଦ୍ୱାଂ ବିନା ପ୍ରାଣୀଗଣାଃ ଜୀବନ୍ତି କିମ୍
ଅତସ୍ତ୍ୱଦୀୟଂ ଚରଣଂ ଭଜେଽଧୁନା ॥୨॥

ଧ୍ୟାନେନ ଯଂ ଯୋଗିଗଣା ଷିରନ୍ତରମ୍
ପଶ୍ୟନ୍ତି ରୂପମ୍ ସକଳୈଃ ସୁବଳିତମ୍ ।
କେଚିନ୍ନୁ ଦା ଧ୍ୟାନଗଣ ନିରାମୟମ୍
ବିଲୋକ୍ୟ ଶାନ୍ତିଂନିତରାଂ ସମାପ୍ନୁୟୁଃ ॥୩॥

ପ୍ରଶାନ୍ତ ରୂପଂ ସତତଂ ଦୟାମୟମ୍
ନମନ୍ତି ତେ ଯୋଗିଗଣାଃ ନିରନ୍ତରମ୍
ଅନେକ ଜନ୍ମାର୍ଜିତ ପାପରାଶୟଃ
ତଦୈବ ନାମ୍ନା ବିଲୟଂ ପ୍ରୟାନ୍ତିତେ ॥୪॥

ଯଃ କେଶିନଂ ଦୈତ୍ୟବରଂ ମହାବଳମ୍
ନିହତ୍ୟ ସଂଖ୍ୟେ ଖଳୁ କେଶବଃ ସ୍ୱୟମ୍ ।
ଇତ୍ୟେବ ନାମା ଲଭତ ସ୍ୱୟଂ ହରିଃ
ତଂ କେଶବଂ ଦେବଗଣାଧୀଶଂ ଭଜେ ॥୫॥

ତ୍ରାଣାୟ ଭକ୍ତସ୍ୟ ଯୁଗେ ଯୁଗେ ହରିଃ
ଅନେକ ରୂପାଣି ବିଭର୍ତ୍ତି ସର୍ବଦା
ଅସଂଖ୍ୟ ଭକ୍ତାଃ ପ୍ରଣମନ୍ତି ଯଂ ସଦା
ତ୍ୱମେବ ବିଷ୍ଣୁଂ ପ୍ରଣମାମି କେଶବମ୍ ॥୬॥

ଯୋଗୀନ୍ଦ୍ର ବୃନ୍ଦାରକ ବୃନ୍ଦ ବନ୍ଦିତମ୍
ପଦାରବିନ୍ଦଂ ଶ୍ରିୟଦୁଂ ନିରନ୍ତରମ୍ ।
ମନୋ ମମଧ୍ୟାୟତି କେବଳଂ ସଦା
ସୁକେଶବଃ ପାତୁ ଜନାନ୍ ଚିରଭୁବି ॥୭॥

ପୃଥ୍ୱୀ ଯଦାସା ବସୁରେ ବିନିର୍ଜିତା
ଦୁଃଖୈ ବୃରୋଦାତଃ ରସାତଳଂ ଗତା
କୂର୍ମେଣ ପୃଷ୍ଠେ ନିଦହନ୍ ପୁରା ସ୍ୱୟଂ
ଉଦ୍ଧୃତ୍ୟ ରକ୍ଷାଂ କୃତବାନ ଜନାନ୍ପୁରୀ ॥୮॥

ଅନେକ ଜନ୍ମାର୍ଜିତ ପୁଣ୍ୟ ବୈଭବାତ୍
ଜନା ଲଭନ୍ତେ ହରିପାଦ ପଙ୍କଜମ୍
ତ୍ୱମେବ ଲବ୍ଧାକ୍ଷୟ ପାଦପଙ୍କଜମ୍
ଆନନ୍ଦ ଭାଜୋ ନିତରାଂ ଭବନ୍ତି ତେ ॥୯॥

# ମୁଖଶାଳା

## ସମ୍ପାଦକୀୟ

'**କ୍ଷ**ୟତି ଜାତି ଇତି କ୍ଷିତିଃ ।' ଯାହା କ୍ଷୟଶୀଳ ତାହାହିଁ କ୍ଷିତି । ଏ ଶରୀର କ୍ଷୟଶୀଳ । ଜନ୍ମମୁହୂର୍ତ୍ତରୁ ଏ ଶରୀର ଅବକ୍ଷୟ ପଥରେ ମୃତ୍ୟୁଅବଧି ଆଗେଇ ଚାଲେ । ତେଣୁ ଜୀବନ ଯାହାକୁ ବୋଲନ୍ତି ତାହା ମୃତ୍ୟୁକୁ ଗତି । ଅବଶ୍ୟ ମୃତ୍ୟୁ ବୋଇଲେ ମରଶରୀର'ର ପତନକୁ ବୁଝାଇଥାଏ । ଏହି ବିଚାରରୁ ଶରୀରକୁ କ୍ଷିତି ଆଖ୍ୟା ଦେବାରେ କୌଣସି ତ୍ରୁଟି ନାହିଁ । କିନ୍ତୁ ଏ ଶରୀର ହିଁ ଜଡ଼ । ପଞ୍ଚଭୂତର ରାସାୟନିକ ସମ୍ମିଶ୍ରଣ ମାତ୍ର । ଆତ୍ମା ଜ୍ୟୋତିଃ ରୂପରେ ଏହି ଶରୀରପୁରରେ ପୁରୁଷ ଆକାରରେ ରଥାରୂଢ଼ । ଶରୀର ରୂପୀ କ୍ଷିତି'ର ଜ୍ୟୋତିସ୍ୱରୂପ ଆତ୍ମା । ତେଣୁ ଆମ ଆଶ୍ରମର ନାମ 'କ୍ଷିତିଜ୍ୟୋତି ଆଶ୍ରମ' ।

ଆଶ୍ରମ ବୋଇଲେ ଶ୍ରମକୁ ଅବଲମ୍ବନ ବା ଆଶ୍ରୟ କରି ଯାହା ଗଢ଼ିଉଠେ । ଶରୀରରୂପକ ସତତ କ୍ଷୟଶୀଳ କ୍ଷିତିର ଜ୍ୟୋତି ଆତ୍ମାପୁରୁଷ ସହିତ ସାକ୍ଷାତ୍‌କାର ନିମନ୍ତେ ଯେଉଁ ଶ୍ରମକୁ ଆଶ୍ରୟ କରାଯାଏ, ତାହାହିଁ ସାଧନା । ଏହି ସାଧନ ସମୁଚିତ ମାର୍ଗରେ ପରିଚାଳିତ ହେଲେ ଆତ୍ମଦର୍ଶନ ହୁଏ, ଆତ୍ମଜ୍ଞାନ ଉଦୟ ହୁଏ । ଏହି ପରମାର୍ଥ ପଥରେ ଆଗେଇ ଚାଲିଲେ କ୍ରମ ପର୍ଯ୍ୟାୟରେ ବ୍ରହ୍ମଜ୍ଞାନର ସ୍ଫୁରଣ ହୁଏ, ବ୍ରହ୍ମ ଦର୍ଶନ ଏବଂ ଈଶ୍ୱରୋପଲବ୍ଧି ହୁଏ । ଲବ୍ଧ ପରମାର୍ଥ ବିଶ୍ୱକଲ୍ୟାଣ ଲକ୍ଷ୍ୟରେ ବିନିଯୁକ୍ତ ହେଲେ ଭୂମାପ୍ରାପ୍ତ ହୁଏ । ହର୍ଷବିଷାଦର ଜାଗତିକ ଜୀବନରେ ଉନ୍ନତି ଅବନତି କେବଳ ଅର୍ଥ ପରିମାଣରୁ ବିଚାର କରାଯାଏ ସତ, ମାତ୍ର ଏହି ଅର୍ଥ ଯେ ସକଳ ଅନର୍ଥର ଏକମାତ୍ର ମୂଳ କାରଣ ତାହା କାହାକୁ ବା ଅବିଦିତ ? ଲିପ୍ସା ଆଜି ଅମୃତର ପୁତ୍ର ଏହି ମଣିଷକୁ ଲୁବ୍ଧ କରିଛି । ଲୁବ୍ଧକ ପରି ମଣିଷ ଆଜି ହିଂସ୍ର । ପଶୁ ପ୍ରବୃତ୍ତିର ତାଡ଼ନାରେ ପାଶବିକ ବିଭୀଷିକା ସୃଷ୍ଟି କରିବାକୁ ବିଶ୍ୱର ସ୍ୱନାମଧନ୍ୟ ବ୍ୟକ୍ତିଗଣ ପରାଙ୍‌ମୁଖ ନୁହଁନ୍ତି ।

ଏହାଠାରୁ ଲଜ୍ଜ୍ୟାକର ବ୍ୟାପାର ଆଉ କ'ଣ ଥାଇପାରେ ? ବ୍ୟକ୍ତି ବିଶେଷଙ୍କର କ୍ଷୁଦ୍ର ସ୍ୱାର୍ଥ ସିଦ୍ଧି ନିମନ୍ତେ ସାମୂହିକ ବୃହତ୍ ସ୍ୱାର୍ଥକୁ ଅକାତର ଭାବରେ ଅକୁଣ୍ଠିତ ହୋଇ ବଳିଦେବା ସତେ କେତେ ଘୃଣ୍ୟ ପ୍ରବୃତ୍ତି ! ଏହି ପଶୁ ପ୍ରବୃତ୍ତିକୁ ଆଜିର ସଭ୍ୟ ଶିକ୍ଷିତ ସମାଜ ଘୃଣା କରେନା; ଘୃଣା କରେ ମଣିଷକୁ ! ଏହା କ'ଣ ମାନବ ସମାଜ ଓ ସଂସ୍କୃତି ପ୍ରତି ଅପମାନଜନକ ବ୍ୟାପାର ନୁହେଁ ?

ଜାତି, ଧର୍ମ, ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ନିଖିଳ ବିଶ୍ୱର ସମଗ୍ର ମାନବ ଜାତିକୁ ଗୋଟିଏ ସୂତ୍ରରେ ବାନ୍ଧିରଖିବାର ଉଦାର ଆହ୍ୱାନ ଦିଅନ୍ତି ଯୁଗପୁରୁଷ ପୁରୁଷୋତ୍ତମ ଶ୍ରୀଶ୍ରୀଶ୍ରୀ ଠାକୁର । ସେହି ସୂତ୍ରଟି ହେଉଛି ମାନବିକ ଧର୍ମସୂତ୍ର । ମାନବିକ

ସମ୍ବେଦନଶୀଳତାର କୋମଳତମ ତନ୍ତ୍ରୀ ଭ୍ରାତୃତ୍ୱପ୍ରେମ । ବିଶ୍ୱମାନବ ସମାଜ ସେହି ଭ୍ରାତୃତ୍ୱ ସୂତ୍ରରେ ଆବଦ୍ଧ ହୋଇ ବିଶ୍ୱଶାନ୍ତିର ଫଳଭୋଗ କରିବା ନିମନ୍ତେ 'କ୍ଷିତିଜ୍ୟୋତି ଆଶ୍ରମ'ର ସଂଗଠନର ନାମ ''ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍'' ! ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠିତ ହେଲେ ଭ୍ରାତୃତ୍ୱ ପ୍ରେମର ଶାନ୍ତିସୁଧାରେ ମାନବ ସମାଜ ସିକ୍ତ ହେବ ! ବିଶ୍ୱପ୍ରାଣରେ ଶାନ୍ତିର ମନ୍ଦାକିନୀ ପ୍ରବାହିତ ହେବ ।

ଏହି ଲକ୍ଷ୍ୟ ଆମର ସାମାଜିକ ଲକ୍ଷ୍ୟ । ଜାଗତିକ ଲକ୍ଷ୍ୟ ଆମ ପ୍ରତ୍ୟେକଙ୍କର ବ୍ୟକ୍ତିଗତ ଲକ୍ଷ୍ୟ-ଚରମପ୍ରାପ୍ତି । ମୁକ୍ତି, ମୋକ୍ଷ, ନିର୍ବାଣପ୍ରାପ୍ତି । ନିର୍ବାଣପ୍ରାପ୍ତ ଆତ୍ମା ଅନିର୍ବାଣ ଦୀପଶିଖା ପରି ସତତ ଜାଜ୍ୱଲ୍ୟମାନ । ଏହା ନିର୍ବାପିତ ହୁଏନା, ହୋଇପାରେନା କଳ୍ପଅବଧି । ଏହି ଲକ୍ଷ୍ୟ ହାସଲ ନିମନ୍ତେ ଆମର ସଂଘ 'ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ' ଆମକୁ ସଂଘୀୟ ବନ୍ଧନରେ ବାନ୍ଧି ଏକମୁଖୀ କରାଇବାର ଦୁର୍ବାର ସଂଗ୍ରାମ ଅବ୍ୟାହତ ରଖିଛି । ଆମେ ଏଥିରୁ ଚ୍ୟୁତ ହୋଇ ନ ପାରୁ । ଏଥିରୁ ଚ୍ୟୁତ ହେବାର ଅର୍ଥ ସାଧନ ପଥରେ ସ୍ଖଳନ । ବିଚ୍ୟୁତ ହେଲେ ଲକ୍ଷ୍ୟପ୍ରାପ୍ତି ଅସମ୍ଭବ ।

ଆଜିର ଘଡ଼ିସନ୍ଧି ମୁହୂର୍ତ୍ତରେ ଦୁଃଖ, ଶୋକ, ରୋଗ ଏବଂ ମୃତ୍ୟୁର କରାଳକବଳରୁ ରକ୍ଷା ପାଇବାର ଏକମାତ୍ର ପଥ ମାନବିକ ସତ୍ୟ ସନାତନ ଧର୍ମର ଆଶ୍ରୟ ଗ୍ରହଣ କରିବା । ସାଷ୍ଟାଙ୍ଗ ପ୍ରଣାମ ବିଧିବିଧାନର ବଶବର୍ତ୍ତୀ ହୋଇ କର୍ମଧାରା ଓ ଧର୍ମଧାରା ପାଳନ ମାଧ୍ୟମରେ ଅଭ୍ୟାସ ଯୋଗଯୁକ୍ତ ହେବା । ଆତ୍ମାର ଉତ୍ସହିଁ ଆମର ଲକ୍ଷ୍ୟ । ସେହି ଉତ୍ସରେ ମିଶିଯିବା ନିମନ୍ତେ ଉତ୍ସର୍ଗୀକୃତ ଜୀବନ ଯାତ୍ରାହିଁ ଆମର ସାଧନା । ଅବୋଧ ମଣିଷ ଏତିକି ବୋଧଜ୍ଞାନ କାର୍ଯ୍ୟକାରୀ କଲେ, ଆମର ଶ୍ରମ ସାର୍ଥକ ହେବ । ବିଶ୍ୱଶାନ୍ତି ନିମନ୍ତେ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ପଦ୍ମପାଦ ପୀଠରେ ଏତିକି ପ୍ରାର୍ଥନା, ଏତିକି ଭିକ୍ଷା ।


**କେଶବଦାସ ବୃନ୍ଦାବନ**

ଚତୁରେ ଚତୁରୀ କତୁରୀ ଧରି ।
କାଟନ୍ତି ଝୁଲାକୁ ଚାତୁରୀ କରି ॥
ଅବ୍ୟକ୍ତ ପୁରୁଷ ହୋଇ ବ୍ୟକତ ।
ମାପୁଅଛି ଦିନ ଭଣ୍ଡି ବଖତ ॥

ମୁଖ୍ୟପଦ ଧରି ହେଲୁ ଅମୋକ୍ଷ ।
ଅସୁରପଣରେ ଅମେଧ ଭକ୍ଷ ॥
ଅଗମ୍ୟ ଗମନ କରି ସରିଲୁ ।
ଧର୍ମ ପଥ ଛାଡ଼ି ପାପେ ପଶିଲୁ ॥

ଗୁରୁ କଲୁ ନିଜ ମନ ମନାଇ ।
ଗୁରୁ ବାକ୍ୟ ଦିନେ ପାଳିଲୁ ନାହିଁ ॥
ଗୁରୁଧନ ଲୁଟି ଦିନ କାଟିଲୁ ।
ମୋହିନୀ ଚରଣେ ମଥା ପିଟିଲୁ ॥

ନୀତିରେ ରହି ଅନୀତି ଛାଡ଼ ।
ଅଧର୍ମପଥ କେବେ ନ ମାଡ଼ ॥
ଗୁରୁବାକ୍ୟ ବେଦବାକ୍ୟୁ ଅଧିକ ।
ମାନିଲେ ନ ଆସେ ବାଧାବାଧକ ॥




## 'ଚରମ'ର ପ୍ରଚ୍ଛଦପଟ ସଂପର୍କରେ .....

*ସୃଷ୍ଟି ରହସ୍ୟ ଅତୀବ ନିଗମ । ଏହି ନିଗମ ରହସ୍ୟର ଉଦ୍‌ଘାଟନ କେବଳ ସ୍ରଷ୍ଟାପୁରୁଷଙ୍କ ଦ୍ୱାରା ହିଁ ସମ୍ଭବ । ତାଙ୍କରି ଅବାରିତ ଆଶୀର୍ବାଦରୁ 'ଚରମର ପ୍ରଚ୍ଛଦପଟ ସଂପର୍କରେ' ସ୍ତମ୍ଭରେ ଏହି ରହସ୍ୟ ପାଠକପାଠିକାମାନଙ୍କୁ ଅବଗତ କରାଇବା ଆମର ଉଦ୍ଦେଶ୍ୟ । ଆମ୍ଭମାନଙ୍କ ମଧ୍ୟରୁ ଅନେକ ଏହି ରହସ୍ୟର ଇନ୍ଦ୍ରଜାଲରେ ପଡ଼ି ପ୍ରକୃତ ତତ୍ତ୍ୱ ବା ତଥ୍ୟ ଜ୍ଞାତ ନ ହୋଇ ସାଧାରଣ ଜୀବଙ୍କୁ ଦୋଷ ଦେଇଥାଆନ୍ତି । ମାତ୍ର ପ୍ରକୃତ ଘଟଣା ତାହା ନୁହେଁ । ଏକ ଅଦୃଶ୍ୟ ଶକ୍ତି ଆମ ପ୍ରଚ୍ଛନ୍ନରେ ରହି ସକଳ ଘଟଣ ଅଘଟଣ ନିୟନ୍ତ୍ରଣ କରୁଅଛନ୍ତି । ସେ ହିଁ ବିଶ୍ୱ ନିୟନ୍ତା, ସ୍ରଷ୍ଟା ପୁରୁଷ, ପରମ ପୁରୁଷ, ସେ ହିଁ ନିର୍ଗୁଣ ନିରାକାର ବ୍ରହ୍ମ । ଆମ୍ଭେମାନେ ତାଙ୍କର କ୍ରୀଡ଼ା ପୁତ୍ତଳିକା ମାତ୍ର ॥*

## ସୃଷ୍ଟି ରହସ୍ୟରେ ଜୀବଧର୍ମ......

'ଯେହୁ ଶକ୍ତିଶାଳୀ ସୃଷ୍ଟି ସରଜନା ପାଇଁ ।
ସେ ବ୍ରହ୍ମର ରୂପଗୁଣ କି ବର୍ଣ୍ଣିବି ମୁହିଁ ॥
ବନ୍ଦନା କରଇ ମାତ୍ର ପ୍ରଣାମ ଜଣାଇ ।
ଯା' ଦେହେ ସହସ୍ର ବିଶ୍ୱ ଅଛି ଲୀନ ହୋଇ ॥'

ବ୍ରହ୍ମତେଜ ଓ ବ୍ରହ୍ମ ବୀର୍ଯ୍ୟରୁ ସଚରାଚର ଏ ବିଶ୍ୱଭୁବନ ସୃଷ୍ଟ । ସ୍ରଷ୍ଟାପୁରୁଷର ମହତୀ ଇଚ୍ଛାରୁ ସବୁକିଛି ପର୍ଯ୍ୟାୟକ୍ରମରେ ସୃଷ୍ଟି ହୋଇଛି । ତେଣୁ ସୃଷ୍ଟି କର୍ତ୍ତା ପରମବ୍ରହ୍ମ ସୃଷ୍ଟି ମଧ୍ୟରେ ସର୍ବଦା ବିଦ୍ୟମାନ । ଜଡ଼ ବା ଚେତନ, ସ୍ଥାବର ବା ଜଙ୍ଗମ ଯାହା କିଛି ଦୃଶ୍ୟମାନ ବା ଅଦୃଶ୍ୟ ସବୁରି ମଧ୍ୟରେ ବ୍ରହ୍ମ ଲୀଳାଖେଳା କରୁଛି । ଆଦି ଅନାଦି ଜଗତ ବା ଅବ୍ୟକ୍ତମଣ୍ଡଳରୁ ଆରମ୍ଭ କରି ବ୍ରହ୍ମତେଜ ଓଁକାରମଣ୍ଡଳ ବା ସୂକ୍ଷ୍ମଜଗତକୁ ଖସିଛି । ସୂକ୍ଷ୍ମ ଜଗତରେ ସୃଷ୍ଟିର ସୂକ୍ଷ୍ମ ପ୍ରକ୍ରିୟା ତ୍ରିଗୁଣାନ୍ୱିତ ହୋଇ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କଠାରେ ରଜ, ସତ୍ତ୍ୱ ଓ ତମ ଗୁଣ ଭେଦରେ ସୃଷ୍ଟି, ପାଳନ ଓ ସଂହାର କ୍ରିୟାର ନୀତି ନିର୍ଦ୍ଧାରଣ ହେଉଛି । ଏହି ବିଧିବିଧାନରେ ସୂକ୍ଷ୍ମ ଶକଟକ ମଣ୍ଡଳରେ ସକଳ ସୂକ୍ଷ୍ମ ଯୋଜନା ଓ ଖସଡ଼ା ପ୍ରସ୍ତୁତି ହେଉଛି । ଏହି ଯୋଜନା ଓ ଖସଡ଼ା ଅନୁଯାୟୀ ସ୍ଥୂଳ ଶକଟକ ମଣ୍ଡଳ ବା ସ୍ଥୂଳଜଗତରେ ସବୁକିଛି ଘଟଣଅଘଟଣ ପର୍ଯ୍ୟାୟକ୍ରମେ ସଂଘଟିତ ହେଉଅଛି ।

ଏହି ସୂତ୍ରରେ ସୃଜନ, ପାଳନ ଓ ବିଲୀନ ନିମନ୍ତେ ଦେବାଦେବୀ, ଯକ୍ଷ, ନର, ଅସୁର, କିନ୍ନର, ପଶୁପକ୍ଷୀ, ବୃକ୍ଷଲତା, ଫଳପୁଷ୍ପ ଆଦି ସକଳଙ୍କର ସୃଷ୍ଟି; ଦିବ୍ୟସ୍ରଷ୍ଟା ଶୃଙ୍ଖଳାର ସହିତ ପ୍ରାକୃତିକ ଉପାୟରେ ଏହି ପ୍ରକ୍ରିୟାରେ ସ୍ୱୟଂ ଲୀଳା ରଚନା କରି ଚାଲିଛନ୍ତି । ଉତ୍ସପୁରୁଷ ସେହି ପରଂବ୍ରହ୍ମ ଅବ୍ୟକ୍ତ ପୁରୁଷ । ଜୀବ ସ୍ଥୂଳଜଗତରେ ମାୟାର ଆବରଣ ମଧ୍ୟରେ ଆବୃତ୍ତ ହୋଇ ଉତ୍ସଠାରୁ ବିଛିନ୍ନ ହେବା ପରେ ଆପଣା ସ୍ୱରୂପ (ଆତ୍ମ ସ୍ୱରୂପ) କୁ ପାସୋରିଯାଉଛି । ବିସ୍ମୃତ ହେଉଛି ଉତ୍ସକୁ, ଉତ୍ସପୁରୁଷ ସହିତ ମିଳିତ ହେବାର ଦୁର୍ବାର ବାସନା ତା' ମଧ୍ୟରେ ଅବସ୍ଥିତ ଜୀବ ବ୍ରହ୍ମଠାରେ ସତତ ଜାଗ୍ରତ ଥିଲେ ମଧ୍ୟ ମାୟାର ପଟଳ ଭେଦି ଏହି ବାସନା ଚରିତାର୍ଥ କରିବା ନିମନ୍ତେ ଜୀବ ସଚେତନ ହୋଇପାରୁ ନାହିଁ । ସ୍ଥୂଳ ଶକଟକ ମଣ୍ଡଳର ଜାଗତିକ କାମନାବାସନାର ବଶୀଭୂତ ହୋଇ ଜୀବ ସେହି ମାୟାର ଘୂର୍ଣ୍ଣିପାକରେ ପଡ଼ି ଜୀବନ ଧରି ଜନ୍ମ-ମୃତ୍ୟୁର ଚକ୍ରରେ ଚକ୍ରାକାରରେ ଘୂର୍ଣ୍ଣାୟମାନ । ସାଂସାରିକ ଓ ସାମାଜିକ ବିଷୟବନ୍ଧନରେ ଆବଦ୍ଧ ଜୀବ ମୁକ୍ତିପ୍ରୟାସୀ ସତ, ମାତ୍ର ଏହି ମୁକ୍ତିର ମାର୍ଗ ସେ ଖୋଜି ପାଉନାହିଁ ବା ପାଇଲେ ମଧ୍ୟ ଜାଣି ଶୁଣି ସେହି ମୁକ୍ତିପଥର ପଥିକ ହୋଇପାରୁ ନାହିଁ ।

ଜୀବଧର୍ମ ପାଳନରେ ପାଗଳ ଜୀବର ଏଥିରେ ଦୋଷ ନାହିଁ । ବିଷୟାବିଷ ପାନରେ ପ୍ରମତ୍ତ ଜୀବ ଇନ୍ଦ୍ରିୟପରବଶ ହୋଇ ବିକେନ୍ଦ୍ରିୟ ବୃତ୍ତିର ଅଧୀନ ହେଉଅଛି । ଇନ୍ଦ୍ରିୟଗଣଙ୍କର ପରିତୃପ୍ତି ନିମନ୍ତେ ସ୍ଥୂଳ ଶକଟକ ମଣ୍ଡଳରେ ବିଷୟ ଆହାରର ଅଭାବ ନାହିଁ । କର୍ମେନ୍ଦ୍ରିୟଗଣ ମନକୁ ସେହି ସ୍ଥୂଳ ଅନିତ୍ୟ ବିଷୟ ସହିତ ଆସକ୍ତ କରି ମୋହଗ୍ରସ୍ତ କରି ଦେଉଛନ୍ତି । ମୋହାବିଷ୍ଟ ମନ, ଇନ୍ଦ୍ରିୟଗଣ ଓ ବିଷୟ ଆହାରର ଏକତ୍ରୀକରଣ ହୋଇ ଜୀବ ଦେଖି ଅଦେଖା, ଜାଣି ଅଜଣା ଓ ଶୁଣି ଅଶୁଣା ହୋଇ ବିଷୟାର ଅଠାକାଠିରେ ପଡ଼ିରହୁଛି । ଜୀବ ଧର୍ମର ବଶବର୍ତ୍ତୀ ହୋଇ ତା'କୁ ନାନାଦି କର୍ମବନ୍ଧନରେ ପଡ଼ିବାକୁ ହେଉଛି । ଏ ସକଳ ସ୍ଥୂଳ କର୍ମ କେବଳ ଆତ୍ମେନ୍ଦ୍ରିୟ ପ୍ରୀତି ନିମନ୍ତେ ସଂପାଦିତ ହେଉଥିବାରୁ ଜୀବକୁ କର୍ମଫଳ ଭୋଗ କରିବାକୁ ପଡୁଛି । ଆପଣା କଲାକରଣୀର ଫଳ ଗୋଟିଏ ଜନ୍ମରେ ଭୋଗ ହୋଇ ନ ପାରିଲେ, ଜୀବକୁ ବାରମ୍ବାର ସ୍ଥୂଳଜଗତରେ ବିଭିନ୍ନ ଯୋନିରେ ଜନ୍ମ ନେବାକୁ ପଡୁଛି । ଏ ସକଳ ସୂତ୍ର ସୂକ୍ଷ୍ମଜଗତ ଏବଂ ସୂକ୍ଷ୍ମ ଶକଟକ ମଣ୍ଡଳରୁ ଉଦ୍ଭବ ହେଉଛି । ଏହାକୁ ବୁଝାଇବା ନିମନ୍ତେ କୁହାଯାଉଛି; 'କପାଳ ଲିଖନ । କେ କରିବ ଆନ ।' ପୁଣି କେତେବେ ତାହାକୁ ଭିନ୍ନ ଭାଷାରେ କହନ୍ତି; 'ବିଧିର ବିଧାନ କେ କରିବ ଆନ' ।

ସୃଷ୍ଟି ରହସ୍ୟ ଉଦ୍‌ଘାଟନ କାଳରେ ସ୍ଥୂଳ ଶକଟକ ମଣ୍ଡଳ ବା ସ୍ଥୂଳଜଗତରେ ଯେଉଁସବୁ ଘଟଣା ଦୁର୍ଘଟଣାର ପ୍ରବାହ ଦୃଶ୍ୟମାନ ହେଉଛି; ତାହା ଏହିପରି ଭାବରେ ସେହି ବିଶ୍ୱସ୍ରଷ୍ଟାଙ୍କ ବିଧିବିଧାନ ଅନୁସାରେ ସଂଘଟିତ ହେଉଛି ବୋଲି ଦୃଢ଼ ପ୍ରତ୍ୟୟ ବା ବିଶ୍ୱାସ ଜାତ ହୋଇପାରିଲେ, ସ୍ରଷ୍ଟାପୁରୁଷଙ୍କ ଶ୍ରୀଚରଣାରବିନ୍ଦରେ ଶରଣ ନେବାର ଦୃଢ଼ତା ମନ ମଧ୍ୟରେ ସୃଷ୍ଟି ହେବ । ଏହି ଦୃଢ଼ତାରୁ ବିଶ୍ୱାସ ମଧ୍ୟ ଦୃଢ଼ ହେବ । ସାଧନ ମାର୍ଗରେ ଜୀବ ପରିଚାଳିତ ହୋଇ ବିକେନ୍ଦ୍ରିୟ ବୃତ୍ତିର ବନ୍ଧନରୁ ମୁକ୍ତ ହୋଇ ସତ୍ୟେନ୍ଦ୍ରିୟ ବୃତ୍ତିର ଅଧୀନସ୍ଥ ହୋଇପାରିବ । ଫଳତଃ ସତ୍ୟ ସନାତନ ମାନବିକ ଧର୍ମ ପ୍ରତିଷ୍ଠା ସମ୍ଭବପର ହେବ । ବିଶ୍ୱବକ୍ଷରେ ଭ୍ରାତୃତ୍ୱ ପ୍ରେମ ବନ୍ଧନର ପଥ ଉନ୍ମୁକ୍ତ ହେବ । ଜୀବ ନିତ୍ୟ ଶାନ୍ତି ଲାଭ କରିବ । ବିଷପଥକୁ ତ୍ୟାଗ କରି ପିୟୂଷପଥର ପଥିକ ହେବ । ଆତ୍ମ ସ୍ୱରୂପ ଚିହ୍ନି ପାରିବ । ଆତ୍ମଜ୍ଞାନ ଉଦୟ ହେବ । ଆତ୍ମଦର୍ଶନ, ବ୍ରହ୍ମଦର୍ଶନ ଓ ଈଶ୍ୱରୋପଲବ୍ଧି ନିଶ୍ଚୟ ସମ୍ଭବ ହେବ ।

# ଆମର ଲକ୍ଷ୍ୟ: ଚରମ ପ୍ରାପ୍ତି

*ଯେ କୌଣସି ସ୍ଥାନ, ପାତ୍ର, ଘଟଣା ବା ପରିବେଶ ପ୍ରତି ଅତ୍ୟଧିକ ଆସକ୍ତିରୁ ମୋହ ହୁଏ । ଏହା ଆମର ଲକ୍ଷ୍ୟ ପ୍ରାପ୍ତି ପଥରେ ପ୍ରତିବନ୍ଧ ସ୍ୱରୂପ ଦଣ୍ଡାୟମାନ ହୋଇ ମୁକ୍ତି, ମୋକ୍ଷ ନିର୍ବାଣର ପଥରୋଧ କରେ । ଜୀବ ସୁଖ ପ୍ରାପ୍ତି ଆଶାରେ ନାନାଦି ଜାଗତିକ କର୍ମ ଜଂଜାଳରେ ପଡ଼ି କର୍ମବନ୍ଧନ ହେତୁ କର୍ମଫଳ ଭୋଗ କରିବାକୁ ବାଧ ହୁଏ । ଆମର ଲକ୍ଷ୍ୟ-ଚରମ ପ୍ରାପ୍ତି ନିମନ୍ତେ ଏହା କଣ୍ଟା ସ୍ୱରୂପ । ତେଣୁ ଆମର ଲକ୍ଷ୍ୟ: ଚରମ ପ୍ରାପ୍ତି ନିମନ୍ତେ ଆମର ପଥ ଓ ମତ ଏଠାରେ ସମ୍ୟକ୍ ଆଲୋଚନା କରାଯାଇଛି । ଏହି ମତରେ ସହମତ ଓ ପଥରେ ପଥିକ ହେଲେ, ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି ସହଜ ଓ ସରଳ ବୋଧ ହେବ । ସକଳ ସାମ୍ପ୍ରଦାୟିକ ମତ ଅନୁବନ୍ଧ ଛିନ୍ନ କରି ସତ୍ୟ ସନାତନ ମାନବିକ ଧର୍ମ ଧାରାର ଅନୁଗାମୀ ହେବା ନିମନ୍ତେ ବିଶ୍ୱମାନବ ସମାଜକୁ ଆମର ଉଦାତ୍ତ ଆହ୍ୱାନ ।*

## ଆମ ପଥ ଓ ମତ

**ହେ** ଦିବ୍ୟାତ୍ମା ଭାଇଭଉଣୀମାନେ; ଆପଣମାନେ ଜାଣନ୍ତି ପୃଥିବୀ ଏକ ଘୋର ଘଡ଼ିସନ୍ଧି ମୁହୂର୍ତ୍ତରେ ଉପସ୍ଥିତ ହୋଇସାରିଛି । ଆଗକୁ ପାଞ୍ଚସାତ ବର୍ଷ ଏହି ଅବସ୍ଥା ଦେଇ ସମଗ୍ର ମାନବ ସମାଜକୁ ଗତି କରିବାକୁ ପଡ଼ିବ । ଦିନୁଁଦିନ ଦୁଃସ୍ଥିତି ପ୍ରବଳରୁ ପ୍ରବଳତର ହେବ । ନାନା ଜଟିଳ ସମସ୍ୟା ମୁଣ୍ଡ ଟେକିବ । ରୋଗ, ଶୋକ, ଦୁଃଖ, ଜରା ମୃତ୍ୟୁର ତାଣ୍ଡବନୃତ୍ୟରେ ପୃଥିବୀ ଅତିଷ୍ଠ ହେବ । ବ୍ୟକ୍ତି, ଦମ୍ପତି, ପରିବାର, ସମାଜ ତଥା ଏପରିକି ନିଖିଳ ବିଶ୍ୱର ସମଗ୍ର ମାନବ ଜାତି ଘୋର ବିଶୃଙ୍ଖଳା ଓ ବିପର୍ଯ୍ୟୟର ଦାଉରେ ଦାହ ପାଇ ପାଇ ସିଝିଯିବେ । ଶାନ୍ତି ସାନ୍ତ୍ୱନାର ପ୍ରଲେପ ଦେବାକୁ କେହି ତର ପାଇବେ ନାହିଁ । ମଳୟର ସୁଖପ୍ରଦ ସ୍ପର୍ଶ ସ୍ୱପ୍ନପ୍ରାୟ ଦୁର୍ଲଭ ହେବ । ପ୍ରବଳ ଶୀତପ୍ରବାହ ଅଥବା ପ୍ରଖର ରୌଦ୍ରତାପକ୍ଳିଷ୍ଟ ଝଞ୍ଜାପବନରେ ଜୀବନନୀଡ଼ ବିପର୍ଯ୍ୟସ୍ତ ହୋଇଯିବ । ସ୍ରଷ୍ଟାପୁରୁଷଙ୍କର ବିଶାଳ ସଂସାର ସାଗରକୁ ତରିଯିବା ପାଇଁ ଆମର ନୌକାଟି କେତେ ଛୋଟ ସତେ !

ବିଧିର ବିଧାନ ବିଚିତ୍ର । ଏହି ବୈଚିତ୍ର୍ୟରୁ ସ୍ରଷ୍ଟାଙ୍କ ହାତରେ ଆମେ ଅସହାୟ କୀଡ଼ନକ ମାତ୍ର । ଅସହାୟର ଏକମାତ୍ର ସହାୟ ହିଁ ସେ । ଏଥି ନିମନ୍ତେ ଜୀବନ ଦେବତା ପ୍ରଭୁପାଦ ଠାକୁର ଆମ୍ଭମାନଙ୍କୁ : ତାଙ୍କର ପ୍ରିୟ ସନ୍ତାନସନ୍ତତିମାନଙ୍କୁ 'ଚରମ', 'ଚିନ୍ତନ' ତଥା 'ଅନିର୍ବାଣ ଦୀପଶିଖା'ର ପୃଷ୍ଠାରେ ସଦାସର୍ବଦା ଜାଗ୍ରତ ରହିବାକୁ ଆହ୍ୱାନ ଦେଇଅଛନ୍ତି । ସେହି ଶ୍ରୀମୁଖ ନିଃସୃତ ଅମୀୟ ବାଣୀ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଧ୍ୟେୟ ଓ ଶ୍ରେୟ ହେବାର ବେଳ ଆଖର ହେଲାଣି । ତଥାପି ଆମ୍ଭେମାନେ ହତଭାଗ୍ୟ ମୂଢ଼ ଜଡ଼ଙ୍କ ପରି ବିଷୟାକାଙ୍କ୍ଷାକର ସମସ୍ୟାମାନ ପ୍ରଭୁଙ୍କ ସମ୍ମୁଖରେ ଉତ୍‌ଥାପନ କରି ଅନିତ୍ୟ ଜାଗତିକ ସ୍ଥୂଳ ପ୍ରାପ୍ତି, ମର ଶରୀରର ଆରୋଗ୍ୟ କାମନା, ବିଷୟ ସଂସାର ସମସ୍ୟାବଳୀର ସମାଧାନ ଆଶା କରି ବାରବାର ଦୁର୍ଭାଗ୍ୟକୁ ବରଣ କରୁଛୁ । ନିତ୍ୟ ଶାନ୍ତି, ଆତ୍ମିକ ଉନ୍ନତି, ପାରମାର୍ଥିକ ଉନ୍ନୟନ ଇତ୍ୟାଦି ଦୁର୍ଲଭ ପ୍ରାପ୍ତି ଆଶା ଆମ ମନ, ପ୍ରାଣ ଓ ଚାରି ଅନ୍ତଃକରଣରୁ କ୍ରମେ ଦୂରେଇ ଯାଉଛି । ଏହାଠାରୁ ଅଧିକ ଦୁଃଖ ଓ ପରିତାପର ବିଷୟ ଆଉ କ'ଣ ଥାଇପାରେ ?

ଶ୍ୱପଚ (ଚାଣ୍ଡାଳ)ର ପ୍ରବୃତ୍ତି ଧରି ପଙ୍କରେ ଚକଟି ହୋଇ ଆପାଦମସ୍ତକ ସର୍ବାଙ୍ଗକୁ ପଙ୍କିଳ କରିବା ହିଁ ସାର ହୋଇଛି । ଧର୍ମଧାରା ଧରି, ସନ୍ଦେଶ ପତ୍ର ଗ୍ରହଣ କରି, ନିତ୍ୟନୈମିତ୍ତିକ ଅଭ୍ୟାସ କର୍ମ ଧରି 'ଚରୈବେତି' 'ଚରୈବେତି : ଆହୁରି ଆଗକୁ ମାଡ଼ିଚାଲିବା ଏବଂ ଚଲା ପଥରେ ପ୍ରାପ୍ତଧନ (ଧର୍ମାର୍ଥ)କୁ 'ଅସ୍ତି, ନାସ୍ତି, ଭାତି' ନ୍ୟାୟରେ ପଛରେ ପକାଇ ସାଧନ ସାଗରର ଅତଳ ଗଭୀରତା ମଧ୍ୟକୁ କ୍ରମଶଃ ପ୍ରବେଶ କରି ମୁକ୍ତି, ମୋକ୍ଷ, ନିର୍ବାଣ ବା 'ଆମର ଲକ୍ଷ୍ୟ-ଚରମପ୍ରାପ୍ତି'ର ଊର୍ଦ୍ଧ୍ୱକୁ ଉଠି ବିଶ୍ୱମାନବର ଅଧ୍ୟାତ୍ମସେବା ତଥା ବିଶ୍ୱକଲ୍ୟାଣ ନିମନ୍ତେ ଆପଣାର ଈଶ୍ୱରୋପଲବ୍ଧିକୁ ବିନିଯୋଗ ପ୍ରଭୁଙ୍କର ମହତୀ ଇଚ୍ଛାଯଜ୍ଞରେ ନିଜକୁ ସମର୍ପିତ ଆହୂତି ଦେବା ଆମ୍ଭମାନଙ୍କର ଏକମାତ୍ର ଶ୍ରେୟ ହେବା ଉଚିତ । ହେଲେ ଏହି ପଥ ଦୁର୍ଗମ, ଦୁସ୍ତର । ମହାତ୍ମା କବୀରଙ୍କ ଭାଷାରେ:

'ଇସ୍ ରାସ୍ତେମେ ବିଚ୍ ମୁସାଫିର୍ ଅକ୍ସର୍ ମାରେ ଯାତେ ହ୍ୟାୟ ।।' ପ୍ରଭୁଙ୍କର କୃପାବିନା କେହି ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାରେ କ୍ଷମ ହୁଏନା, ହୋଇପାରେନା । ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ଦ୍ୱୈତ ଅବସ୍ଥା-ଭକ୍ତ ଏବଂ ଭଗବାନ ଭିନ୍ନ ଭିନ୍ନ ଦୁଇଟି ବିନ୍ଦୁ ଏକ ଲକ୍ଷ୍ୟରେ, ଏକ ଦିଗରେ ଦୁଇଟି ସରଳରେଖା ସଦୃଶ ଗତି କରିଥାନ୍ତି । କଦବା ଦୁଇ ବିପରୀତ ମୁଖାମୁଖୀ ଦିଗରେ ଉଭୟଙ୍କର ଗତି ହୋଇଥାଏ । ମାତ୍ର ଥରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଗଲେ, ଅଦ୍ୱୈତ୍ୟ ଅବସ୍ଥା, ଅନିର୍ବଚନୀୟ ଚିନ୍ମୟ ଅବସ୍ଥା । ସେଠାରେ ଭକ୍ତ ଏବଂ ଭଗବାନ ଉଭୟ ବିନ୍ଦୁ ଏକ ବିନ୍ଦୁରେ ମିଳିତ । ଭକ୍ତ ଓ ଭଗବାନ ଏକ ଏବଂ ଅଭିନ୍ନ । 'ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି ।' ମହାତ୍ମା ରାମପ୍ରସାଦଙ୍କ ଭାଷାରେ: 'ସେ ବଡ଼ ଅଦ୍ଭୁତ ସ୍ଥାନ । ଯେଉଁଠାରେ ଗୁରୁଶିଷ୍ୟ/ଭକ୍ତ ଭଗବାନଙ୍କର ନାହିଁ ଭିନ୍ନ ଦର୍ଶନ ।

''ସବାଇ ଏସେଛେ ବିଶ୍ୱ ମାଝେ କରତେ ଆପନା ଖେଲା,
ସାଙ୍ଗ ହଲେ ଫିରେ ଯାବେ ଫୁରିୟେ ଗେଲେ ବେଲା ।।
କୋଥାୟ ଦୁଃଖ୍ କୋଥାୟ ସୁଖ୍ ସେ ଯେ କେବଲ୍ ଅନ୍ତର୍ ବିମୁଖ,
ଧରଧର୍ ଟେନେସ୍ତୁର୍ ପାବେ ତୁମି ଅନନ୍ତ ସୁଖ୍ ।।''

ପବିତ୍ର ଏ ନର ଦେହ । ସତ୍ତ୍ୱ, ରଜ, ତମଃ : ଏହି ତିନିଗୁଣ ଜୀବ ଶରୀରରେ ସର୍ବଦା ହିଁ ଖେଳା କରୁଛି । ଜୀବ ଏହି ତିନିଗୁଣର ଅଧୀନ । ଜ୍ଞାନ ସଂକଳିନୀ ତନ୍ତ୍ରରେ ଉଲ୍ଲେଖ ଅଛି ।

'ରଜୋଭାବସ୍ଥିତୋ ବ୍ରହ୍ମା ସତ୍ତ୍ୱଭାବ ସ୍ଥିତୋ ହରିଃ,
କ୍ରୋଧଭାବ ସ୍ଥିତୋ ରୁଦ୍ର ସ୍ତ୍ରୟ ଦେବା ସ୍ତ୍ରୟୋଗୁଣାଃ ।।''

ନାଭିର ତଳକୁ ପାଦ ପର୍ଯ୍ୟନ୍ତ ତମ ଗୁଣ, ନାଭିଠାରୁ କଣ୍ଠ ପର୍ଯ୍ୟନ୍ତ ରଜଗୁଣ, କଣ୍ଠଠାରୁ ଆଜ୍ଞା (ଲଲାଟ) ପର୍ଯ୍ୟନ୍ତ ସତ୍ତ୍ୱଗୁଣ ଏବଂ ଆଜ୍ଞାଚକ୍ରର ଉର୍ଦ୍ଧ୍ୱକୁ ବ୍ରହ୍ମରନ୍ଧ୍ର ପର୍ଯ୍ୟନ୍ତ ଗୁଣାତୀତ ଅର୍ଥାତ୍ ନିର୍ଗୁଣ । ଶ୍ରୀ ଭଗବାନ ମଧ୍ୟ ଏହି ଏକ କଥା ଶ୍ରୀମଦ୍ ଭଗବଦ୍ ଗୀତା (୧୪/୧୮)ରେ କହିଅଛନ୍ତି:

'ଉର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।
ଜଘନ୍ୟ ଗୁଣ ବୃତ୍ତସ୍ଥା ଅଧୋ ଗଚ୍ଛନ୍ତି ତାମସାଃ ।''

ଜୀବ ଗୁଣର ଅଧୀନ ସତ, ମାତ୍ର କଠୋର ସାଧନା ଦ୍ୱାରା ଗୁଣାତୀତ ସ୍ଥାନରେ ପହଞ୍ଚି ନିତ୍ୟସ୍ଥିତି ଲାଭ କରାଯାଇପାରେ ! ଯେପରି ନଦୀର ଧର୍ମ ତାହାର କାରଣ ସ୍ୱରୂପ ସମୁଦ୍ର ଆଡ଼କୁ ଛୁଟିଯିବା; ସେହିପରି ଜୀବର ଧର୍ମ ମଧ୍ୟ ତାହାର ଉତ୍ପତ୍ତିସ୍ଥଳ ବ୍ରହ୍ମ ଆଡ଼କୁ ଧାବମାନ ହେବା । ତେଣୁ ଗୀତାରେ ଅର୍ଜୁନ କହିଅଛନ୍ତି :

'ଯଥା ନଦୀନାଂ ବହବୋଽମ୍ବୁବେଗାଃ ସମୁଦ୍ରମେବାଭିମୁଖା ଦ୍ରବନ୍ତି ।
ତଥା ତବାମୀ ନରଲୋକ ବୀରାଃ ବିଶନ୍ତି ବକ୍ତ୍ରାଣ୍ୟଭିବି ଜ୍ୱଳନ୍ତି । (୧୧/୨୮)

ତ୍ରିତାପରେ ନିରତ ସନ୍ତପ୍ତ ଜୀବୋଦ୍ଧାର ନିମନ୍ତେ ଜଗନ୍ନାଥ ଦାସଙ୍କ ଭାଗବତରେ ବିଦୁର ମୈତ୍ରେୟ ପ୍ରଶ୍ନୋତ୍ତର ଉପାଖ୍ୟାନରେ ବର୍ଣ୍ଣିତ ହୋଇଛି :

'ଏ ଜୀବ ଲୋକ ସୁଖ ଅର୍ଥେ । କର୍ମେ ସମ୍ପାଦୁ ଥାଇ ନିତ୍ୟେ ।।
କେବେ ନେଁ ଦୁଃଖ ନ ଚିନ୍ତଇ । ନିଷ୍କାମ ମାର୍ଗେ ନ ରହଇ ।।
ସୁଖ ଚିନ୍ତନ୍ତେ ଦୁଃଖ ଲଭେ । କହହେ କେଉଁଣ ପ୍ରସ୍ତାବେ ।।'

ବିଦୁରଙ୍କର ପ୍ରଶ୍ନ ହେଉଛି- ସଂସାର ମଧ୍ୟରେ ସୁଖ ଆଶାୟୀ ମଣିଷ ସର୍ବଦା ଦୁଃଖ ଲାଭ କରିଥାଏ କାହିଁକି ? ତାଙ୍କର ଦ୍ୱିତୀୟ ପ୍ରଶ୍ନ ହେଉଛି- ପ୍ରଭୁଙ୍କର ଆରାଧନା କରିବାକୁ ଯେଉଁସବୁ ମାର୍ଗ ରହିଛି, ସେ ମଧ୍ୟରୁ କେଉଁ ମାର୍ଗ ଅବଲମ୍ବନ କଲେ ମନୁଷ୍ୟ ସର୍ବସିଦ୍ଧି ଲାଭ କରିଥାଏ, ଜନ୍ମ-ମୃତ୍ୟୁର ଚକ୍ରରୁ ଉଦ୍ଧାର ହୋଇଯାଏ ? ହୃଦୟରେ ନିର୍ମଳ ଜ୍ଞାନ ସଞ୍ଚାରିତ ହୋଇଥାଏ ଏବଂ ପ୍ରଭୁଭକ୍ତି ଲାଭ କରିଥାଏ ?

'ଯେ ମାର୍ଗେ କୃଷ୍ଣଙ୍କୁ ଆରାଧି । ପ୍ରାଣୀ ଲଭନ୍ତି ସର୍ବସିଦ୍ଧି ॥
ସେ ହରିଭକ୍ତି ଅନୁଗତେ । ବସନ୍ତି ଭକ୍ତ ହୃଦଗତେ ॥
ନିର୍ମଳ ଚିତ୍ତେ ଜ୍ଞାନ ବହେ । ଜନ୍ମ ମରଣ ତାପ ଦହେ ॥'

ଶ୍ରୀମଦ୍ ଭଗବଦ୍ ଗୀତାର ଶେଷ ଶ୍ଳୋକ ( ୧୮/୭୮ )ରେ ଉଲ୍ଲେଖ ଅଛି :

'ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ ।
ତତ୍ର ଶ୍ରୀର୍ବିଜୟୋ ଭୂତି ର୍ଧ୍ରୁବାନୀତି ର୍ମତିର୍ମମ ॥' ( ୧୮/୭୮ )

ପୁନଶ୍ଚ ଶ୍ରୀବିଷ୍ଣୁ ସହସ୍ରନାମରେ ଗୀତ ହୋଇଛି :

'ନମୋ ବ୍ରହ୍ମଣ୍ୟ ଦେବାୟ ଗୋ ବ୍ରାହ୍ମଣ୍ୟ ହିତାୟଚ ।
ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋନମଃ ॥'

ମୋହମୁଦ୍‌ଗରରେ ଶଙ୍କରାଚାର୍ଯ୍ୟ କହନ୍ତି :

'ଯାବତ୍ ଜନନଂ ତାବତ୍ ମରଣଂ ତାବତ୍ ଜନନୀ ଜଠରେ ଶୟନମ୍ ।
ଇତି ସଂସାରେ ସ୍ଫୁଟତର ଦୋଷଃ କଥମିହ ମାନବ ତବ ସନ୍ତୋଷଃ ।'

ଗୀତାର ଦ୍ୱିତୀୟ ଅଧ୍ୟାୟରେ ସପ୍ତବିଂଶତି ଶ୍ଳୋକ ବୋଲେ:

'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦ୍ ଅପରିହାର୍ଯ୍ୟେଽର୍ଥେ ନତ୍ୱଂ ଶୋଚିତୁ ମର୍ହସି ॥'

କେବଳ ତ୍ରିଗୁଣାତ୍ମିକା ମାୟାଦ୍ୱାରା ଜୀବ ଅସହାୟ ଭାବରେ ଜନ୍ମମୃତ୍ୟୁ ଚକ୍ରର ଘୂର୍ଣ୍ଣିରେ ଜନ୍ମଜନ୍ମାନ୍ତରକୁ ଯୁଗ ଯୁଗାନ୍ତରକୁ ଆବର୍ତ୍ତମାନ ହୋଇ ପଡୁଛି ।

'ତ୍ରିଗୁଣ ରଜ୍ଜୁ କରେ ଧରି । ମୃଗୀ ନଚାଏ ନରହରି ।'

ଗୀତାର ଅଷ୍ଟାଦଶ ଅଧ୍ୟାୟରେ :

'ଈଶ୍ୱର ସର୍ବଭୂତାନାଂ ହୃଦ୍ଦେଶେଽର୍ଜ୍ଜୁନ୍ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ର ରୂଢ଼ାନି ମାୟୟା ।' ( ୧୮/୬୧ )

ଶକଟକ ମଣ୍ଡଳର ସ୍ଥୂଳଜଗତରେ ଜୀବ ସତ୍‌କୁ ତ୍ୟାଗ କରି ଅସତ୍, ନିତ୍ୟକୁ ପରିତ୍ୟାଗ କରି ଅନିତ୍ୟ ଭାବ ଓ ବସ୍ତୁରୁ ନିତ୍ୟ, ସତ୍ୟ, ସନାତନ, ଶାଶ୍ୱତକୁ ପାଇବା ଆଶାରେ ଧାଇଁ ଧାଇଁ ପ୍ରକୃତ ସୁଖ ଶାନ୍ତି ଆନନ୍ଦ ପରିବର୍ତ୍ତେ କେବଳ ତାହାର ପ୍ରତିବିମ୍ବ ଓ ଅଳୀକ ଅସାରତାକୁ ହିଁ ଖୋଜି ଲୋଡ଼ି ଧନ୍ଦି ହେଉଛି ସିନା !

ସୁଖ ଖୋଜିଣ ଦୁଃଖ ପାଏ । ଅନିତ୍ୟ ବସ୍ତୁରେ ନ ଥାଏ ॥
ଆଲୋକ ବିନା ଅନ୍ଧକାର । କାହୁଁ ହୋଇବ ପରିହାର ॥

ବହୁଦିନ ତଳର କଥାଟିଏ ଏ ପ୍ରସଙ୍ଗରେ ଶୁଣନ୍ତୁ । କୌଣସି ଏକ ନବ ଯୁବତୀର ସୁନାହାରଟିକୁ ଗୋଟିଏ କାଉ ଥଣ୍ଟରେ ଧରି ଉଡ଼ି ଉଡ଼ି ଆସି ଏକ ଝରଣା କୂଳରେ ଗଛଡ଼ାଳରେ ଥୋଇ ଖାଇବା ପାଇଁ ଉଦ୍ୟତ ହୋଇ ଜାଣିଲା ଯେ ତାହା ତା'ର ଖାଦ୍ୟ ଉପଯୋଗୀ ନୁହେଁ । ହାରଟି ସେହି ଡାଳରେ ଝୁଲିଥାଏ । ହାରଟିର ପ୍ରତିବିମ୍ବ ନିମ୍ନସ୍ଥ ଝରଣା ଜଳରେ ପ୍ରତିବିମ୍ବିତ ହୋଇଥାଏ ।

ଜଣେ ଯୁବକ ସ୍ନାନ ପାଇଁ ଆସି ଜଳକୁ ନିରୀକ୍ଷଣ କରନ୍ତେ ହାରଟିର ପ୍ରତିବିମ୍ବକୁ ପ୍ରକୃତ ସୁନାହାର ମନେକରି ବାରମ୍ବାର ବୁଡ଼ଦେଇ ହାର ପାଇବାକୁ ଚେଷ୍ଟା କରେ, ମାତ୍ର ବିଫଳ ହୁଏ । ଜଣେ ଯୋଗୀ ସେ ପଥରେ ଯାଉଁ ଯାଉଁ ଯୁବକର ଏପରି ପାଗଳାମି ଦେଖି ପ୍ରଶ୍ନ କଲେ: 'ବାବୁ; ମୁଁ ବହୁ ଦୂରରୁ ଦେଖୁଛି, ତମେ ବାରମ୍ବାର ଜଳକୁ ନିରେଖି ଦେଖୁଛ ଓ ଜଳରେ ବୁଡ଼ମାରି କ'ଣ ଖୋଜୁଛ ? କଥା କ'ଣ ? ଯୁବକ ଝରଣା କୂଳରେ ଛିଡ଼ା ହୋଇ ଯୋଗୀଙ୍କ ଜଳରେ ସୁନାହାରଟି ଦେଖାଇ କହିଲେ: 'ଏଇଟିକୁ ପାଇବାକୁ ମୋର ଏ ଉଦ୍ୟମ, ହେଲେ ସଫଳ ହେଉଛି ବା' କେଉଁଠୁ ? ଯୋଗୀ ହସି ଉପରକୁ ହାତ ଠାରି ଦେଖାଇ ଦେଲେ : ସତ୍ୟ ଓ ଅସତ୍ୟ ମଧ୍ୟରେ ପାର୍ଥକ୍ୟ, ଯୁବକ ଜଣକ ଲଜ୍ଜିତ ହେଲେ ।

ଦେଖି ଶୁଣିଜାଣି ମଧ୍ୟ ଆଜି ଆମମାନଙ୍କର ଏହି ଯୁବକ ଭଳି ପାଗଳ ଅବସ୍ଥା ! ଏହି ପାଗଳାମିରୁ ଉଦ୍ଧାର ନିମନ୍ତେ ବିଦୁରଙ୍କ ପ୍ରଶ୍ନର ଉତ୍ତର ଦେଇ ମୈତ୍ରେୟ କହୁଅଛନ୍ତି :

'କେଶବ କଥା ତୀର୍ଥପଦ । ହରଇ ବିଷୟା ବିଷାଦ ॥
ସକଳ ସ୍ୱତ୍ରେ ମୁନିଗଣେ । ଯା'ର ଚରିତ ଅନୁକ୍ଷଣେ ॥
ସ୍ତୁତି କରନ୍ତି ଆତ୍ମା ଲାଗେ । କେବଳ ଆତ୍ମଜ୍ଞାନ ଲୋଭେ ॥
ସେ କଥା ପଶି କର୍ଣ୍ଣଦ୍ୱାରେ । ସୁତୀକ୍ଷ୍ଣ ଚକ୍ର ଧରି କରେ ॥
ଯେ କର୍ମ ଗ୍ରହ ବନ୍ଧେ ଥାଇ । ତ୍ରିଗୁଣ ରଜ୍ଜୁବଳେ ଦେଇ ॥
ଜନ୍ମ ମରଣ ମାର୍ଗେ ଟାଣେ । ସେ କର୍ମ ଛେଦେ ତତକ୍ଷଣେ ॥'

ପୁଣି

'ଯେ ହରି କଥନେ ବିମୁଖୀ । ତାଙ୍କ ଜୀବନ ଅତିଦୁଃଖୀ ॥
ତା'ର ଆୟୁଷ ଗତି ସ୍ଥିତି । କାଳର ବଳେ ନାଶ ଯା'ନ୍ତି ॥
ତାହା ନ ଜାଣି ମୂଢ଼ପଣେ । ବିଅର୍ଥ ବାଦ ଅନୁକ୍ଷଣେ ॥ (ଭାଗବତ:୩/୫/୧୦)

ବନ୍ଦନୀୟ ମହାତ୍ମା ତୁଳସୀଦାସ ରାମଚରିତ ମାନସରେ କହନ୍ତି :

'ଶୁଭ ଅରୁ ଅଶୁଭ କରମ ଅନୁହାରୀ,
ଈସ୍ ଦେଇ ଫଲ୍ ହୃଦୟ ବିଚାରୀ ।
କରଇ ଜୋ କରମ୍ ପାବ ଫଲ ସୋଈ ।
ନିଗମ ନୀତି ଅସ୍ କହ ସବ୍ କୋଇ ॥'

ବାଲ୍ମୀକି ରାମାୟଣରେ ମଧ୍ୟ କର୍ମଫଳ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ଅଛି :

'ଅବଶ୍ୟ ମେବ ଲଭତେ ଫଳଂ ପାପସ୍ୟ କର୍ମଣଃ ।
ଭର୍ତ୍ତଃ ପର୍ଯ୍ୟାଗତେ କାଳେ କର୍ତ୍ତା ନାସ୍ତ୍ୟତ୍ର ସଂଶୟଃ ।
ଶୁଭକୃଚ୍ଛୁଭ ମାପ୍ନୋତି ପାପକୃତ୍ ପାପମଶ୍ନୁତେ ॥ (ଯୁଦ୍ଧ ୧୧୧/୨୫-୨୬)

ତେଣୁ ହେ ଦିବ୍ୟାତ୍ମା ଭାଇଭଉଣୀମାନେ; କଳିର ଅନ୍ତିମ କାଳରେ ଜୀବର ଗତିପଥ ସେହି 'ଆମର ଲକ୍ଷ୍ୟ: ଚରମପ୍ରାପ୍ତି' ସାଧନାରେ ସକଳ ତ୍ୟାଗ, ଦାନ, ସେବା, ନିଷ୍ଠା, ପ୍ରେମ, ଭକ୍ତିର ସହିତ ସର୍ବଦା ଜାଗ୍ରତ ହୋଇ ବିଷୟବନ୍ଧନରୁ, ମୁକ୍ତିପ୍ରୟାସୀ ହୁଅ । ଏତିକି ତମମାନଙ୍କୁ ଯୋଡ଼ହସ୍ତରେ ନିବେଦନ ।

# ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

''ଯାଜନଗ୍ର ବୋଲି ଯାହାକୁ ବୋଲଟି ଯହିଁରେ ଭଣ୍ଡା କନକ ।
ଯମୁନା କାଳିନ୍ଦୀ ଉତ୍ତରେ ରହିଛି ସେଠାରେ ଭୈରବୀ ଡାକ ॥
ଯହିଁ ମଣିନାଗ ଅମରାବତୀପୁର କୁବେର ଘର ଯହିଁରେ ।
ଜଗନ୍ନାଥ ହାତ ସେଠାରେ ଜାଣିବୁ ଇନ୍ଦ୍ର ଇନ୍ଦ୍ରାଣୀର ଘରେ ॥''

*ପଞ୍ଚଦଶ ଶତାବ୍ଦୀର ଓଡ଼ିଶାର ପଞ୍ଚସଖା ସାହିତ୍ୟ ବିଶେଷକରି ମହାପୁରୁଷ ଅଚ୍ୟୁତଙ୍କର ସାରସ୍ୱତ କୃତିର ପ୍ରଚାର ପ୍ରସାର କରିବା ଆମର ଅନ୍ୟତମ ଲକ୍ଷ୍ୟ । ସେହି ଲକ୍ଷ୍ୟ ପୂର୍ତ୍ତିର ସ୍ୱାକ୍ଷର ବହନ କରେ ''ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ ।'' ଏହି ପାଖୁଡ଼ାରେ ଅଚ୍ୟୁତଙ୍କ ରଚନା: 'ଚଉଦ ଢ଼ିବି ଢ଼ିବି'ରୁ ଉଦ୍ଧୃତାଂଶ ପାଠକଙ୍କ ଅବଗତି ନିମନ୍ତେ ପ୍ରଦତ୍ତ ହେଲା ।*

## ଚଉଦ ଢ଼ିବି ଢ଼ିବିରୁ ଉଦ୍ଧୃତ.........

କଟକ କଟୀରେ ରାମ ! ଶୁଣ ବାରେ ତୁହି ।
ପଞ୍ଚ ଗୁଣେ ବେନି ତୁଳା ବେନି ଗୁଣ ଦୁଇ ॥୧॥

ଚନ୍ଦ୍ରମା ପୂରିବ ଉଇଁ କାର୍ତ୍ତିକ ଶଠକ ।
ଅଷ୍ଟ ସଖା ଗୁଣି ଦୁଇ ତ୍ରିଗୁଣକ ବକ ॥୨॥

ସନ ମସିହା ଯେ ରାମ ! ଗୁପତ ରହିବ ।
ତିନିତ୍ରିଂଶ ଗୁଣେ ମିଶି ତିନିଶ ଥୋଇବ ॥୩॥

ବ୍ରହ୍ମକାଳ ମାନସରେ ପୁତ୍ର ଦିନ ଜାଣ ।
ପଞ୍ଚ ବାଳକ ନିଶାରେ 'ଚରମ'ର ପଣ ॥୪॥

ଜଗତପୁରରେ ରାମ ! ତୁଳସୀର ଦଳ ।
ଜଗତ ଯାକ ଭକତ ହୋଇବେଟି ମେଳ ॥୫॥

ଶୁଣ ରାମଦାସ ! ତୁହି ଜଗିଥିବୁ ଏଠି ।
ଜଗିଥିବୁ ଏହିଠାରେ ଧରି ଚାବିକାଠି ॥୬॥

ଯୋଗୀଗଣେ ନ ଛାଡ଼ିବୁ ବାଧା ନିବାରିବୁ !
ଭକତଜନଙ୍କ କଥା ମନେ ରଖିଥିବୁ ॥୭॥

ଗୋବିନ୍ଦ ଭକତ ନାମ ସେ ଠାବରେ ଥିବ ।
'ଚରମ' ନାମ ପ୍ରକାଶ ଯହିଁ ଯେ କରିବ ॥୮॥

ଆସିବ ବିଜୟ ଧାଇଁ ଶିଷ୍ୟ ଗୁଣ ଗାଇ ।
ବହୁଜନ ରୁଣ୍ଡ ହେବେ ନାଚି ଥେଇ ଥେଇ ॥୯॥

ଖୋଳ କରତାଳରେ ମୋ କମ୍ପିବ ମେଦିନୀ ।
ଆକାଶୁ ଫୁଟିବ ଫୁଲ କଇଁ ଥିନି ଥିନି ॥୧୦॥

ହରି ନାରାୟଣ ଧାଇଁ ଆସିବରେ ରାମ !
'ଚରମ'କୁ ଧନ୍ୟ ଦେବା ତାହାର ଯେ କାମ ॥୧୧॥

ଯୋଗାନ୍ତ ଭାବରେ ରାମ ! ଜଗି ବସିଥିବୁ
ଜଗାଛକା ପକ୍ଷେ ରହି ମୋତେ ତୁ ପାଇବୁ ॥୧୨॥

ଏତେ କଥା ଜାଣି ବାବୁ ! ତୁନି ରହିବାଟା ।
ପାମର ଅଚ୍ୟୁତି କହେ ନିଗମ କଥାଟା ॥୧୩॥

(ଉଦ୍ଧୃତାଂଶର ସରଳବ୍ୟାଖ୍ୟା ଯଥାରୀତି ପରବର୍ତ୍ତୀ ପାଖୁଡ଼ାରେ ପ୍ରକାଶ ପାଇଛି ।)

# କଳିକଳ୍କ ଭବିଷ୍ୟଗ୍ରନ୍ଥଃ : ଦ୍ୱିତୀୟ ଖଣ୍ଡରୁ ଉଦ୍ଧୃତାଂଶର ବ୍ୟାଖ୍ୟା....

*(ଚରମ: ଦ୍ୱିତୀୟ ପୃଷ୍ଠ: ତୃତୀୟ ପାଖୁଡ଼ାରେ କଳିକଳ୍କ ଭବିଷ୍ୟଗ୍ରନ୍ଥରୁ ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା ଏ ପାଖୁଡ଼ାରେ ପାଠକପାଠିକାମାନଙ୍କର ଅବବୋଧ ନିମନ୍ତେ ପ୍ରଦତ୍ତ ହେଲା । ପିଣ୍ଡତତ୍ତ୍ୱରେ ଅଚ୍ୟୁତଙ୍କ ଠାରୁ କିପରି ସାଧନ ପଥର ସହାୟକ ତାହା ନିମ୍ନୋକ୍ତ ବ୍ୟାଖ୍ୟାରୁ ସାଧକମାନେ ଉପଲବ୍ଧ କରିପାରିବେ ବୋଲି ଆମର ବିଶ୍ୱାସ ।)*

ମହାପୁରୁଷ ଅଚ୍ୟୁତାନନ୍ଦ ମହିମଣ୍ଡଳର ଚଉଷଠି କୈବଲ୍ୟରେ ରହି ନିର୍ବିକଳ୍ପ ସମାଧି ଅବସ୍ଥାରେ ଅନୁଭବ କଲେ:

ପିଣ୍ଡତତ୍ତ୍ୱରେ ଅଙ୍ଗ ବୋଇଲେ ହାତ, ପାଦ ଇତ୍ୟାଦିକୁ ବୁଝାଏ । ପ୍ରତ୍ୟେକ ହାତରେ ପାଞ୍ଚଟି ଆଙ୍ଗୁଳି- ବୃଦ୍ଧାଙ୍ଗୁଳି ଧର୍ମରାଜ ଯୁଧିଷ୍ଠିର, ବିଷ ଆଙ୍ଗୁଳି ମହାବଳୀ ଭୀମ, ମଧ୍ୟମା ଅର୍ଜ୍ଜୁନ, ଅନାମିକା ନକୁଳ ଓ କନିଷ୍ଠା ସହଦେବ । ଜୀବ ଯେତେବେଳେ ଉଗ୍ରଭାବ ଧାରଣ କରେ, ବୃଦ୍ଧାଙ୍ଗୁଳି ବିଷ ଆଙ୍ଗୁଳିକୁ ଛାଡ଼ି ଅନ୍ୟ ସମସ୍ତ ଆଙ୍ଗୁଳିକୁ ଚପାଇ ରଖେ । ଭୀମର ତେଜ ପ୍ରକାଶ ପାଏ । ଅନ୍ୟ ସମୟେ ଧର୍ମରାଜ ଯୁଧିଷ୍ଠିରଙ୍କ କଥା ମାନି ଚଳନ୍ତି । ଭକ୍ତ ଯେତେବେଳେ ବିନୟୀ, ସରଳ, ସଦ୍‌ଭାବାପନ୍ନ ହୋଇ ଅନ୍ତରାତ୍ମାରେ ନିର୍ମଳ ଅବସ୍ଥାରେ ରହେ, ହାତର ସମସ୍ତ ଆଙ୍ଗୁଳି ନରମ ଓ କୋମଳ ଭାବରେ ଥାଆନ୍ତି । ସ୍ନାୟୁକୋଷରେ ଥିବା ସଦ୍‌ମତିର ପ୍ରଭାବରୁ ଏହା ହୋଇଥାଏ । ଚରିତ୍ର ଗଠନ ପ୍ରୟାସରୁ ଆଚରଣସିଦ୍ଧ ହେଲେ, ପ୍ରଭୁଭକ୍ତ ଜୀବ କୋମଳ ସ୍ୱଭାବସମ୍ପନ୍ନ ହୋଇଥାଆନ୍ତି । ଶରୀର ମଧ୍ୟରେ ମସ୍ତିଷ୍କ ଆଙ୍ଗୁଳିଗୁଡ଼ିକୁ ନିର୍ଦ୍ଦେଶ ଦିଏ, ଫଳରେ ହସ୍ତପଦର ଆଙ୍ଗୁଳିଗୁଡ଼ିକରେ ବାହ୍ୟତଃ କୋମଳ ସ୍ୱଭାବ ପ୍ରତିଭାତେ । ଏଥିରୁ ଅନ୍ତଃକରଣର ସୂକ୍ଷ୍ମଭାବ ଧରିହୁଏ । ଧ୍ୟାନ ସମୟରେ ମୁଦ୍ରା ତୋଳିଲେ, ସରଳ, ସଦ୍‌ଭାବ ମୁଦ୍ରା ସାଧନାକୁ ଭାବ ଯୋଗାଏ । ମନ୍ତ୍ର ଜପ ସହିତ ମାଳା ଗଡ଼ାଇବା ବେଳେ ବୃଦ୍ଧାଙ୍ଗୁଳି ଓ ଅନାମିକା ଯୋଗ କଲେ, ମାଳା ସହିତ ମନୋଭବ ଓ ମତି ଶୁଦ୍ଧ ଅବସ୍ଥାରେ ପହଞ୍ଚିଲେ, ଭବିଷ୍ୟତ ଦର୍ଶନ ଓ ବ୍ରହ୍ମଯୋଗ ହୁଏ । ହସ୍ତାଙ୍ଗୁଳିର ମୁଦ୍ରାଦ୍ୱାରା ଯଜ୍ଞ, ପୂଜା ଆରାଧନା, ଦେବ ଆହୁତି, ଘୃତାହୁତି ଇତ୍ୟାଦି ପ୍ରଦାନ କରାଯାଏ । ବଙ୍ଗ- ବକ୍ଷଦେଶ- ଲକ୍ଷ୍ମୀନାରାୟଣଙ୍କର ବାସସ୍ଥଳୀ, ସୂକ୍ଷ୍ମରେ ଦେଖାଯାଏ । କଳିଙ୍ଗ-ଗୁହ୍ୟ ଓ ଲିଙ୍ଗ ଚକ୍ରକୁ ବୁଝାଏ । କଳିଙ୍ଗ ସହିତ କୁଣ୍ଡଳିନୀରୁ ମେରୁ ମସ୍ତକର ତାଳୁ ପର୍ଯ୍ୟନ୍ତ ପରମବ୍ରହ୍ମ ଜଗନ୍ନାଥଙ୍କ ବିଜେସ୍ଥଳୀ ଅଟେ । ଦେହରେ ଥିବା ରଜ ଓ ତମର ସ୍ୱଭାବକୁ ଜୀବ ଆଗୁଆ ହୋଇ ବ୍ୟବହାର କରେ । ସଦ୍‌ମତି, ବିବେକ, ବୁଦ୍ଧି, ସଦ୍‌ଜ୍ଞାନ, ସ୍ଥିତଚେତା, ଚୈତନ୍ୟ; ପଞ୍ଚମକାରର ଶୁଦ୍ଧାବସ୍ଥା, ଷଡ଼ଚକ୍ରର ସତ୍ ଶୁଦ୍ଧିମନ ଅବସ୍ଥା ଇତ୍ୟାଦି ମସ୍ତିଷ୍କରେ ସୂକ୍ଷ୍ମଜୀବ ସ୍ୱରୂପରେ ଥାଏ । ସାଷ୍ଟାଙ୍ଗ ପ୍ରଣାମବିଧି ଜୀବ ନିୟମିତ ଅଭ୍ୟାସ କରିଚାଲିଲେ, ଜୀବ ଭକ୍ତ ବୋଲାଏ । ସହସ୍ରଦଳ ମଧ୍ୟ ଗୁପ୍ତ 'ରାମ' ପରମ ସତ୍ତାକାରଣ ଅନୁଭବ ଯୋଗସୂତ୍ର ଯୋଗାଇ ସର୍ବାଙ୍ଗ ଶରୀରକୁ ସୂକ୍ଷ୍ମାତିସୂକ୍ଷ୍ମ କୋଷ ଦ୍ୱାରା ଆହ୍ଲାଦିତ କରେ । ଏହି ଅନୁଭୂତି ପିଣ୍ଡସ୍ଥ ବ୍ରହ୍ମାଣ୍ଡରେ ଥିବା ନାନା ସ୍ଥାନ ଭ୍ରମଣ କରେ । (୧)

ଜଗତ ଏ ମରଶରୀରକୁ ବୁଝାଏ । ଶ୍ୱାସପ୍ରଶ୍ୱାସର ହୃଦୟଜ କ୍ରିୟାରେ ନାମଭକ୍ତମାନେ ପ୍ରତି ମୁହୂର୍ତ୍ତରେ ପ୍ରତ୍ୟେକ ଚକ୍ର (ନାନାସ୍ଥାନ) ଭ୍ରମଣ କରୁଛନ୍ତି । ଏହି ନାମ ଆସ୍ୱାଦନ ଦ୍ୱାରା ଜୀବ ଅଚେତନ ହୋଇ ଜୀବନ ଅତିବାହିତ କରେ । ଚେତା ପେରିଲେ, ଅଙ୍ଗପ୍ରତ୍ୟଙ୍ଗରେ ଜ୍ୟୋତିଃବ୍ରହ୍ମଃ ବିରାଜମାନ କରେ । ଜୀବ ଭକ୍ତିପୂତ ହୋଇ ପ୍ରଭୁଙ୍କୁ ଲୟ ଲଗାଇଲେ, ଚୈତନ୍ୟ ରାଜ୍ୟରେ ପ୍ରବେଶ କରେ । ଫଳତଃ ଦୟାଲ୍ ଦେଶରେ କାରଣରେ ମଜ୍ଜି ବ୍ରହ୍ମ ତଥା ପ୍ରଭୁଙ୍କ ସହିତ ଭେଟ ହୁଏ । ସେହିଠାରେ ଭକ୍ତ ଓ ଭଗବାନଙ୍କର ଗୁପ୍ତଭାବ ପରିପ୍ରକାଶ ହୁଏ । (୨)

ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରିୟଶିଷ୍ୟ ରାମଦାସଙ୍କୁ ଅଷ୍ଟଇନ୍ଦ୍ରମଣ୍ଡଳର ନାମ କହୁଛନ୍ତି । ଜୀବ ଯେତେବେଳେ ମାତୃଗର୍ଭରେ ସ୍ଥାନ ପାଏ, ଦ୍ୱିତୀୟ ମାସରୁ ଅଷ୍ଟଇନ୍ଦ୍ରମଣ୍ଡଳରୁ ସୂକ୍ଷ୍ମରେ ଇନ୍ଦ୍ରିୟଗଣ ମୀନ ଅବସ୍ଥା ଧାରଣ କରି ରହିଥାଆନ୍ତି । ଇନ୍ଦ୍ରିୟାଦି ପୁଣି ବିଯୁକ୍ତ ହୋଇ ପଞ୍ଚମରୁ ସ୍ଥିର ସବିକାରରେ ଯୁକ୍ତ ହୋଇଯାଆନ୍ତି । ମହାଶୂନ୍ୟରେ ଥିବା ଆଶ୍ୱିନମଣ୍ଡଳରୁ ଭାବସ୍ଥାନ ସୂକ୍ଷ୍ମକୋଷରେ ମାତୃଗର୍ଭରେ ତୃତୀୟମାସରୁ ଯୋଗ ହୋଇଥାଏ । ପୂର୍ଣ୍ଣଶଶୀ ସଦୃଶ ବ୍ରହ୍ମ ରାଶି ରାଶି ହୋଇ ଚୈତନ୍ୟ ସହିତ ତତ୍ତ୍ୱ, ବ୍ରହ୍ମଃ, ସତ୍‌ନାମ ତିନିହେଁ ମିଶିଯାଆନ୍ତି । ଯୋଗୀ ଯେତେବେଳେ ଯୋଗସ୍ଥ ହୁଏ । ଚେତା ପେରିଲେ ଅନୁଭବରେ ଆସେ । (୩)

ପଦ୍ମାସନ ବା ସମାସନରେ ସମମୁଦ୍ରା କରି ତ୍ରିକୁଟକୁ ଲୟ ରଖି ଚକ୍ଷୁଦ୍ୱୋଳା ଯେତେବେଳେ ଅକ୍ଷଦଣ୍ଡ ତ୍ରିକୁଟର ସ୍ୱଚ୍ଛାବସ୍ଥାରେ ପହଞ୍ଚେ, ସେତେବେଳେ ସର୍ଯ୍ୟାଣୀ ପ୍ରଶ୍ୱାସବାୟୁ ଉର୍ଦ୍ଧ୍ୱ ଆସିଲେ, ବ୍ରହ୍ମଚର୍ଯ୍ୟ, ସଂଯମ ତଥା ଧାରଣ ଅବସ୍ଥାରେ ଯୋଗୀ ପହଞ୍ଚିଲା ବୋଲି ଅନୁଭବ କରେ । ଚନ୍ଦ୍ରାଣୀ ନିଃଶ୍ୱାସବାୟୁରେ ଦ୍ୱାପର ଯୁଗର ସମାପ୍ତି ଘଟେ । କଳି ମଧ୍ୟାନ୍ତରରେ କଳ୍କୀ ଅବସ୍ଥାରେ ମନୋଭାବ ସତ୍‌ପଥରେ କ୍ଷିପ୍ର ଗତିରେ ଦୌଡ଼େ ଘୋଡ଼ା ଦଉଡ଼ିଲା ପରି । ଅଶ୍ୱ ସ୍ୱରୂପରେ ଜ୍ଞାନ ଖଡ଼୍‌ଗ ଧାରଣ କରେ । ତଦ୍ୱାରା କୁକୋଷ କୁଜ୍ଞାନର କୁଇନ୍ଦ୍ରିୟଗୁଡ଼ିକର ଶୋଧନ ଶ୍ୱାସପ୍ରଶ୍ୱାସ ବାୟୁ ଦ୍ୱାରା ହୁଏ । ମନ୍ଦ ପବନକୁ ଜ୍ଞାନ ଖଡ଼୍‌ଗରେ ଛେଦନ କରେ । ସବିକଳ୍ପ ସମାଧି ଯୋଗରେ ଯୋଗୀ ଶକଟକ ମଣ୍ଡଳରେ ଅକ୍ଷର ତତ୍ତ୍ୱ ହ.ର.ମ.କ.କ୍ଷ- ଏହି ଅକ୍ଷରଗୁଡ଼ିକର ଦର୍ଶନ ଲାଭ କରେ । ଦର୍ଶନତତ୍ତ୍ୱକୁ ତିନିକଳ୍ପରେ ହୃଦୟ ମନ୍ଦିରରେ ପଶ୍ୟତି ତଥା ମଧ୍ୟମା ସୂତ୍ରରେ ରଖିବା ସମୟରେ କଳ୍କୀତତ୍ତ୍ୱ ବୀଜମହାମନ୍ତ୍ର ଅନୁଭବ କରି ଲକ୍ଷ୍ୟସ୍ଥଳରେ ପହଞ୍ଚେ । ବୈଖାରୀସୂତ୍ରାଦି ଦ୍ୱାରା ଯୋଗୀ, ମୁନି, ଋଷି ମହାମନ୍ତ୍ରକୁ ମର୍ତ୍ତ୍ୟଧାମରେ କଳ୍ପନ୍ତରରୁ ଭୂମିଷ୍ଠ କରିଥାଆନ୍ତି । (୪)

ଜୀବ ଯେତେବେଳେ ଚେତାପାଇ ପ୍ରଭୁଙ୍କ ଶ୍ରୀମୁଖରୁ ଚୈତନ୍ୟ ସଭାବାଣୀ ଶ୍ରବଣ କରେ, ମାୟାରେ ଜଡ଼ିତ ହୋଇ ବିଷୟା ବିଷୟମାନ ଗ୍ରହଣ କରି ମନ୍ଦ ହୋଇଯାଏ । ପ୍ରତ୍ୟେକ ଜୀବ ବ୍ରହ୍ମ ଅଂଶ ଅବତାର-ରଜ + ତମ ମିଶ୍ରିତ ସ୍ୱଭାବ, କଳ୍କୀ ଅବତାର । କଳିଯୁଗରେ ମୁଁ, ମୋର ଭାବ ଜୀବ ଭିତରେ ଦେଖାଯାଇ ପ୍ରଚାର ପ୍ରସାର କରେ ଓ ଚର୍ମରେ ପ୍ରାଣଶକ୍ତି ଥିବାରୁ ଲୋଭ, ମୋହ, ଅହଂକାର ଅଧିକ ମାତ୍ରାରେ ଦେଖାଯାଏ । ଜୀବ ଜନ୍ମହେବା କ୍ଷଣି ମନ୍ଦବାଣୀ ବାହାରେ । ଯୋଗୀ ନିର୍ବିକଳ୍ପ ସମାଧିରେ ପହଞ୍ଚି କଳ୍କୀ ଦର୍ଶନ ଅନୁଭବ କରି ସଦ୍‌ମତିରେ ପ୍ରଭୁଙ୍କର ବାଣୀ ପ୍ରଚାର କରେ । (୫)

ସୃଷ୍ଟି ଚଳଣି ସମୟରେ ଋଷିମାନେ ଜୀବଜଗତକୁ ଚଳିବା ପାଇଁ ସନ ସଂଖ୍ୟା ସାଧନାରୁ ଖସାଇଲେ । ଏହି ସନସଂଖ୍ୟା ''ଶୂନ୍ୟ'' ମଣ୍ଡଳରୁ ମହାଶୂନ୍ୟରେ ଥିବା ସଂଖ୍ୟାଗୁଡ଼ିକ ଜ୍ୟୋତିପୁଞ୍ଜ ହୋଇ ନୀଳବର୍ଣ୍ଣରେ ଥିଲା । ଶୂନ୍ୟ ମଣ୍ଡଳରୁ ଲକ୍ଷ୍ୟ କରି ଋଷିମାନେ ଅକ୍ଷର ଚିନ୍ତା (ସଂଖ୍ୟା)ର ସୂକ୍ଷ୍ମକୋଷମାନ ପିଣ୍ଡତତ୍ତ୍ୱକୁ ଆଣି ଓଁକାର

ଧ୍ୱନିଦ୍ୱାରା ପରାଶୁଷ୍ମ୍ୟ ରଖି ତପ ଶେଷ କରି ଚଉଦବ୍ରହ୍ମାଣ୍ଡରେ ମିଶାଇ ବହୁ ସୂକ୍ଷ୍ମସୂତ୍ରରେ ଅକ୍ଷର ତୁଣ୍ଡରେ ଉଚ୍ଚାରଣ କରି ତା'ର ସୂକ୍ଷ୍ମସୂତ୍ରୀ ବ୍ରାହ୍ମୀଲିପି ଥୋଇକରି ଗଲେ । ସନ ସଂଖ୍ୟାର ଜନ୍ମମଣ୍ଡଳକୁ ମହାଶୂନ୍ୟର ଶୁଷ୍ମ୍ୟମଣ୍ଡଳ କୁହାଯାଏ । ଏହି ମଣ୍ଡଳର ବ୍ରହ୍ମକଳ୍ପ ସଂଖ୍ୟା ଅଣାଅଶୀ, ଚଉଦ ମିଶାଇଲେ ତେୟାନବେ, ଚରମର ଲୀଳାପ୍ରକାଶ ଦିବସ । ଯୋଗୀ ତେୟାନବେ ପାଖୁଡ଼ାରେ ପହଞ୍ଚିଲେ,ଚରମ ସୂତ୍ରଦ୍ୱାରା ଜୀବପରମ କିପରି ଆଲୋକ ପକ୍ଷୀ ସଦୃଶ କ୍ରୀଡ଼ା କରୁଛନ୍ତି ତାହା ଦର୍ଶନରେ ଅନୁଭବ ହୁଏ । କଟୀରୁ ଗଳା ପର୍ଯ୍ୟନ୍ତ କୁଣ୍ଡଳିନୀ କୋଷ ସୂକ୍ଷ୍ମ ଭାବରେ ବ୍ରହ୍ମକୁ ସୂତ୍ର ଲଗାଇଥାଏ । ସୂକ୍ଷ୍ମଜଗତର ଯୁଗ ହେଉଛି ଚୈତନ୍ୟ ଚେତାପୁରୁଷ ଯାହାଙ୍କୁ ନିର୍ବିକଳ୍ପ ସମାଧିରେ ଭେଟକରି ଅନୁଭବ କରାଯାଏ, ସେହିଁ ବ୍ରହ୍ମ । ପ୍ରଭୁଙ୍କ ଲୀଳା ଜୀବ ମଧ୍ୟରେ ପ୍ରକଟ ହୁଏ । (୬)

ନିରାକାର ବ୍ରହ୍ମଙ୍କ ସହିତ ସଂଯୋଗ ସ୍ଥାପନ କରି ଅଚ୍ୟୁତ ଯେଉଁ ଆଜ୍ଞା ଶୁଣିଲେ ତାହା ରାମଦାସଙ୍କୁ କହୁଛନ୍ତି, 'ହେ ରାମ; ମୋର ଲୀଳା ଯେତେବେଳେ ପ୍ରକଟ ହେବ, ସେତିକିବେଳେ ଚାରିଖାନି ଭକ୍ତମାନେ ଏକତ୍ର ହେବେ । (୧)ଉଦେଖାନି-ଉତ୍ତମଯୋଗୀ(ଜ୍ଞାନୀ)-ସୂକ୍ଷ୍ମବୁଦ୍ଧି ସମ୍ପନ୍ନ । (୨) ଅସ୍ୱେଖାନି-ମଧ୍ୟମ ଯୋଗୀ (ପିଣ୍ଡତତ୍ତ୍ୱ ନିପୁଣ)- ସୂକ୍ଷ୍ମ ବିବେକ ସମ୍ପନ୍ନ । (୩) ମଧଖାନି -ଅଧମ ଯୋଗୀ (ଆତ୍ମତତ୍ତ୍ୱରେ ନାମ ଭଜନ)- ତୁଣ୍ଡରେ ଭଜନ୍ତି ନାହିଁ । (୪) ଊର୍ଦ୍ଧ୍ୱଖାନି-ବ୍ରହ୍ମଯୋଗୀ (ବ୍ରହ୍ମଜ୍ଞାନ ସୂତ୍ରକୁ ଧରି ସ୍ଥୂଳ, ସୂକ୍ଷ୍ମ, କାରଣରେ ଯେଉଁମାନେ ମୋତେ ଦର୍ଶନ କରନ୍ତି । ) ହେ ରାମ, ସେହିମାନେ ଏଠାରେ ଏକତ୍ର ହୋଇ ପ୍ରବେଶ କରିବେ ।(୭)

ରଜତମଗୁଣ ମିଶ୍ରିତ ଯେଉଁ କୁପ୍ରକୃତି ଓ କୁପ୍ରବୃତ୍ତି ବା କୁଭାବ ଗଠିତ ହୋଇଛି , ପିଣ୍ଡତତ୍ତ୍ୱରେ ତାହାହିଁ ହେଉଛି ଅଚ୍ଛବ କୁଳ । ପିଣ୍ଡର ବାହ୍ୟଭାବ ଅଚ୍ଛବର କୁଳ ଅଟେ । ମୁଁ ସେହି ବଂଶରେ ପରମବ୍ରହ୍ମ ରୂପେ ବିରାଜମାନ କରିବି । ମୋତେ ଯୋଗୀମାନେ ତପସ୍ୟା କରନ୍ତି । ଶୁଣରେ ରାମ; ପିଣ୍ଡରେ ମୁଁ ପ୍ରତ୍ୟେକ ଚକ୍ରରେ ସବୁରି କଳ୍ପଜ୍ଞାନ ନେଇ ଆସିଥାଏ । ମାୟା ପ୍ରଲୋଭିତ ଜୀବ ମୋତେ ଚିହ୍ନିପାରେ ନାହିଁ । (୧) ଗୁହ୍ୟ ଚକ୍ରରେ-ପକ୍ଷକଳ୍ପ ଜ୍ଞାନ । (୨) ଲିଙ୍ଗ ଚକ୍ରରେ-ସାକ୍ଷ କଳ୍ପଜ୍ଞାନ । (୩)ନାଭି ଚକ୍ରରେ -ରକ୍ଷକଳ୍ପ ଜ୍ଞାନ । (୪)ହୃଦ ଚକ୍ରରେ-ଅକ୍ଷ କଳ୍ପଜ୍ଞାନ । (୫) କଣ୍ଠ ଚକ୍ରରେ- ବକ୍ଷ କଳ୍ପଜ୍ଞାନ । (୬) ଆଜ୍ଞା ଚକ୍ରରେ -କକ୍ଷ କଳ୍ପଜ୍ଞାନ, ବିଜ୍ଞାନ ନେଇ ଜୀବ ମଧ୍ୟରେ ଆସିଥାଏ । (୮) ହେ ରାମ; ଚରମ ଜ୍ଞାନ ମଧ୍ୟ ଗୋପନରେ ଥାଏ । ଆମ କରୁଣାରୁ ଜୀବ ସେହି ଗୁପ୍ତ ଚରମ ଜ୍ଞାନ ଉପଲବ୍ଧି କରି ପ୍ରାପ୍ତ ହୁଏ । ଅଜ୍ଞାନମାନେ ଏହା ଜାଣିପାରନ୍ତି ନାହିଁ । (୯)

ରାମରେ;ଜଡ଼ଜୀବ ନିଜକୁ ଭଣ୍ଡ ସଜାଇ (ମାୟାଜୀବ) ଢେକି ରଖେ । ଏ ଜାଗତିକ ଦୁନିଆରେ ଯେତେ କାର୍ଯ୍ୟ କରେ ମୁଁ କରିଛି, ମୋର ବୋଲି ପରିଚୟ ଦେବାବେଳେ ବ୍ରହ୍ମ ପିଣ୍ଡ ମଧ୍ୟରେ ସାକ୍ଷୀ ସ୍ୱରୂପରେ ଥାଏ । ଏକଥା ଅଚ୍ୟୁତାନନ୍ଦ ବାଛି ବାଛି କରି ରାମଦାସଙ୍କୁ କହୁଛନ୍ତି । (୧୦)



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ନାରୀ ଏକ ସୃଷ୍ଟି । ନାରୀ : ଗୋଟିଏ ନଦୀ, କୋଟିଏ ତରଙ୍ଗ ତୋଳେ । ନାରୀର ହୃଦୟ ଅନନ୍ତ ଆକାଶ ପରି ଉଦାର । ଏ ଆକାଶରେ ଜହ୍ନ ଉଏଁ, ତା'ର ଚାରିପାଖେ କୋଟି କୋଟି ତାରା ଫୁଲ ଫୁଟେ । ନିଖିଳ ବିଶ୍ୱର ମାନବଙ୍କୁ ଏହି ନାରୀ ଜଠରରେ ଧରି ଜନନୀର ଆଖ୍ୟା ଲଭେ । ମାତୃତ୍ୱର ଗୌରବ ଟିକା ଲଲାଟରେ ଲଗାଇବା ପାଇଁ ନାରୀର ତ୍ୟାଗ ସର୍ବଶ୍ରେଷ୍ଠ । ଏହି ଅତୁଳନୀୟ ତ୍ୟାଗର ପରାକାଷ୍ଠା ଜନନୀର ଦାନ, ମାତୃତ୍ୱର ଉପହାର ଏବଂ ଶକ୍ତିର ଉତ୍ସ । ଏହି ମର୍ମରେ ନାରୀର ପୂଜା ସମାଜର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ । ଭୂମିଷ୍ଠ ହେବା ମାତ୍ରେ ପ୍ରତ୍ୟେକ ବ୍ୟକ୍ତି ଜନନୀର ପାଦତଳେ ମଥା ରଖେ, କୁଆଁ କୁଆଁ କାନ୍ଦି ବିଶ୍ୱ ଜନନୀର ସ୍ତବପାଠ କରେ । ଜନନୀର ପାଦତଳେ କାକୁତି ଓ ମିନତି କରେ ଜୀବନରସ ପାନ କରି କ୍ଷୁଧାତୃଷ୍ଣାର ତାଡ଼ନାରୁ ରକ୍ଷା ପାଇ ଜୀବନ ଧାରଣ କରିବା ନିମନ୍ତେ । କସ୍ମିନ୍‌କାଳେ ମାତୃତ୍ୱ ଭୋଗ ପିପାସା ଜାହିର୍ କରେନା । ତ୍ୟାଗନିଷ୍ଠାର ମୂର୍ତ୍ତିମନ୍ତ ପ୍ରତୀକ ମାଆ । ସେବାବ୍ରତର ଅନିର୍ବାଣ ଦୀପ ଏହି ମାତୃତ୍ୱ । ଆସନ୍ତୁ ମାତୃତ୍ୱର ବନ୍ଦନା କରିବା, ଜୟଗାନ ଓ ଉପାସନା କରିବା । ଏ ପାଖୁଡ଼ାର ଅର୍ଘ୍ୟ ।*

## ମାତୃତ୍ୱର ଉପହାର

ନାରୀ ଅର୍ଥ ଶକ୍ତି । ଏହା ଯୁଗେ ଯୁଗେ ପରୀକ୍ଷିତ, ସିଦ୍ଧାନ୍ତ ତଥ୍ୟ ଓ ତତ୍ତ୍ୱ । ପ୍ରତ୍ୟେକ ପୁରୁଷର ପ୍ରତିଟି ସଫଳତା ପଛରେ ଜଣେ ଜଣେ ମହୀୟସୀ ନାରୀର ପ୍ରଚ୍ଛନ୍ନ ଭୂମିକା ଥାଏ । ନାରୀ ବହୁ ଭାବରେ ଭିନ୍ନ ପ୍ରକାର ସଂପର୍କରେ ପୁରୁଷ ସହିତ ସଂପୃକ୍ତ । ତନ୍ମଧ୍ୟରୁ ନାରୀର ପ୍ରଧାନ ଭୂମିକା : ଜନନୀ, ଜାୟା, ଭଗିନୀ, କନ୍ୟା । ବୈଦିକ ଯୁଗରେ ତଥା ପ୍ରାଚୀନ ଭାରତୀୟ ସଂସ୍କୃତି ଓ ସମାଜରେ ନାରୀର ଗୁରୁତ୍ୱପୂର୍ଣ୍ଣ ଗୌରବ ବିମଣ୍ଡିତ ସ୍ୱଚ୍ଛ ଭୂମିକା ଥିଲା । ମାତ୍ର ଭାରତରେ ବୈଦେଶିକ ଶାସନ କାଳରେ ହୁନ୍, ପଠାଣ, ମୋଗଲ ଓ ଇଂରେଜ ଶାସନ କାଳରେ କ୍ରମପର୍ଯ୍ୟାୟରେ ନାରୀର ମହିମାମୟ ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ଆଦି ଗୌରବମୟ ଭୂମିକା ଖର୍ବ ହେଲା । ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ଅର୍ଦ୍ଧଶତାବ୍ଦୀ ଗତ ହେବା ପରେ ବି ଆଜି ଆମେ ଅଥର୍ବ, ପଙ୍ଗୁ ଓ ଶ୍ରୀହୀନ । ଇତିହାସରୁ ପ୍ରାପ୍ତ ତଥ୍ୟ ଅନୁସାରେ ପଞ୍ଚଦଶ/ଷୋଡ଼ଶ ଶତାବ୍ଦୀ କାଳରୁ ଅଦ୍ୟାବଧି ବିଗତ ପାଞ୍ଚଶହ ବର୍ଷ ଧରି ଆମ ସମାଜରେ ନାରୀମାନେ ନିର୍ଯ୍ୟାତିତା ହୋଇ ଆସୁଛନ୍ତି ।

ମା' ହିଁ ସନ୍ତାନ ସନ୍ତତିଙ୍କର ପ୍ରଥମ ଓ ଶ୍ରେଷ୍ଠ ଗୁରୁ । ମାତୃ ଆଶୀର୍ବାଦରୁ ମାଆଠାରୁ ଯେଉଁ ଶିକ୍ଷା ମିଳିଥାଏ, ତାହା ଜୀବନ ସୌଧର ମୂଳଦୁଆ ପକାଇଥାଏ । ମୂଳଦୁଆ ଦୁର୍ବଳ ହେଲେ ବଡ଼ ଅଟ୍ଟାଳିକା ନିର୍ମାଣ ସମ୍ଭବ ହୋଇପାରେ ନାହିଁ । ମାତାର ଶିକ୍ଷା ସେହିପରି ଦୁର୍ବଳ ହେଲେ, ପୁତ୍ରକନ୍ୟାମାନେ ବଡ଼ ମଣିଷ, ମଣିଷ ପରି ମଣିଷ ବା ଦିବ୍ୟାତ୍ମା ହୋଇପାରନ୍ତି ନାହିଁ । ଏଥିରୁ ସନ୍ତାନମାନଙ୍କର ଦିବ୍ୟଜୀବନ ଗଠନରେ ମାଆର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହାର ଆକଳନ କରାଯାଇପାରେ । ମାତୃଜାତିର ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଅବଗତ ହୋଇ ବି ଆମେ ଆଜି ସେହି ଦେବୀସ୍ୱରୂପାଙ୍କୁ ଅବହେଳା କରିଆସୁଛୁ, ଏହା ଆମର

ସାମାଜିକ ଜୀବନର ଅନ୍ୟତମ ଅପରାଧ । ତଥାପି ମାତୃଶକ୍ତି ସର୍ବଂସହା । ଆପଣା ତ୍ୟାଗବ୍ରତରେ ଏକନିଷ୍ଠା ମାତୃସମାଜ ଆମର ଜଘନ୍ୟ ଅପରାଧକୁ ମଥାପାତି ସହିନେଇ ଆମ ଜୀବନର ଚଲାପଥରେ ସ୍ନେହ,ଶ୍ରଦ୍ଧା,ମମତା,ପ୍ରେମପ୍ରୀତିର ଫୁଲ ଚନ୍ଦନ ବରଷି ଯାଉଛି । ନୀରସ ଜୀବନକୁ ସରସ ସୁନ୍ଦର କରି ତୋଳୁଛି; ପ୍ରେରଣା ଓ ଉତ୍ସାହର ଉତ୍ସ ହୋଇ ଆମକୁ କର୍ମପ୍ରବଣ କରି ତୋଳୁଛି । ବାସ୍ତବରେ ମାତୃତ୍ୱର ଉପହାର ଅବିସ୍ମରଣୀୟ, ଅତୁଳନୀୟ, ଅନିର୍ବଚନୀୟ । ନାରୀ ନିକଟରେ ପୁରୁଷ ଆଜି ଛୋଟ ହୋଇଯାଇଛି । ମାତୃତ୍ୱର ଦିବ୍ୟ ଉପହାର ଅକାତରରେ ଦାନ କରିଚାଲିଛି ନାରୀ; ପୁରୁଷ ମଧ୍ୟ ନିର୍ବିଚାରରେ ତାହା ଗ୍ରହଣ କରି କୃତଜ୍ଞତା ପ୍ରଦର୍ଶନ କରିବା ପରିବର୍ତ୍ତେ ଜଘନ୍ୟତମ କୃତଘ୍ନତାର ପ୍ରତ୍ୟୁପହାର ଦେଇ ଚାଲିଛି ଅବିବେକୀ ହୋଇ । ଅହଂକାରୀ ପୁରୁଷ ସମାଜ ପାଇଁ ଏହା ପ୍ରଚ୍ଛନ୍ନ ଲାଞ୍ଛନା ନୁହେଁ କାହିଁକି ?

ନାରୀ ଓ ପୁରୁଷ ସମାଜରୂପକ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ଏକ ବିନା ଅନ୍ୟଟି ପୂର୍ଣ୍ଣାଙ୍ଗ ସର୍ବାଙ୍ଗସୁନ୍ଦର ହୋଇ ନ ପାରେ । ଉଭୟେ ଉଭୟଙ୍କର ପ୍ରତିଯୋଗୀ ନୁହଁନ୍ତି, ସହଯୋଗୀ, ପରିପୂରକ ଓ ଅନୁପୂରକ ମଧ୍ୟ । ଯୋଗାଇଦେବା ପୁରୁଷର ପ୍ରଧାନ କାମ, ସେହିପରି ସଯତ୍ନ ରକ୍ଷଣାବେକ୍ଷଣ କରିବା ଦାୟିତ୍ୱ ନାରୀର । ଏହି ପରିପ୍ରେକ୍ଷୀରେ ପ୍ରାଚୀନ ଭାରତର ନାରୀ ଥିଲେ ପୂଜନୀୟା, ସମାଜରେ ଉପାସ୍ୟ । ବୈଦିକ ନାରୀଶକ୍ତିର ଉପାସନାରେ ମୁଖରିତ ଆମର ପ୍ରାଚୀନ ସଂସ୍କୃତି ଗାଇଉଠେ : 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ ।' ପ୍ରାଚୀନ ବୈଦିକ ଧର୍ମ ଜୀବନ ଓ ଦର୍ଶନରେ ମାତୃଜାତିକୁ ଶକ୍ତି,ସମ୍ପତ୍ତି,ଜ୍ଞାନର ଅଧିକାରିଣୀ ରୂପେ ପୂଜା କରାଯାଉଥିଲା । ତାହାର ଜ୍ୱଳନ୍ତ ପ୍ରମାଣ ଦେବୀ ଦୁର୍ଗା । ଆଜି ବି ଆମେ ପୂଜା କରୁ ମାତା ଦୁର୍ଗାଙ୍କୁ; ମାତ୍ର ଏ ପୂଜାରେ ତ୍ୟାଗ,ନିଷ୍ଠା,ସେବା ନ ଥାଏ; ଥାଏ ଭୋଗ, ଆତ୍ମତୃପ୍ତି, ଆତ୍ମ ଅଭିରୁଚି ଓ ଆତ୍ମକୈନ୍ଦ୍ରିକତା । ଦେବୀଦୁର୍ଗାଙ୍କର ତ୍ରିରୂପ : ମହାକାଳୀ- ଶକ୍ତି ଓ ସିଦ୍ଧିପ୍ରଦା,ମହାଲକ୍ଷ୍ମୀ -ଧନ,ସମ୍ପତ୍ତି ଓ ବିଭୂତିପ୍ରଦା ଏବଂ ମହାସରସ୍ୱତୀ-ଜ୍ଞାନ,ବିଦ୍ୟା,କଳା ଓ ସଂସ୍କୃତିପ୍ରଦା ।

ପ୍ରାଚୀନ ଭାରତରେ ନାରୀର ମର୍ଯ୍ୟାଦା ଆଲୋଚନା କାଳରେ ମୈତ୍ରେୟୀ, ଗାର୍ଗୀ, ଲୀଳାବତୀ (ଗଣିତ), ଭାରତୀ (ଦର୍ଶନ), କ୍ଷମା(ବିଜ୍ଞାନ)ଙ୍କର ନାମ ସ୍ମରଣଯୋଗ୍ୟ । ଇତିହାସରେ ନାରୀର ମହୀୟସୀ ଗୁଣର ଦ୍ୟୋତକ ଲକ୍ଷ୍ମୀବାଈ, ଦୁର୍ଗାବତୀ, ସାଧିକାରସିକା ମୀରାବାଈ ଏବଂ ଆଧୁନିକ ଇତିହାସରେ ଇନ୍ଦିରାଗାନ୍ଧୀ, ମଦର ଟେରେସା, ବିଜୟଲକ୍ଷ୍ମୀ ପଣ୍ଡିତ, ସରୋଜିନୀ ନାଇଡୁ ଏବଂ ସୁଚେତା କୃପାଳିନୀ ଇତ୍ୟାଦି ମାତୃଜାତିର ମୁଖ ଉଜ୍ଜ୍ୱଳ କରିଅଛନ୍ତି । ପୁରାଣ ପୃଷ୍ଠାର ତତ୍ତ୍ୱ ମୀମାଂସାରେ ବିଶ୍ୱଜନନୀ ମାତୃଶକ୍ତିର ସ୍ଥୂଳ, ସୂକ୍ଷ୍ମ, କାରଣ ଏବଂ ଅବ୍ୟକ୍ତ ରୂପ ସ୍ୱରୂପ ଦେବୀ ଦୁର୍ଗାଙ୍କର ଚାରି ରୂପ ଓ ଗୁଣ ସାଧକମାନଙ୍କର ଉପାସନାର କେନ୍ଦ୍ରବିନ୍ଦୁ ରୂପେ ଉଦ୍‌ଭାସିତ : ବିଷ୍ଣୁ ମାୟା - ସ୍ନେହମୟୀ ଜନନୀ, ଯୋଗମାୟା-ସିଦ୍ଧି, ଶକ୍ତି, ବିଭୂତି ପ୍ରଦାୟିନୀ, ମହାମାୟା-ଜ୍ଞାନ, ବିଦ୍ୟା, ଦୟା, କ୍ଷମାଧାରିଣୀ ଏବଂ ବୈଷ୍ଣବୀ ମାୟା-ତତ୍ତ୍ୱ, ବିଜ୍ଞାନ, କୈବଲ୍ୟ,ମୁକ୍ତିମୋକ୍ଷ ପ୍ରଦାୟିନୀ । ଜନନୀ ପ୍ରେମମୟୀ, ତ୍ୟାଗମୟୀ, ସେବାମୟୀ, ସ୍ନେହମୟୀ ତଥା ଭୋଗମୟୀ ।

ତ୍ରେତାଯୁଗରେ ପଞ୍ଚବଟୀରୁ ସୀତାଦେବୀଙ୍କର ହରଣ ପରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ସତୀସୀତାଙ୍କ ବିରହରେ ମ୍ରିୟମାଣ ହୋଇ କ୍ରନ୍ଦନ କରୁଥିବାର ଲକ୍ଷ୍ୟ କରି ଲକ୍ଷ୍ମଣ କହିଥିଲେ: 'ଦେବ; ଅଧୟ ହେଉଛନ୍ତି କାହିଁକି ? ଆଦେଶ ଦିଅନ୍ତୁ, ଗୋଟିଏ ସୀତାଙ୍କ ସ୍ଥାନରେ କୋଟିଏ ସୀତା ଆଣି ଆପଣଙ୍କ ପାଦତଳେ ଅର୍ଘ୍ୟ ଦେବି ।' ଅନୁଜ ଲକ୍ଷ୍ମଣଙ୍କର ପିଠି ସ୍ନେହରେ ଥାପୁଡ଼େଇ ଦେଇ ଶ୍ରୀରାମଚନ୍ଦ୍ର ଉତ୍ତର ଦେଲେ: 'ବାବୁରେ: ସୀତା କ'ଣ ଆଉ ଦ୍ୱିତୀୟ କେହି ଏହି ଧରାଧାମରେ ମିଳିପାରିବେ ? ଭକ୍ତକବି ହନୁମନ୍ତଙ୍କ ବିରଚିତ ମହାନାଟକରେ ରାମଚନ୍ଦ୍ର ସୀତାଙ୍କର ଗୁଣଗାନ କରନ୍ତି :

''କାର୍ଯ୍ୟେଷୁ ମନ୍ତ୍ରୀ କରଣେଷୁ ଦାସୀ । ଧର୍ମେଷୁ ପତ୍ନୀ କ୍ଷମୟା ଧରିତ୍ରୀ ॥
ସ୍ନେହେଷୁ ମାତା ଶୟନେଷୁ ବେଶ୍ୟା । ରଙ୍ଗେ ସଖୀ ଲକ୍ଷ୍ମଣ, ସା ପ୍ରିୟା ମେ ॥''

ମାତା ସତୀସୀତାଙ୍କର ଏତେ ଗୁଣ ଥିଲା । ପ୍ରତ୍ୟେକ ନାରୀ ଏହି ସକଳ ଦିବ୍ୟଗୁଣରେ ଗୁଣାନ୍ୱିତା ହୋଇ ମାତୃଜାତିର ସଂହତି, ସଂସ୍କୃତିର ସୁରକ୍ଷାରେ ବ୍ରତଚାରିଣୀ ହେବା କର୍ତ୍ତବ୍ୟ । ଏହାହିଁ ନାରୀ ସମାଜ ପାଇଁ ଶ୍ରୀଶ୍ରୀ ଗୁରୁସ୍ୱାମୀ ଠାକୁରଙ୍କର ଆଜ୍ଞା ଏବଂ 'ଆଜ୍ଞା ଗୁରୁଣାମ୍ ଅବିଚାରଣୀୟା'ନ୍ୟାୟରେ ନିର୍ବିଚାରରେ ପ୍ରତ୍ୟେକ ନାରୀ ସକଳ ସଦ୍‌ଗୁଣରେ ବିଭୂଷିତା ହୋଇ ମାତୃଶକ୍ତିର ପରାକାଷ୍ଠା ପ୍ରଦର୍ଶନରେ ଦୃଢ଼ ହେଲେ, ଅବିବେକୀ ପୁରୁଷମାନେ ଦୁରାଚାରୀ ହେବାକୁ ସାହସ ମଧ୍ୟ କରିପାରିବେ ନାହିଁ ।

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

*ଜୀବନରେ ପିଲାଏ, ଗର୍ବ କଲେ ଶିକ୍ଷା ଲାଭ ହୁଏ ନାହିଁ ବା ସଫଳତା ମିଳେ ନାହିଁ । ତେଣୁ ଶଙ୍କରଦେବ କହିଛନ୍ତି: 'ମା କୁରୁ ଧନଜନ ଯୌବନ ଗର୍ବଂ ।' କୌଣସିଥିରେ ଆଗୁଆ ହେଲେ କେବେ ବି ଗର୍ବ କରିବ ନାହିଁ ଏହା ଅଧଃପତନର ପଥ ଖୋଲିଦିଏ । ଏଠାରେ ତମମାନଙ୍କର ଜାଣିବା ନିମନ୍ତେ ପୁରାଣରୁ ଗଳ୍ପଟିଏ ବାଛି ଦିଆଗଲା । ''କେଡ଼େ ତପସିଦ୍ଧ ଋଷି ଗର୍ବ ଫଳରୁ କିପରି ଲାଞ୍ଛନା ପାଇଛନ୍ତି ପଢ଼ି, ଶିଖ ! ଏ କଥାଟି ମନେ ରଖିପାରିଲେ, ତମର ଗର୍ବ ଭାବ ଉଦୟ ହେବ ନାହିଁ କି ତମକୁ ଲାଞ୍ଛନା ଲଭିବାକୁ ହେବ ନାହିଁ ।''*

## ଗର୍ବ ଗଂଜନ

ଦ୍ୱାପର ଯୁଗର କଥା । ସେ ଯୁଗରେ ଠାକୁରେ କୃଷ୍ଣ ନାମ ଧରି ଲୀଳା କରୁଥିଲେ । ସେହି ସମୟରେ ମାଣ୍ଡୁକ ବୋଲି ଜଣେ ଋଷି ଥିଲେ । ସେ ଘୋର ବନ ମଧ୍ୟରେ ଆଶ୍ରମ କରିଥିଲେ । ଆଶ୍ରମରେ ତାଙ୍କର ଅନେକ ଶିଷ୍ୟ ଥିଲେ । ଋଷି ମାଣ୍ଡୁକ କଠିନ ତପ ସାଧନ କରୁଥିଲେ । ଏକଦା ଏକ ଲୟରେ ସେ ସପ୍ତାହେ ଧରି କଠୋର ତପସ୍ୟାରେ ଧ୍ୟାନମଗ୍ନ ହେଲେ ଠାକୁରେ ସନ୍ତୁଷ୍ଟହୋଇ ମାଣ୍ଡୁକଙ୍କ ନିକଟରେ ଉପସ୍ଥିତ ହୋଇ କୋମଳ ସ୍ୱରରେ କହିଲେ: 'ବତ୍ସ;ଆମେ ତମ ତପସ୍ୟାରେ ସନ୍ତୁଷ୍ଟ । ତମେ କି ବର ମାଗୁଛ, ମାଗ ।' ଋଷି ତପସାଧନ ଆରମ୍ଭରେ କୌଣସି ପ୍ରାପ୍ତି ଆଶା ରଖି ତପସ୍ୟା କରୁ ନ ଥିଲେ । ତେଣୁ ଠାକୁରଙ୍କ ଚରଣରେ ଭକ୍ତିରେ ସାଷ୍ଟାଙ୍ଗ ପ୍ରଣାମ ଜଣାଇ ବର ନ ମାଗି ନୀରବ ରହିଲେ । ଠାକୁରେ ତ ଅନ୍ତର୍ଯ୍ୟାମୀ ପୁରୁଷ । ସେ ଋଷିଙ୍କର ମନକଥା ଜାଣି କହିଲେ, 'ଆଚ୍ଛା, ଠିକ୍ ଅଛି । ଆମେ ପୁଣି ମାସକ ପରେ ତୁମକୁ ଭେଟିବୁ । ତମେ ଏ ମଧ୍ୟରେ ମନ ସ୍ଥିର କରି ଯେଉଁ ବର ମାଗିବା କଥା ତାହା ମାଗିବ ।' ଏତକ କହି ଠାକୁରେ ସ୍ୱସ୍ଥାନକୁ ବାହୁଡ଼ିଗଲେ ।

ତପସ୍ୟା ସଫଳ ହୋଇଥିବାରୁ ମାଣ୍ଡୁକ ଆନନ୍ଦିତ ହୋଇ ଶିଷ୍ୟମାନଙ୍କୁ ଏହି ଶୁଭ ସମ୍ବାଦ ଦେଲେ । ଶିଷ୍ୟମାନେ ଗୁରୁଦେବଙ୍କର ଏହି ଆଶ୍ଚର୍ଯ୍ୟ ତପସାଧନାରେ ପରମପ୍ରୀତ ହୋଇ ତାଙ୍କୁ ବହୁତ ପ୍ରଶଂସା କଲେ । ମାଣ୍ଡୁକଙ୍କ ତପସିଦ୍ଧିର ବାର୍ତ୍ତା ଚାରିଆଡ଼େ ବନାଗ୍ନି ସଦୃଶ ପ୍ରଚାରିତ ଓ ପ୍ରସାରିତ ହୋଇଗଲା । ଅନେକେ ତାଙ୍କୁ ଭୂରି ଭୂରି ପ୍ରଶଂସା କଲେ । ଅନେକଙ୍କ ମୁହଁରୁ ନିଜ ପ୍ରଶଂସା କଥା ବାରମ୍ବାର ଶୁଣି ଧୀରେ ଧୀରେ ମାଣ୍ଡୁକଙ୍କ ଅନ୍ତଃକରଣରେ ଗର୍ବ ଅହଙ୍କାର ଅଭିମାନ ବସାବାନ୍ଧି ଜମାଟ ହୋଇରହିଲା । କିଛିଦିନ ପରେ ମାଣ୍ଡୁକ ଶିଷ୍ୟମାନଙ୍କୁ ଧରି ଗଙ୍ଗାରେ ସ୍ନାନ କରିବାକୁ ଗଲେ । ସ୍ନାନ ସାରି ଫେରନ୍ତା ପଥରେ ରେବ ରାଜର୍ଷି ତାଙ୍କର ପତ୍ନୀ ଏବଂ ବାର ଜଣ ସନ୍ତାନସନ୍ତତିଙ୍କ ସହିତ ଗଙ୍ଗା ସ୍ନାନ ସାରି ଫେରୁଥିବାର ଦେଖିଲେ । ଶିଷ୍ୟମାନେ ଗୁରୁଜୀଙ୍କୁ ଏ କିପରି ରାଜର୍ଷି ବୋଲି ପ୍ରଶ୍ନ କଲେ । ମାଣ୍ଡୁକ କହିଲେ, 'ଏ ତ ପିଲାଛୁଆ ଧରି ସଂସାର କରି ହନ୍ତସନ୍ତ ହେଉଛନ୍ତି, ଏ କିପରି ରାଜର୍ଷି ହେଲେ ମୁଁ ବୁଝିପାରୁ ନାହିଁ ।' ଏ କଥା ସିନା ଋଷି କହିଦେଲେ, ହେଲେ ତାଙ୍କର ମନ ମାନିଲା ନାହିଁ । ମନେ ମନେ ସ୍ଥିର କଲେ ଠାକୁରଙ୍କ ସହିତ ସାକ୍ଷାତ ହେଲେ, ଏ ବିଷୟ ପଚାରି ବୁଝିବେ ।

ଏ ମଧ୍ୟରେ ମାସଟିଏ ବିତିଗଲା । ଯଥାସମୟରେ ଠାକୁରେ ବିଷ୍ଣୁନାରାୟଣ ରୂପରେ ମାଣ୍ଡୁକ ଋଷିଙ୍କୁ ଦର୍ଶନ ଦେଲେ । ମାଣ୍ଡୁକ ଠାକୁରଙ୍କୁ ବର ମାଗିବା କଥା ଭୁଲିଯାଇ ରାଜର୍ଷି ରେବଙ୍କ ବିଷୟରେ ପ୍ରଶ୍ନକଲେ । ଶ୍ରୀବିଷ୍ଣୁନାରାୟଣରୂପୀ ଠାକୁରେ ହସି ହସି କହିଲେ, 'ବତ୍ସ, ସେ ମୋ ଭକ୍ତ । ମୋଠାରେ ଭକ୍ତିଭାବ ଅତୁଟ ରଖିଛି । ଆମଠାରେ ଭକ୍ତିଭାବ ରଖିବା ପ୍ରଧାନ

କଥା । ମନ ନିର୍ମଳ ଓ ଚିତ୍ତ ଏବଂ କାୟାଶୁଦ୍ଧି ନ ହେଲେ ସନ୍ୟାସ ନେବାର ମୂଲ୍ୟ ନାହିଁ । ତମେ ତମର ସନ୍ଦେହ ମୋଚନ ନିମନ୍ତେ ତପଶିଳାକୁ ଯାଅ । ସେହି ଶିଳା ନିକଟରେ ବସ୍ତିଟିଏ ଅଛି । ସେହି ବସ୍ତିରେ ସୁଶୀଳ ବୋଲି ଜଣେ ଗୃହୀ ଅଛନ୍ତି । ତମେ ଯଥାଶୀଘ୍ର ଯାଇ ତାଙ୍କୁ ସାକ୍ଷାତ କର ।' ଏତିକି କହି ଠାକୁରେ ଅନ୍ତର୍ଦ୍ଧାନ ହୋଇଗଲେ ।

ମାଣ୍ଡବ ଶିଷ୍ୟମାନଙ୍କୁ ସାଙ୍ଗରେ ଧରି ତପଶିଳାକୁ ଗଲେ । ତପଶିଳା ନିକଟସ୍ଥ ଏକ ଆମ୍ବବଗିଚାରେ ଏକାକୀ କିଛି ସମୟ ଧ୍ୟାନସ୍ଥ ହେବାର ଇଚ୍ଛା ପ୍ରକାଶ କରି ସେ ଶିଷ୍ୟମାନଙ୍କୁ ଆମ୍ରବନଠାରୁ ଦୂରରେ ଥିବା ଏକ ବଟ ବୃକ୍ଷଛାୟାରେ ବିଶ୍ରାମ ନେବାକୁ ଆଜ୍ଞା ଦେଲେ । ଧ୍ୟାନମଗ୍ନ ଥିବା ସମୟରେ ଏକ କାଉ ଋଷିଙ୍କ ଉପରେ ମଳତ୍ୟାଗ କରିବାରୁ ଋଷିଙ୍କର ଧ୍ୟାନ ଭାଙ୍ଗିଗଲା । ମାଣ୍ଡୁକ ତୀବ୍ର ଦୃଷ୍ଟିରେ କାଉକୁ ଚାହିଁବାରୁ ତାଙ୍କ ତପୋଶକ୍ତି ଯୋଗୁଁ କାଉଟି ପୋଡ଼ି ପାଉଁଶ ହୋଇଗଲା । କିନ୍ତୁ ଦୁର୍ଭାଗ୍ୟ ଆସିବା ପୂର୍ବରୁ ଆପଣା ସହଚର ଗର୍ବ ବା ଅହଂଭାବକୁ ଆଗରେ ପଠାଇଥାଏ । ଏହି ଘଟଣାରୁ ମାଣ୍ଡୁକଙ୍କର ଅହଂକାର ଅଧିକ ବଢ଼ିଗଲା ।

ଋଷି ଏହାପରେ ଶିଷ୍ୟମାନଙ୍କୁ ସାଥିରେ ଧରି ସୁଶୀଳଙ୍କ ଘରେ ପହଞ୍ଚିବା ବେଳକୁ ସେ ଘରେ ନ ଥିଲେ । ତାଙ୍କ ସ୍ତ୍ରୀ ଗୃହକର୍ମରେ ବ୍ୟସ୍ତ ଥିଲେ । ମାଣ୍ଡୁକଙ୍କ ପ୍ରଶ୍ନର ଉତ୍ତରରେ ସୁଶୀଳଙ୍କ ସ୍ତ୍ରୀ କହିଲେ, 'କ୍ଷମା କରିବେ;ସ୍ୱାମୀ ଘରେ ନାହାଁନ୍ତି । ତାଙ୍କର ବିନା ଆଦେଶରେ ମୁଁ ଆପଣଙ୍କର ସେବା ପରିଚର୍ଯ୍ୟା କରିପାରିବି ନାହିଁ । ସେ ଆସିବା ପର୍ଯ୍ୟନ୍ତ ଆପଣ ବାରଣ୍ଡାରେ ଅପେକ୍ଷା କରନ୍ତୁ ।' ସାମାନ୍ୟ ସ୍ତ୍ରୀଟିର ଏପରି ଅସୌଜନ୍ୟ ବ୍ୟବହାରରେ ମାଣ୍ଡୁକ କ୍ଷୁବ୍ଧ ହୋଇ ତୀବ୍ର ଦୃଷ୍ଟିରେ ସୁଶୀଳଙ୍କ ସ୍ତ୍ରୀଙ୍କୁ ଚାହିଁଲେ । ସେ ଭାବିଥିଲେ ତାଙ୍କର ତପୋଶକ୍ତି ବଳରେ ସୁଶୀଳଙ୍କ ସ୍ତ୍ରୀର ଅବସ୍ଥା ଆମ୍ରବନର କାଉଟି ପରି ହେବ । ମାତ୍ର ତାହା ହେଲା ନାହିଁ । ଋଷି ମାଣ୍ଡୁକଙ୍କର ଆପଣା ତପସ୍ୟାର ଶକ୍ତି ଉପରେ ସନ୍ଦେହ ଆସିଲା । ସୁଶୀଳଙ୍କ ସ୍ତ୍ରୀ ହସିଦେଇ କହିଲେ: ' ହେ ତପସ୍ୱୀ; ମୋତେ ଆମ୍ବବଣର କାଉ ପରି ମନେ କଲେ କି ?' ଋଷି ତତୋଽଧିକ ଆଶ୍ଚର୍ଯ୍ୟ ହୋଇଗଲେ: ଗୃହଲକ୍ଷ୍ମୀ ସ୍ତ୍ରୀଟିଏ । ଆମ୍ବବଣର କାଉ ଘଟଣା ଜାଣିଲା କିପରି ?

ଇତ୍ୟବସରରେ ସୁଶୀଳ ଘରକୁ ବାହୁଡ଼ି ଆସିଥିଲେ । ସେ ଋଷି ଓ ଶିଷ୍ୟମାନଙ୍କୁ ସ୍ୱାଗତ କଲେ । ଯଥାବିଧି ପାଦ୍ୟାର୍ଘ୍ୟ ଦେଇ ଘର ଭିତରକୁ ଆହ୍ୱାନ କଲେ । ତାଙ୍କ ପତ୍ନୀ ମଧ୍ୟ ଅଳ୍ପସମୟ ମଧ୍ୟରେ ସମସ୍ତଙ୍କ ପାଇଁ ଖାଦ୍ୟପାନୀୟର ବ୍ୟବସ୍ଥା କରିଦେଲେ । ଆସନ ପକାଇ ଖାଦ୍ୟ ପରିବେଷଣ କରାଗଲା । ଋଷି ଦେଖିଲେ ସଦ୍ୟପକ୍ୱ ଖାଦ୍ୟ ଗରମ ନାହିଁ, ଶୀତଳ । ତେଣୁ ସେ କହିଲେ, 'ଖାଦ୍ୟ ତ କାହିଁ ଗରମ ନାହିଁ ? ' ସୁଶୀଳ କହିଲେ, 'ଆପଣ ଖାଆନ୍ତୁ; ମୁଁ ପଙ୍ଖା କରି ଦେଉଛି ।' ଏପରି କହି ସେ ପଙ୍ଖା କରିବାକୁ ଆରମ୍ଭ କରିବାରୁ ଖାଦ୍ୟ ପଦାର୍ଥ ସବୁ ଗରମ ଓ ପାନୀୟଜଳ ଶୀତଳ ହୋଇଗଲା । ମାଣ୍ଡୁକ ଆଶ୍ଚର୍ଯ୍ୟଚକିତ ହୋଇଗଲେ । ଖାଇସାରିବା ପରେ ସେ ହାତ ଧୋଇବା ପାଇଁ କୂଅ ପାଖକୁ ଯାଇ ଦେଖିଲେ ଗୋଟିଏ ଜଳପୂର୍ଣ୍ଣ କଳସୀ କୂଅରେ ଝୁଲି ରହିଛି । ସୁଶୀଳଙ୍କ ସ୍ତ୍ରୀ ସେଠାରେ ପହଞ୍ଚିଯାଇ କହିଲେ: 'ଆପଣ ହାତ ଧୋଇବେ ବୋଲି କଳସୀଏ ପାଣି କୂଅରୁ ଉଠାଉଥିଲି, ହଠାତ୍ ଅନ୍ୟ କାମରେ ଚାଲିଯିବାରୁ କଳସୀକୁ ସେମିତି ଛାଡ଼ି ଚାଲିଗଲି । ମୁଁ ପାଣି ଢ଼ାଳି ଦେଉଛି, ଆପଣ ହାତମୁହଁ ଧୋଇ ହୁଅନ୍ତୁ ।

ଋଷି ମାଣ୍ଡୁକଙ୍କର ତପଶ୍ଚରଣର ସଫଳତା ହେତୁ ଥିବା ଗର୍ବ ଏହିଠାରେ ଚୂର୍ଣ୍ଣ ହୋଇଗଲା । ଅଲୌକିକତା ପ୍ରଦର୍ଶନ ବା ସନ୍ଦର୍ଶନରେ ଅଧ୍ୟାତ୍ମ ଉନ୍ନୟନ ନ ଥାଏ, ଥାଏ ଅନ୍ତଃକରଣର ନିଷ୍ଠାରେ, ତ୍ୟାଗରେ, ନିର୍ମଳ ମନରେ, ପବିତ୍ରକାୟା ଏବଂ ଶୁଦ୍ଧଚିତ୍ତରେ ।

# ଉତ୍ତିଷ୍ଠତ ! ଜାଗ୍ରତ !!

*ଯୌବନ ବସନ୍ତର ମଳୟ ପରଶରେ ତମେମାନେ ଯଦି ବିଗତ ଶୀତର ତାଡ଼ନା ବିସ୍ମରି ଯାଅ ଅଥବା ଆଗାମୀ ରୌଦ୍ରତାପ ସହିବା ନିମନ୍ତେ ଆଜହୁଁ ପ୍ରସ୍ତୁତ ନ ହୁଅ, ତେବେ ହେ ମୋର ପ୍ରିୟ ଯୁବସମାଜ; ତମଠାରୁ ଏ ବିଶ୍ୱ ମାନବସମାଜ କ'ଣ ଆଶା କରିବ ? ତମେ ପରା ଆମର ଭବିଷ୍ୟତ ଆଶାଭରସାର ପ୍ରାଣକେନ୍ଦ୍ର ? ଯୌବନର ଜୀବନକ୍ଷେତ୍ରରେ ଭକ୍ତିଧର୍ମର ବୀଜବପନ କର; ବାର୍ଦ୍ଧକ୍ୟରେ ଅବଶ୍ୟ ଆଧାତ୍ମିକ ଉନ୍ନୟନର ଫଳ ଭୋଗ କରିବ ହିଁ କରିବ ।*

## ଭକ୍ତିଧର୍ମ ଓ ଗୋପୀଭାବ

ଈଶ୍ୱରୋପଲବ୍ଧ ଏବଂ ଆତ୍ମଦର୍ଶନ ନିମନ୍ତେ ଜୀବ (ଜୀବାତ୍ମା)ର ବ୍ୟାକୁଳତା ଚିରନ୍ତନ । ଏହି ବ୍ୟାକୁଳତାର ଏକମାତ୍ର କାରଣ ହେଉଛି ଆନନ୍ଦର ଅନ୍ୱେଷଣ । କାରଣ ଜୀବାତ୍ମାର ଅନ୍ତିମ ଲକ୍ଷ୍ୟ ହେଉଛି ଚରମ ପ୍ରାପ୍ତି ବା ଆନନ୍ଦ ପ୍ରାପ୍ତି । ଏହି ଆନନ୍ଦର ଖଣ୍ଡ ବା ଖଣ୍ଡିତ ଆନନ୍ଦରେ ଜୀବାତ୍ମା ଆହ୍ଲାଦିତ ହୋଇପାରେନା, ଜୀବାତ୍ମା ସତତ ଆନନ୍ଦ ବା ପୂର୍ଣ୍ଣାନନ୍ଦ ପାଇଁ ବ୍ୟାକୁଳ ହୁଏ । ଜୀବାତ୍ମାର ବିଚାରରେ ପରମାତ୍ମା ହିଁ ଅଖଣ୍ଡ ପୂର୍ଣ୍ଣାନନ୍ଦ ରସପୂର୍ଣ୍ଣ । ଏହି ପୂର୍ଣ୍ଣାନନ୍ଦ ରସର ଅନୁସନ୍ଧାନ ଏବଂ ଆସ୍ୱାଦନ କେବଳ ଭକ୍ତିତତ୍ତ୍ୱର ବ୍ୟାପାର । ଈଶ୍ୱରଙ୍କ ତିନୋଟି ଗୁଣ । ଏହି ତ୍ରିବିଧ ଗୁଣ ସତ୍ତ୍ୱ, ରଜ ଏବଂ ତମର ପୂର୍ଣ୍ଣତାରେ ହିଁ ଈଶ୍ୱର ନିର୍ଗୁଣ । ସତ୍ତ୍ୱ, ରଜ ଏବଂ ତମର ଅଭିବ୍ୟକ୍ତି ସତ୍, ଚିତ୍ ଏବଂ ଆନନ୍ଦ । ସତ୍ ହିଁ କର୍ମଯୋଗ, ଚିତ୍ ହିଁ ଜ୍ଞାନଯୋଗ ଏବଂ ଆନନ୍ଦ ହିଁ ଭକ୍ତିଯୋଗ । ଭଗବତ୍ ଅନୁଭୂତି ନିମନ୍ତେ ଭକ୍ତ ସାଧକଙ୍କୁ କର୍ମ, ଜ୍ଞାନ ଓ ଭକ୍ତି ପ୍ରଭୃତି ବିଭିନ୍ନ ଯୋଗାଶ୍ରୟୀ ହେବାକୁ ପଡ଼ିଥାଏ । ସାଧନ କ୍ଷେତ୍ରରେ କର୍ମ ଏବଂ ଜ୍ଞାନ ଅପେକ୍ଷା ଭକ୍ତି ଉଚ୍ଚସ୍ତରର ସାଧନ ହେଲେ ହେଁ, ଭକ୍ତି ସାଧନ ମାର୍ଗରେ କର୍ମ ଏବଂ ଜ୍ଞାନଠାରୁ ଭିନ୍ନ ବା ବିଚ୍ଛିନ୍ନ ହୋଇ ନପାରେ । କିନ୍ତୁ ଭକ୍ତି ହିଁ ଭଗବତ୍ ଅନୁଭୂତିର ଚରମ ସୋପାନ, ତେଣୁ କର୍ମ ଏବଂ ଜ୍ଞାନର ଶୀର୍ଷତମ ସ୍ଥାନରେ ଭକ୍ତିର ଆସନ । ଶ୍ରୀମଦ୍‌ଭଗବଦ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ନାନାଦି ଯୋଗର ଉପଦେଶ ଦେଇଥିଲେ ହେଁ, ସର୍ବଶେଷରେ ଶ୍ରଦ୍ଧା, ଭକ୍ତି ଏବଂ ଶରଣାଗତିର ଉପଦେଶ ଦେଇ କହିଛନ୍ତି-

''ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ।।'' ୨/୧୨।।

ଅର୍ଥାତ୍ ଭଗବାନ୍ କହିଲେ: ଯେଉଁମାନେ ମୋଠାରେ ମନ ନିବିଷ୍ଟ କରି ସତତ ଯୁକ୍ତ ହୋଇ ଅର୍ଥାତ୍ ଦିବାରାତ୍ର ପରମଶ୍ରଦ୍ଧା ସହକାରେ ମୋତେ ଉପାସନା କରନ୍ତି, ସେହିମାନେ ହିଁ କେବଳ ମୋ ମତରେ ଶ୍ରେଷ୍ଠ ଯୋଗୀ । ଗୀତାର ଦ୍ୱାଦଶ ଅଧ୍ୟାୟରେ ସଗୁଣ ବ୍ରହ୍ମ ଉପାସନା ଓ ନିର୍ଗୁଣ ବ୍ରହ୍ମ ଉପାସନା ମଧ୍ୟରୁ କେଉଁଟି ପ୍ରଶସ୍ତ ତାହା ନିର୍ଣ୍ଣୟ କରିବା ନିମିତ୍ତ ଅର୍ଜୁନ ଭଗବାନ୍‌ଙ୍କୁ ପ୍ରଶ୍ନ କଲେ । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ମତରେ କଳିଯୁଗରେ ଭକ୍ତିଯୋଗ ହିଁ ଯୋଗଧର୍ମ, ଯୁଗଧର୍ମ । ଏ ଯୁଗ ପକ୍ଷରେ ଭକ୍ତିଯୋଗ, କାରଣ ଏହି ଯୋଗରେ ଅନ୍ୟାନ୍ୟ ପଥ ଅପେକ୍ଷା ସହଜରେ ଈଶ୍ୱରଙ୍କୁ ପାଇହୁଏ । ଜ୍ଞାନଯୋଗ, କର୍ମଯୋଗ ବା ଅନ୍ୟ ପଥ ଦେଇ ମଧ୍ୟ ଈଶ୍ୱରଙ୍କ ନିକଟକୁ ଯାଇହୁଏ ସତ; କିନ୍ତୁ ସେ ସବୁ ପଥ ଅତ୍ୟନ୍ତ କଠିନ ଓ ଦୁର୍ଗମ । ଭକ୍ତିଯୋଗ ହିଁ ସୁଗମ ପଥ । ତେଣୁ ଦୁଇ ବ୍ରହ୍ମ ଉପାସନା ମଧ୍ୟରୁ ସଗୁଣ ବ୍ରହ୍ମ ଉପାସନା ହିଁ ଶ୍ରେଷ୍ଠ । ଏହା ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କର ମତ; ଆଜି ଏହାହିଁ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର

ଅଭିମତ । ସେ କହନ୍ତି: ଯେଉଁମାନେ ସର୍ବଜ୍ଞାତ୍ୱ ଆଦିଗୁଣବିଶିଷ୍ଟ ପରମେଶ୍ୱର ଯେ ଆମେ-ବୋଲି ଦୃଢ଼ ବିଶ୍ୱାସ ରଖି ସେହି ଈଶ୍ୱର ଆମଠାରେ ଏକାଗ୍ରଚିତ୍ତ ଓ ପରମ ଶ୍ରଦ୍ଧାଯୁକ୍ତ ହୋଇ ଆମର ଆରାଧନା କରନ୍ତି, ଆମ ମତରେ ସେହିମାନେ ହିଁ ଯୁକ୍ତତମ ଯୋଗୀଶ୍ରେଷ୍ଠ । ବୈକୁଣ୍ଠର ନାରାୟଣଙ୍କୁ ଭକ୍ତି କରାଯାଏ ମାତ୍ର, ପ୍ରତ୍ୟକ୍ଷ କରାଯାଇ ପାରେନା; ଧରଣୀର ନରନାରାୟଣଙ୍କୁ ପ୍ରତ୍ୟକ୍ଷ ସେବା, ଭକ୍ତି ଓ ଦର୍ଶନ କରାଯାଇପାରେ । ତେଣୁ ସଗୁଣ, ସାକାର ନରନାରାୟଣଙ୍କର ଉପାସକମାନେ କାଳେ କାଳେ ଶ୍ରେଷ୍ଠ ଯୋଗୀ ।

''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।

ଅହଂତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।୬୬/୧୮।।

ଅର୍ଥାତ୍ ତମେ ସମସ୍ତ ପ୍ରକାର ଧର୍ମ ଏବଂ ଅଧର୍ମ ପରିତ୍ୟାଗ କରି ଏକମାତ୍ର ଆମକୁ ହିଁ ଆଶୟ କର; ଆମେ ତମକୁ (ଧର୍ମାଧର୍ମ-କର୍ମ ବନ୍ଧନ ରୂପକ) ସକଳ ପ୍ରକାର ପାପରୁ ମୁକ୍ତ କରିବୁ-ତମେ ଏଥିପାଇଁ ଚିନ୍ତା କର ନାହିଁ ।

ଆଜି ଠାକୁରେ ଅସ୍ଥିର, ଅଧୀର, ହତାଶ ଯୁବସମାଜ ପ୍ରତି ବାତ୍ସଲ୍ୟଭାବ ଦେଖାଇ ମା' ଯେପରି ଅବୋଧ ଶିଶୁକୁ ସ୍ନେହରେ ସଦୁପଦେଶ ଦେଇ ବୋଧ କରନ୍ତି, ସେହିପରି ଭାବରେ ଆଦର କରି ସ୍ନେହଭରା କଅଁଳ କଣ୍ଠରେ କହୁଛନ୍ତି- **(ମୋର ଭକ୍ତ ହୁଅ, ମୋତେ ଭଜନ କର, ମୋର ନାମ ଓ ଗୁଣ କୀର୍ତ୍ତନ କର, ମୋତେ ପ୍ରଣାମ କର । ମୁଁ ତ୍ରିବାର ପ୍ରତିଜ୍ଞା କରି କହୁଛି; ତୁମର କୌଣସି ଭୟ ନାହିଁ, ତୁମେ ମୋର ଅଭୟ କୋଳ ନିଶ୍ଚୟ ପାଇବ । କେହି ତୁମର କିଛି ଅନିଷ୍ଟ କରିପାରିବ ନାହିଁ ।)** ଦୁର୍ଦ୍ଦାନ୍ତ ପିଲାକୁ ବଶକୁ ଆଣିବା ପାଇଁ ମାତୃସ୍ନେହ ବ୍ରହ୍ମାସ୍ତ୍ର ସ୍ୱରୂପ ଅମୋଘ । ଠାକୁରେ ତାଙ୍କର ସ୍ୱରୂପ ପ୍ରକାଶ କରି (ବାସୁଦେବ କୃଷ୍ଣ ଅର୍ଜୁନଙ୍କୁ ସ୍ନେହ ସ୍ପର୍ଶ ଦେବାଭଳି) ଆଜିର ଯୁବ ସମ୍ପ୍ରଦାୟକୁ ସ୍ନେହାଲିଙ୍ଗନ ପୂର୍ବକ କହୁଛନ୍ତି: **ମୁଁ ତୁମକୁ ଭଲ ପାଏ, ତୁମେ ମୋର ପ୍ରିୟ ।** ଏହାଠାରୁ ବଡ଼ କଥା ଆଉ କ'ଣ ଅଛି ? ଠାକୁରଙ୍କର ପଦେ କଥା: ମୁଁ ତୁମକୁ ଭଲ ପାଏ - ଏହାତ ସବୁଠାରୁ ବଡ଼ ସ୍ୱୀକୃତି ଏବଂ ଯେ କୌଣସି ବ୍ୟକ୍ତି ପାଇଁ ଏହାହିଁ ପରମ ପ୍ରାପ୍ତି; ଭକ୍ତ ପାଇଁ ଏହାହିଁ ଚରମ ପ୍ରାପ୍ତି ।

ଶରଣାପନ୍ନ ହୁଅ, ଶରଣାଗତ ହୁଅ, ଆତ୍ମ ନିବେଦନ କର- ଏହାହିଁ ଭକ୍ତିଧର୍ମର ସାରବତ୍ତା । ଏହାକୁ ହିଁ ଆଶ୍ରୟ କରି ରାଗାନୁଗାପ୍ରୀତି ଏବଂ ଅହୈତୁକୀ ଭକ୍ତି ଦର୍ଶନ ଗଢ଼ି ଉଠେ । ଏହାହିଁ ସାଧନାର ପ୍ରାଣକେନ୍ଦ୍ର । ଶ୍ରୀଚୈତନ୍ୟ ଦେବ ଅହୈତୁକୀ ଭକ୍ତିଗାଥା ଗାଇ ଉଠିଛନ୍ତି-

''ନ ଧନଂ ନ ଜନଂ ନ ସୁନ୍ଦରୀମ୍ କବିତାଂ ବା ଜଗଦୀଶ ! କାମୟେ ।

ମମ ଜନ୍ମନି ଜନ୍ମନୀଶ୍ୱରେ ଭବତା ଭକ୍ତିରହୈତୁକୀ ତ୍ୱୟି ।।''

ଭକ୍ତିପଥର ସାଧକ ଜ୍ଞାନଯୋଗର ସିଦ୍ଧି ଚାହେଁନା, ମୁକ୍ତି ମୋକ୍ଷ ନିର୍ବାଣ ଚାହେଁନା, ଚାହେଁ କେବଳ ସେବା, ତ୍ୟାଗ, ଆତ୍ମ ନିବେଦନ । ଭକ୍ତ କହେ: ପ୍ରଭୁ ମୋର ତତ୍ତ୍ୱ, ଜ୍ଞାନ, ବୁଦ୍ଧି ବୃତ୍ତି ଲୋଡ଼ା ନାହିଁ, ମୁଁ ତମ ପାଦତଳେ ନିଜର ସକଳ ସହିତ ନିଜକୁ ସମର୍ପଣ କରୁଛି । ତମେ ମୋତେ ପାଦର ପାଦୁକା, ଗଳାର ମାଳା, କଟୀର ସୂତ୍ର ଅଥବା ମସ୍ତକର ମୁକୁଟ-ଯାହା ଇଚ୍ଛା ତାହା ଭାବରେ ବିନିଯୋଗ କର । ଭକ୍ତିଯୋଗର ଅନ୍ୟନାମ ଭାଗବତ ଧର୍ମ । ଏହା ଜ୍ଞାନକର୍ମଭକ୍ତି ମିଶ୍ରିତ ଗୀତା ବର୍ଣ୍ଣିତ ଯୋଗଧର୍ମ । ଏଠାରେ ଜ୍ଞାନ ଅର୍ଥ ସର୍ବଭୂତରେ ଭଗବତ୍ ସତ୍ତାର ପ୍ରତ୍ୟକ୍ଷ ଅନୁଭୂତି । ଏ ପ୍ରକାର ଅନୁଭୂତି ଯାହାର ହୋଇଛି ତା'ର କର୍ମଯୋଗ ହେଉଛି ସର୍ବଭୂତର ସେବା, ତା'ର ଭକ୍ତି ହୁଏ ସର୍ବଭୂତରେ ପ୍ରୀତି । ଭଗବତ୍ ଭକ୍ତି ଏବଂ ଜୀବପ୍ରୀତି ଏକ ହୋଇଯାଏ । ସେ ହିଂସା ଆଚରଣ କରେ ନାହିଁ, ଈର୍ଷାପରାୟଣ ହୁଏ ନାହିଁ । ତା'ଠାରେ ସପତଣୀର ଭାବ ଖେଳେ ନାହିଁ । ଏହି ଭକ୍ତିଧର୍ମ ହିଁ ସର୍ବଶ୍ରେଷ୍ଠ ସାଧନ ।

ଶ୍ୱେତାଶ୍ୱେତ ଉପନିଷଦ୍‌ର ଷଷ୍ଠ ଅଧ୍ୟାୟରେ ଭକ୍ତିର ଉଲ୍ଲେଖ ଅଛି-

''ଯସ୍ୟ ଦେବେ ପରାଭକ୍ତିର୍ଯଥା ଦେବେ ତଥା ଗୁରୌ ।

ତସ୍ୟୈତେ କଥିତାହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ ।।''

ଗୀତାରେ ଜ୍ଞାନ ଓ କର୍ମମାର୍ଗର ମୂଳଭିତ୍ତି ଉପରେ ଭକ୍ତିମାର୍ଗର ଅଟ୍ଟାଳିକା ନିର୍ମିତ ହୋଇଛି । ଭକ୍ତିଧର୍ମର ଶେଷ ଓ ଶ୍ରେଷ୍ଠ ସୋପାନ ହେଉଛି ଆତ୍ମସମର୍ପଣ ।

ଶାଣ୍ଡିଲ୍ୟସୂତ୍ରରେ ଉଲ୍ଲେଖ ଅଛି - 'ସା ପରାନୁରକ୍ତିରୀଶ୍ୱରେ'- ଅର୍ଥାତ୍ ଈଶ୍ୱରଙ୍କଠାରେ ପ୍ରଗାଢ଼ ପ୍ରେମହିଁ ଭକ୍ତି । ନାରଦ ପଞ୍ଚରାତ୍ରରେ ଭକ୍ତି ପ୍ରସଙ୍ଗରେ ଉଲ୍ଲିଖିତ ହୋଇ ଭକ୍ତିର ସଂଜ୍ଞା ଦିଆଯାଇଛି-

''ସର୍ବୋପାଧି ବିନିର୍ମୁକ୍ତଂ ତତ୍‌ପରତ୍ୱେନ ନିର୍ମଳମ୍ ।

ହୃଷୀକାଣଂ ହୃଷୀକେଶ ସେବନଂ ଭକ୍ତିରୁଚ୍ୟତେ ।।''

ଭକ୍ତିଧର୍ମର ମୋଟାମୋଟି ତତ୍ତ୍ୱ ହେଉଛି; ବ୍ରହ୍ମ ଆନନ୍ଦମୟ । ଏହା ବିଶୁଦ୍ଧ ପ୍ରେମର ଏକମାତ୍ର କାରଣ । ଭଗବତ୍ ସେବାହିଁ ଭକ୍ତି । ପ୍ରେମ ଭକ୍ତିଭାବ ନ ଥିଲେ, ତ୍ୟାଗ, ନିଷ୍ଠା ସମ୍ଭବ ନୁହେଁ । ସ୍ୱାର୍ଥ ଆକାଂକ୍ଷା ଦୂରୀଭୂତ ହେଲେ ହିଁ ଶୁଦ୍ଧପ୍ରେମ ଏବଂ ଅହୈତୁକୀ ସେବା ସମ୍ଭବ ହୁଏ । ନିଷ୍କପଟ, ପ୍ରେମପୂର୍ଣ୍ଣ, ଅହୈତୁକୀ ସେବା ଦ୍ୱାରା ରାଗାନୁଗା ଭକ୍ତିଭାବ ଉଦ୍ରେକ ହୁଏ । ଫଳତଃ ପରାଭକ୍ତି ଓ ପରାସେବା ସମ୍ଭବ ହୁଏ । ତେଣୁ ଆଧ୍ୟାତ୍ମିକ ଓ ପରମାର୍ଥ ଜୀବନରେ ଭକ୍ତିଧର୍ମ ହିଁ ସାମ୍ପ୍ରତିକ ସମୟର ସହଜ, ସରଳ ଓ ସୁଗମ ମାର୍ଗ । କେବଳ ଥରେ ପ୍ରାଣ ଖୋଲି ପ୍ରଭୁଙ୍କୁ ଭଲ ପାଇଗଲେ ହିଁ ସର୍ବସିଦ୍ଧି ହୋଇଯିବ ।

ଭକ୍ତିଧର୍ମର ସାଧକ ଆତ୍ମସମର୍ପଣ କରି ସକଳ ବନ୍ଧନରୁ ମୁକ୍ତ ହୋଇଯାଏ । ଯେ ମୁକ୍ତ ହୋଇଯାଏ ସେ ଭକ୍ତ ବୋଲାଏ । ଭକ୍ତ ସେତେବେଳେ ଗୋପୀଭାବରେ ଭାବିତ ହୋଇ ସର୍ବଦା ଓ ସର୍ବଥା ଆପଣାର ପ୍ରିୟତମ ପ୍ରଭୁଙ୍କୁ ଓ ପ୍ରଭୁଙ୍କର ଲୀଳାଚିନ୍ତାରେ ନିମଜ୍ଜିତ ହୋଇ ନିଜକୁ ଧନ୍ୟ ମଣେ ।

''ଅତଏବ ଗୋପୀଭାବ କରି ଅଙ୍ଗୀକାର । ରାତ୍ର ଦିନେ ଚିନ୍ତେ ରାଧାକୃଷ୍ଣର ବିହାର ।।''

—ଚୈତନ୍ୟ ଚରିତାମୃତ/ମଧ୍ୟଲୀଳା ।।

ଚୈତନ୍ୟ ଚରିତାମୃତର ଆଦିଲୀଳାରେ ଶ୍ରୀକୃଷ୍ଣ ଅବତାରର ମୂଳକାରଣ ପ୍ରେମରସ ଆସ୍ୱାଦନ ଓ ରାଗମାର୍ଗ ଭକ୍ତିର ପ୍ରଚାର ସମ୍ବନ୍ଧରେ ସ୍ପଷ୍ଟ ହୋଇଛି-

''ପ୍ରେମରସ ନିର୍ଯ୍ୟାସ କରତେ ଆସ୍ୱାଦନ । ରାଗ ମାର୍ଗ ଭକ୍ତି ଲୋକେ କରିତେ ପ୍ରଚାରନ୍ ।।

''ରସିକ ଶେଖର କୃଷ୍ଣ ପରମ କରୁନ୍ । ଏଇ ଦୁଇ ହେତୁ ହୈଛେ ଇଚ୍ଛାର ଉଦ୍‌ଗମ୍ ।।''

ପ୍ରେମ ଓ ଭକ୍ତି ସହିତ ଜ୍ଞାନର ଏକତ୍ର ସମାବେଶ ଶ୍ରୀଧର ସ୍ୱାମୀଙ୍କର ଭାଗବତ ଭାଷ୍ୟର ବିଶେଷତ୍ୱ । ଜ୍ଞାନର ସମନ୍ୱୟ କରିବାକୁ ଯାଇ ଶ୍ରୀଧର ସ୍ୱାମୀ ତାଙ୍କ ସୁବୋଧିନୀ ଟୀକାର ଉପସଂହାରରେ କହିଛନ୍ତି-

''ଭଗବଦ୍ ଭକ୍ତି ଯୁକ୍ତସ୍ୟ ତଦ୍ ପ୍ରସାଦାତ୍ମବୋଧତଃ । ସୁଖଂବନ୍ଧ ବିମୁକ୍ତିଃସ୍ୟାଦିତି ଗୀତାର୍ଥ ସଂଗ୍ରହଃ ।।''

ଅର୍ଥାତ୍, ଯେ ଭଗବାନ୍‌ଙ୍କଠାରେ ଭକ୍ତି ଯୁକ୍ତ, ଭଗବାନ୍‌ଙ୍କ ପ୍ରସାଦରେ ତା'ର ଆତ୍ମତତ୍ତ୍ୱ ବୋଧ ହୁଏ ଏବଂ ସେ ଅନାୟାସରେ

ମୋକ୍ଷ ଲାଭ କରେ । ଏପରି ନିତ୍ୟ ଭକ୍ତିଯୁକ୍ତ ଭକ୍ତ ମୋକ୍ଷ ଚାହେଁନା, ଭକ୍ତିଯୋଗ ଫଳରେ ମୋକ୍ଷ ତା'ର କରଗତ ହୁଏ; କିନ୍ତୁ ଜ୍ଞାନୀ ମୋକ୍ଷ ଉଦ୍ଦେଶ୍ୟ ରଖି ଆତ୍ମଜ୍ଞାନ ଲାଭ କରିବାକୁ ଅଗ୍ରସର ହୁଏ ।

ଲୀଳାପ୍ରିୟ ଭଗବାନ୍ ହିଁ ସର୍ବରସାଶ୍ରୟ । ତେଣୁ ବେଦ ଗାଏ : 'ରସ ବୈ ସଃ' । ଭଗଗବାନ୍ ସ୍ୱୟଂ ମଧୁର । ଭକ୍ତି ଧର୍ମ ପ୍ରବଣ ଭକ୍ତ ସାଧକମାନେ କେବଳ ଏହି ଦିବ୍ୟ ଭଗବତ୍ ପ୍ରେମରସ ଆସ୍ୱାଦନ କରନ୍ତି । ଏହା ଆସ୍ୱାଦନ କରିବାର ଏକମାତ୍ର ସହଜ ସୂତ୍ର ଗୋପୀଭାବ । ଗୋପୀମାନେ ଦିବାରାତ୍ର ସର୍ବଦା ସର୍ବଥା ପ୍ରେମାସ୍ପଦ ଶ୍ରୀକୃଷ୍ଣଙ୍କୁ ଭଜନ, ଚିନ୍ତା କରୁଥିଲେ ଓ ସ୍ୱପ୍ନ ଦେଖୁଥିଲେ । ଭକ୍ତ ସାଧକ ସେହିପରି ଦିବାରାତ୍ରି ଶୟନେ, ସ୍ୱପନେ, ଜାଗରଣେ ଆପଣାର ଶ୍ରୀ ଗୁରୁସ୍ୱାମୀ ପ୍ରେମାସ୍ପଦଙ୍କୁ ହିଁ ସତତ ଗୁଣି ହୁଏ । କେବଳ ମନପ୍ରାଣ ହୃଦୟ ଦେଇ ଭଲପାଏ ।

ଭକ୍ତିଯୋଗରେ ଅଧିକାରୀ ଭେଦରେ ଭକ୍ତସାଧକ ପାଇଁ ଭିନ୍ନ ଭିନ୍ନ ଭାବ ଓ ସ୍ତର ରହିଛି । ସେ ମଧ୍ୟରୁ ଦାସ୍ୟଭାବ, ସଖ୍ୟଭାବ, ବାତ୍ସଲ୍ୟଭାବ, ମାଧୁର୍ଯ୍ୟଭାବ ବା ଗୋପୀଭାବ ପ୍ରଧାନ । ଏହି ଗୋପୀଭାବକୁ ମଧ ସଖୀଭାବ ବା କାନ୍ତାଭାବ ନାମରେ ଅଭିହିତ କରାଯାଏ । ଗୋପୀଭାବ ମଧ୍ୟରେ ରାଧାଭାବ ହିଁ ଶ୍ରେଷ୍ଠ । ଏହି ସ୍ତରରେ ଭକ୍ତି ରାଗାତ୍ମିକା । ଏହା ପରମ ରହସ୍ୟମୟ ଶୁଦ୍ଧ ଆଧ୍ୟାତ୍ମିକ ଭାବ । ଏହି ସ୍ତରରେ ଭକ୍ତସାଧକ ନିଜକୁ ନିଜର ସକଳ ପ୍ରାପ୍ତି ଯଥା : ଦେହ, ମନ, ପ୍ରାଣ, ଆତ୍ମା, ବୁଦ୍ଧି, ଜ୍ଞାନ, ଅହଂକାର, ଧନ, ସମ୍ପତ୍ତି ଇତ୍ୟାଦି ଠାକୁରଙ୍କର ପାଦତଳେ ସମର୍ପଣ କରିଦେଇଥାଏ ଅନ୍ତରର ଗଭୀରତମ ପ୍ରଦେଶରୁ । ଏଠାରେ ନ ଥାଏ ଛଳନା, ଅଭିନୟ, ଯୁକ୍ତି, ତର୍କ, ତତ୍ତ୍ୱଜ୍ଞାନ, ହିତାହିତ ଜ୍ଞାନ, କୌଣସି ସର୍ତ୍ତ ବା ସେପରି ଆଉ କିଛି ।

ଠାକୁରେ ହେଉଛନ୍ତି ସର୍ବଶ୍ରେଷ୍ଠ ଆଶ୍ରୟ । ଠାକୁର ହିଁ ଶରଣଦ । ତାଙ୍କ ପାଦପଦ୍ମରେ ଶରଣ ଯିବା ଭକ୍ତ ପକ୍ଷରେ ଏକାନ୍ତ ସ୍ୱାଭାବିକ । ଠାକୁରଙ୍କୁ ଚିନ୍ତନ, ମନନ, ଧ୍ୟାନ, ଦର୍ଶନ, କୀର୍ତ୍ତନ, ଭଜନ, ଜଣାଣ କରିବା ଓ ତାଙ୍କର ସାନ୍ନିଧ ଲାଭ କରିବା ଶୁଦ୍ଧ ଆଧ୍ୟାତ୍ମିକ ବିଲକ୍ଷଣ ପ୍ରକୃତି । ମଣିଷ ମୋହଗ୍ରସ୍ତ ହୋଇ ନିଜର ମୌଳିକ ସ୍ୱରୂପ (ଜିନ୍) ବିସ୍ମୃତ ହୋଇଯାଏ ସତ; ମାତ୍ର ପୁଣି ଏପରି ଏକ ସମୟ ଆସେ ଯେତେବେଳେ ତା'ର ମାୟାର ପରଦା ଖୋଲିଯାଏ, ସେତେବେଳେ ସେ ଆତ୍ମସ୍ୱରୂପ (ଜିନ୍)ର ସନ୍ଧାନରେ ବ୍ୟସ୍ତ ହୁଏ । ସେତେବେଳେ ଜାଗତିକ ସକଳ ତାକୁ ବିଷପ୍ରାୟ ବୋଧହୁଏ । ସେ ଏକମାତ୍ର ଏହି ଶାଶ୍ୱତ, ମଙ୍ଗଳମୟ, ଶରଣ, ପ୍ରେମରସଘନ ଠାକୁରଙ୍କୁ ହିଁ ଚିନ୍ତା, ଧ୍ୟାନ, ଧାରଣା କରେ । ସେ ମୁକ୍ତ, ଭକ୍ତ ହୋଇଯାଏ । ସେ ଭଗବତ୍ ଦର୍ଶନ କରେ । ତା'ର ଈଶ୍ୱରୋପଲବ୍ଧି ହୁଏ; ଆତ୍ମଦର୍ଶନ ହୁଏ ।



# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



*ଅନେକ କ୍ଷେତ୍ରରେ ଆମର ଅଜ୍ଞାତସାରରେ ମୋହ ଆମ୍ଭମାନଙ୍କୁ ଗ୍ରାସ କରେ । ମୋହଗ୍ରସ୍ତ ମନୁଷ୍ୟ ବୁଦ୍ଧିର ବିନାଶ ଘଟେ । ହିତାହିତ ଜ୍ଞାନଶୂନ୍ୟ ହୋଇ ସେ ସ୍ୱମର୍ଯ୍ୟାଦା ଓ ଗାମ୍ଭୀର୍ଯ୍ୟ, ବ୍ୟକ୍ତିତ୍ୱ ଓ ଚରିତ୍ର ହରାଇ ବସେ । ମୋହ ଅନେକ ସ୍ଥଳରେ ଆତ୍ମିକ ଉନ୍ନୟନରେ ପଥରୋଧ କରେ । ସାଧନ ପଥରେ ମୋହ ଏକ ଘୋର ଶତ୍ରୁ ରୂପେ ଛିଡ଼ା ହୁଏ । ଘର ସଂସାର କରି ଆମେ ଧର୍ମ ଜୀବନ ଯାପନ କରୁଛୁ । ମୋହ ସମ୍ବନ୍ଧରେ ସାମାନ୍ୟତମ ଜ୍ଞାନ ଥିଲେ ସଂସାରୀ ବିଷୟଭୋଗରେ ଥାଇ ମଧ୍ୟ ତ୍ୟାଗପଥର ପଥିକ ହେବା ସମ୍ଭବ ହେବ । ଏହି ବିଶ୍ୱାସରେ ଏକନିଷ୍ଠ ହୋଇ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ତତ୍ତ୍ୱରୁ 'ମୋହ' ଧାରାବାହିକ ଭାବେ ଚରମ ପୃଷ୍ଠାରେ ପ୍ରଦାନ କରାଯାଉଛି ।*

## ଅଦ୍ୱୈତୀୟ ମୋହ

**ଅ**ଦ୍ୱୈତୀୟ ମୋହର ତୃତୀୟ ବିଭାଗ ଅର୍ଥାତ୍ ଚୋର୍ମାଗଞ୍ଜନ ମୋହର ଦୁଇଟି ଅନୁବିଭାଗ ରହିଛି ( ୧ )ଜ୍ଞାତଚୋର୍ମା ମୋହ ଏବଂ ( ୨ ) ଅହିଜ୍ଞାତଚୋର୍ମା ମୋହ ।

ଜ୍ଞାତଚୋର୍ମାଗଞ୍ଜନ ମୋହ ଜୀବକୁ ଅନେକ ଦୁର୍ଦ୍ଦଶା ଭୋଗ କରାଇଥାଏ । ଏହି ମୋହର ବନ୍ଧନରେ ପଡ଼ିଥିବା ପ୍ରାଣୀର କଦାପି ଉନ୍ନତି ହୁଏ ନାହିଁ; ପରନ୍ତୁ ଏହା ପ୍ରାଣୀକୁ ଅବନତିର ପଥରେ ଆଗେଇ ନିଏ । ଏହି ମୋହରେ ଆବିଷ୍ଟ ବ୍ୟକ୍ତିର କୁଟୁମ୍ବ ଦୁର୍ଦ୍ଦଶାଗ୍ରସ୍ତ ହୋଇ ସର୍ବଦା ଅପଦସ୍ଥ, ଅପମାନିତ ଓ ଲାଞ୍ଛିତ ହୋଇଥାଆନ୍ତି । ସାଧାରଣତଃ ସମାଜରେ ଅଧିକସଂଖ୍ୟକ ବ୍ୟକ୍ତି ଖଣ୍ଡ ବୁଦ୍ଧିର ବଶବର୍ତ୍ତୀ ହୋଇ ଅନ୍ୟର ଧନକୁ କୌଶଳରେ ଅପହରଣ କରି ଆପଣାର କୁଟୁମ୍ବ ପ୍ରତିପୋଷଣ କରିଥାଆନ୍ତି । ସେମାନଙ୍କର ଯୁକ୍ତି ହେଉଛି, ସେମାନେ ଅନ୍ୟର କଷ୍ଟ ଉପାର୍ଜିତ ଧନ ତ ଅପହରଣ କରୁନାହାଁନ୍ତି । କେବଳ ଯେଉଁମାନେ ଚୋରାରେ ଧନ ସଞ୍ଚୁଛନ୍ତି, ସେମାନଙ୍କର ଚୋରିଧନକୁ ଅପହରଣ କରି ଆପଣାର ଗୁଜୁରାଣ ମେଣ୍ଟାଉଛନ୍ତି । ତେଣୁ ଏଥିରେ ସେମାନଙ୍କର ଦୋଷ ନାହିଁ ବୋଲି କୁହନ୍ତି । ମାତ୍ର ଆପଣାର ଜ୍ଞାତସାରରେ ଅର୍ଥାତ୍ ଜାଣିଶୁଣି ଏବଂ ବୁଝିସମଝି ସେମାନେ ଖଣ୍ଡ ସାଜି ନାନାଦି କୂଟକପଟ କୌଶଳରେ ଅନ୍ୟର ଧନ ଲୁଟି ନେଇ ବିନା ପରିଶ୍ରମରେ ଆପଣା ପରିବାର ପ୍ରତିପୋଷଣ କରିବା ମୋହରେ ପଡ଼ିଯାଆନ୍ତି । ଏହି ମୋହକୁ ଜ୍ଞାତଚୋର୍ମାଗଞ୍ଜନ ମୋହ କୁହାଯାଏ । ଏହି ମୋହ ଫଳରୁ ଖଣ୍ଡ ବ୍ୟକ୍ତିମାନେ ନିଜର ସମସ୍ତ ଉନ୍ନୟନର ପଥ ଆପଣା କଳାକର୍ମରୁ ରୁଦ୍ଧ କରିଦିଅନ୍ତି । ନିଜେ ଦୁର୍ଦ୍ଦଶାଗ୍ରସ୍ତ ହୁଅନ୍ତି ଏବଂ ଆପଣା ପରିବାର ଓ କୁଟୁମ୍ବକୁ ସମାଜରେ ଅପଦସ୍ଥ କରାନ୍ତି ।

ସମାଜରେ ପୁଣି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ରୁଚି ବିଚିତ୍ର । ସେମାନେ ନିଜର ଶ୍ରମୋପାର୍ଜିତ ଧନରେ ଆପଣାର କୁଟୁମ୍ବ ପ୍ରତିପୋଷଣ କରନ୍ତି ସତ, ମାତ୍ର ଧର୍ମକର୍ମ, ପୂଜାପାଠ, ଦାନତ୍ୟାଗ ଇତ୍ୟାଦିରେ ଅନ୍ୟଠାରୁ କୌଶଳରେ ଅପହରଣ କରି ଆଣିଥିବା ଧନକୁ ବ୍ୟୟ କରନ୍ତି । ଏପ୍ରକାର ଲୋକମାନଙ୍କର ଅନ୍ତଃସ୍ଥଳରେ ସେବା, ଦାନ, ତ୍ୟାଗ, ଜନମଙ୍ଗଳକର କର୍ମଧାରା ଆଦୌ ନ ଥାଏ । କେବଳ ଦେଖେଇ ହେବା ପାଇଁ, ପ୍ରଶଂସା ବା ବାହାବା ନେବାପାଇଁ, ଆତ୍ମପ୍ରତିଷ୍ଠା ପାଇଁ, ଆପଣାର ପ୍ରତିପତ୍ତି ଜାହିର୍ କରିବା ପାଇଁ ଏମାନେ ଦାନଧର୍ମ, ପୂଜାକର୍ମ, ଜନସେବା ଇତ୍ୟାଦିରେ ଅନ୍ୟଠାରୁ ଅପହରଣ କରିଥିବା ଅର୍ଥକୁ ବିନିଯୋଗ କରି ଆତ୍ମସନ୍ତୋଷ ଲାଭ କରନ୍ତି । ସାମାନ୍ୟ ପ୍ରଶଂସାର ଲୋଭରେ ଏମାନେ ଅକାତରରେ ନଦୀ ଜଳ ପରି ଅର୍ଥ ବିନିଯୋଗ କରି ଆତ୍ମସନ୍ତୋଷ ଲାଭ କରନ୍ତି । ନାନାଦି କପଟ ଆଚରଣ, ଛଳନା, କଳକୌଶଳ କରି ସେମାନେ ଏହି ଅର୍ଥ ଅନ୍ୟଠାରୁ ଠକେଇ, ଭଣ୍ଡେଇ ଲୁଟିକରି ଆଣିଥାଆନ୍ତି । ଅହିଜ୍ଞାତଚୋର୍ମାଗଞ୍ଜନ ମୋହ ପାଶରେ ପଡି ସେମାନେ ଏ ପ୍ରକାର କର୍ମଧାରାର ବଶବର୍ତ୍ତୀ

ହୋଇଥିବାରୁ ଇହଜନ୍ମରେ ସେମାନଙ୍କୁ ଧର୍ମ ରକ୍ଷା କରିପାରେ ନାହିଁ । ଅସତ୍ ଉପାୟରେ ଅର୍ଜିତ ଧନକୁ ସତ୍‌କର୍ମରେ ଲଗାଇଲେ ମଧ୍ୟ ସେମାନଙ୍କୁ ଧର୍ମ ରକ୍ଷା କରେ ନାହିଁ । ତେଣୁ ସେମାନେ ନାନା ପ୍ରକାର ଆପଦବିପଦରେ ପଡ଼ନ୍ତି ଏବଂ ଘୋର ବିପାକରେ ସେମାନଙ୍କର ମୃତ୍ୟୁ ହୁଏ । ଅନ୍ୟମାନଙ୍କୁ ଶୋଷଣ କରି, ଶ୍ରମଜୀବୀମାନଙ୍କର ଗଳାଚିପି, କଳାବଜାର କରି, ବ୍ୟବସାୟରୁ ଅତିରିକ୍ତ ଲାଭ ଉଠାଇ ସେହି କଳୁଷିତ କଳଙ୍କମଣ୍ଡିତ ଧନକୁ ଧର୍ମ କର୍ମରେ ଲଗାଇଲେ ମଧ୍ୟ ତା' ଦ୍ୱାରା ସତ୍‌କର୍ମ ସଂପାଦନ ହୁଏ ନାହିଁ ।

ଯେଉଁମାନେ ସୁନାମ ବା ଖ୍ୟାତି ଅର୍ଜନ ଲାଳସାରେ ଏହିପରି କର୍ମ କରନ୍ତି, ସେମାନେ ଅହିଙ୍କାତଚୋର୍ମାଗଞ୍ଜନ ମୋହର ବଶବର୍ତ୍ତୀ ହୋଇ କୌଣସି ସୁଫଳ ଜୀବନରେ ଲାଭ କରିପାରନ୍ତି ନାହିଁ । ଏହି ଅହିଙ୍କାତଚୋର୍ମାଗଞ୍ଜନ ମୋହଫଳରୁ ସେମାନେ ସତ୍‌ପଥକୁ ଆସିପାରନ୍ତି ନାହିଁ ବା ଦୈବାତ୍ ଆସିଗଲେ ମଧ୍ୟ ସତ୍‌ପଥରେ ବେଶିଦିନ ତିଷ୍ଠି ରହି ନ ପାରି ପୁନର୍ବାର ପୂର୍ବସ୍ଥିତିକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଦୁର୍ବୁଦ୍ଧିରୁ ନାନାଦି ଦୁଷ୍କର୍ମରେ ଲିପ୍ତ ରହି ସମାଜରେ ଅନେକ ଲୋକଙ୍କୁ ଠକିଭଣ୍ଡି କୂଟ/କୌଶଳରେ ଧନ ଅପହରଣ କରି ସୁନାମ ସୁଖ୍ୟାତି ନିମନ୍ତେ ସମାଜସେବାରେ ବା ଧର୍ମକର୍ମରେ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରନ୍ତି ସତ, ମାତ୍ର ଆତ୍ମିକ ଉନ୍ନୟନ ସେମାନଙ୍କର ହୁଏ ନାହିଁ ।

ଅହିଙ୍କାତଚୋର୍ମାଗଞ୍ଜନ ମୋହ ଦୁଇ ପ୍ରକାର: ( ୧ ) ସୁସୁପ୍ତି ମୋହ ଏବଂ ( ୨ ) ଅସୁସୁପ୍ତି ମୋହ ।

ଯେଉଁ ବ୍ୟକ୍ତି ଚିତ୍ତର ନିର୍ଦ୍ଦେଶରେ ଅସମୟରେ ଆଳସ୍ୟବଶରୁ ଦେହ ଲମ୍ବାଇ ନିଦ୍ରା ଯାଏ ଓ ଆଳସ୍ୟପରାୟଣ ହୁଏ, ସେହି ବ୍ୟକ୍ତି ସୁସୁପ୍ତି ମୋହ ବଶ ବୋଲି କୁହାଯାଏ । ସୁସୁପ୍ତି ମୋହ ପାଶରେ ପଡ଼ିଥିବା ବ୍ୟକ୍ତି ବିଳାସବ୍ୟସନରେ ରହିଥାଏ, ତାଙ୍କର ପରିଜନମାନଙ୍କୁ ଲଗାଇ କାମ ଉଠାଇ ନିଏ, ନିଜେ କୌଣସି କାର୍ଯ୍ୟ କରେ ନାହିଁ ଏବଂ ଜୀବନର ଅଧିକାଂଶ ସମୟ ଅଳସୁଆମି ଏବଂ ନିଦ୍ରିତ ଅବସ୍ଥାରେ ଅତିବାହିତ କରିଥାଏ । ସେ ନିଦ୍ରାକୁ ସୁଖକର ଭାବି ମୋହରେ ମୋହିତ ହୋଇ ଲମ୍ବ ହୋଇ ଶୋଇଯାଏ ଓ ବେଶି ପରିମାଣରେ ଦୁଃସ୍ୱପ୍ନ ଦେଖେ । ଏ ପ୍ରକାର ଆଳସ୍ୟପରାୟଣ ବ୍ୟକ୍ତି ପ୍ରଚଣ୍ଡ କାମପ୍ରବାହରେ ପତିତ ହୁଅନ୍ତି, ଅନ୍ୟର ଅନିଷ୍ଟ ଚିନ୍ତା କରନ୍ତି ଏବଂ ସ୍ୱଭାବତଃ ପରଶ୍ରୀକାତର ହୁଅନ୍ତି । ଏତାଦୃଶ ଆଳସ୍ୟପରାୟଣ ବ୍ୟକ୍ତି ଘୋର ଦୁଷ୍କର୍ମରେ ରତ ରହି ସୁସୁପ୍ତି ମୋହର ବଶବର୍ତ୍ତୀ ହୋଇ ଜୀବନ ଅତିବାହିତ କରନ୍ତି । ଆଳସ୍ୟହେତୁ ଏପ୍ରକାର ଲୋକେ ବାତପୀତ ରୋଗରେ ପୀଡ଼ିତ ହୁଅନ୍ତି । ରୋଗାକ୍ରାନ୍ତ ହୋଇ ଏମାନେ ବହୁ ଦୁଃଖଯାତନା ଭୋଗ କରନ୍ତି । ସର୍ବଦା ଦୁଃଖସାଗରରେ ଭାସୁଥାଆନ୍ତି ଓ ଜନ୍ମାନ୍ତରରେ ଦୁଃଖକଷଣ ଭୋଗନ୍ତି ।

ଯେଉଁପ୍ରାଣୀ ଚୈତନ୍ୟର ନିର୍ଦ୍ଦେଶରେ ସ୍ୱତଃ ସ୍ୱାଭାବିକ ଭାବରେ ନିଦ୍ରା ଯାଏ, ସ୍ୱତଃପ୍ରବୃତ୍ତ ଏହି ନିଦ୍ରା ପ୍ରତି ତା'ର ଅସୁସୁପ୍ତି ମୋହ ଥାଏ । ବିଧାତା ପ୍ରାଣୀଜଗତ ନିମନ୍ତେ ସକଳ କର୍ମର ଶୃଙ୍ଖଳା ପାଇଁ ନୀତି ନିର୍ଦ୍ଧାରଣ କରିଅଛନ୍ତି । ବସନ୍ତ ଋତୁର ଆଗମନରେ ମଳୟ ପବନ ପ୍ରବାହିତ ହୁଏ, ଗଛରୁ ପତ୍ର ଝଡ଼ିଯାଏ, କୋକିଳ କୁହୁ କୁହୁ ରାବ ଦିଏ, ନୂତନ ପତ୍ର କଅଁଳେ, ନାନାଦି ଫୁଲ ଫୁଟେ, ପ୍ରହର ଜଗି ଡାହୁକ ରାବ ଦିଏ, ରାତି ପାହିଲେ କାଉ ରାବେ । ଏସବୁ ପ୍ରକୃତିଗତ କର୍ମ । ପୁନଶ୍ଚ ଜନ୍ମମାତ୍ରେ ଶୈଶବ, ତତ୍ପରେ ଯଥାବିଧି ବାଲ୍ୟ, ପୌଗଣ୍ଡ, କୈଶୋର, ଯୌବନ, ପ୍ରୌଢ଼, ବୃଦ୍ଧ ଅବସ୍ଥା ଇତ୍ୟାଦି ଜୀବନକାଳ ମଧ୍ୟରେ ଭୋଗ ହୁଏ । ଜୀବଜଗତରେ ପ୍ରାକୃତିକ ଭାବରେ ଯେପରି ବିଭିନ୍ନ କାର୍ଯ୍ୟ ବିଭିନ୍ନ ଅବସ୍ଥା ପାଇଁ ବାଣ୍ଟି ଦିଆଯାଇଛି, ସେହିପରି ନିଦ୍ରା ନିମନ୍ତେ ମୋହ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ପାଇଁ ଦିଆଯାଇଛି । ବିଧାତାଙ୍କର ସିଦ୍ଧାନ୍ତ ଅନୁସାରେ ପ୍ରକୃତିଗତ ଭାବବଶରୁ ଯଥା ସମୟ ଉପଗତ ହେଲେ ପ୍ରାଣୀ ଶରୀର ରକ୍ଷା ନିମନ୍ତେ ନିଦ୍ରିତ ହେବା ସ୍ୱାଭାବିକ । ପ୍ରାଣୀ ଏହି ଶୃଙ୍ଖଳାର ବହିଃର୍ଭୂତ ହେଲେ, ପ୍ରକୃତି ତା'କୁ ନିଦ୍ରିତ କରାଇଦିଏ । ନିଦ୍ରାକାଳ ଭୋଗ ହେବା ପରେ ପ୍ରକୃତି ନିଦ୍ରିତ ପ୍ରାଣୀକୁ ଜାଗ୍ରତ କରାଇଦିଏ । ଏହାହିଁ ଅସୁସୁପ୍ତି ମୋହ ଅଟେ । ଏହି ମୋହ ବିଧାତାଙ୍କ ଦ୍ୱାରା ଗୃହୀତ । ଏ ମୋହ ପ୍ରାଣୀକୁ ରୋଗଶୂନ୍ୟ ଓ ନୀରୋଗ କରେ ।

ଯଥାର୍ଥ ପରିଶ୍ରମ ପରେ ଏହି ମୋହ ପ୍ରାଣୀକୁ ଶାନ୍ତିରେ ବିଶ୍ରାମ ନେବାରେ ସାହାଯ୍ୟ କରିଥାଏ । ସାଧାରଣତଃ ପ୍ରାଣୀର ଜୀବଦ୍ଦଶାର ଏକ ଚତୁର୍ଥାଂଶ କାଳ ନିଦ୍ରାରେ ଅତିବାହିତ ହୋଇଥାଏ । ଯଦିଓ ଏହି ମୋହ ସାଧନ ପଥରେ ବାଧା ସୃଷ୍ଟି କରେ ତଥାପି ଏହା ଜୀବନ ଧାରଣ ନିମନ୍ତେ ଏକାନ୍ତ ଆବଶ୍ୟକ । ଅଧିକ ସମୟ ବା ଅବେଳାରେ ନିଦ୍ରିତ ନ ହୋଇ ଆବଶ୍ୟକ ପରିମାଣରେ ନିର୍ଦ୍ଦିଷ୍ଟ ସମୟରେ ନିଦ୍ରା ଗଲେ ସାଧନ କୌଶଳ ବାଧାପ୍ରାପ୍ତ ହୁଏ ନାହିଁ, ତହିଁ ଅଧିକ ବା ଅସମୟରେ ନିଦ୍ରା ଗଲେ ସାଧନା ହୋଇପାରେ ନାହିଁ ।

# ଆଧ୍ୟାତ୍ମିକ ପ୍ରବନ୍ଧ

*'ଚରମ': ଦ୍ୱିତୀୟ ପୁଷ୍ପ: ତୃତୀୟ ପାଖୁଡ଼ାରେ ପ୍ରକାଶିତ ଦ୍ୱିତୀୟ ଆଧ୍ୟାତ୍ମିକ ପ୍ରବନ୍ଧ : ''ଯୋଗ ଦର୍ଶନ'' ଆତ୍ମ ଉନ୍ନୟନ ଆକାଂକ୍ଷୀ ଜିଜ୍ଞାସୁମାନଙ୍କର ତତ୍ତ୍ୱ ଜିଜ୍ଞାସାର ସଫଳ ସମାଧାନ; ଯଦିଓ ଏହା ସଂକ୍ଷିପ୍ତ ତଥାପି ଏହି ସୀମିତ ପରିସରରେ ଅସୀମ ସାରବତ୍ତାର ଆଭାସ ସୁସ୍ପଷ୍ଟ । ତତ୍ତ୍ୱକୁ ଚିହ୍ନିଲେ ତତ୍ତ୍ୱପୁରୁଷଙ୍କୁ ଚିହ୍ନିବାରେ କୌଣସି ପ୍ରତିବନ୍ଧ ରହେନା, ରହିପାରେନା । ଭ୍ରାନ୍ତି ଦୂର ହେଲେ, ମୁକ୍ତି, ମୋକ୍ଷ, ନିର୍ବାଣ, ଆନନ୍ଦମୟ ବ୍ରାହ୍ମୀସ୍ଥିତି ଏପରିକି ଚରମପ୍ରାପ୍ତି ଦୁର୍ଲ୍ଲଭ ନହୋଇ ଯୋଗାଚାରୀଙ୍କର ସୁଲଭ ହୋଇଥାଏ । ଏ ଲକ୍ଷ୍ୟ ନେଇ ଏହି ଭ୍ରମର ଅବତାରଣା ।*

## ଯୋଗ ଦର୍ଶନ

**ଯୋ**ଗ ହେଉଛି ସାର୍ବଭୌମ ଧର୍ମ । ସର୍ବ ଧର୍ମର ମୂଳତତ୍ତ୍ୱ । ଏହାର ମୌଳିକ ତତ୍ତ୍ୱ ହେଲା ଅନୁଭବ ଦ୍ୱାରା ତତ୍ତ୍ୱଜ୍ଞାନ ପ୍ରାପ୍ତ ହେବା । ମନୁଷ୍ୟକୁ ତା'ର ଅନ୍ତିମ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବା । ବର୍ତ୍ତମାନ ପ୍ରଶ୍ନ ଉଠେ ଏହି ତତ୍ତ୍ୱଜ୍ଞାନ କ'ଣ ? ଏହାର ଗଠନ ପ୍ରଣାଳୀ ଉତ୍ତମ ରୂପେ ଜାଣିଲା ପରେ ଅନ୍ତିମ ଲକ୍ଷ୍ୟସ୍ଥଳ କ'ଣ ଜଣାପଡ଼ିବ । ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ୍‌ରେ ଉଲ୍ଲେଖ ଅଛି - ''ତତ୍ତ୍ୱ ଚିହ୍ନିଲେ ତୁଟେ ଭ୍ରାନ୍ତି । ଭବ ସାଗର୍ ତରି ଯାନ୍ତି ।''

ତ୍ରିତାପ ସନ୍ତପ୍ତ ଜୀବମାନଙ୍କର କଲ୍ୟାଣ ନିମନ୍ତେ ଆଦିବିଦ୍ୱାନ ଏବଂ ପରମଋଷି କପିଳ ମହର୍ଷି ପୁରାଣମତ ଅନୁସାରେ ସତ୍ୟଯୁଗର ଆରମ୍ଭରେ ପ୍ରକଟ ହୋଇଥିଲେ । ତାଙ୍କ ମତରେ ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଦୁଃଖର ନିବୃତ୍ତି କେବଳ ତତ୍ତ୍ୱଜ୍ଞାନ ଦ୍ୱାରାହିଁ ହୋଇଥାଏ । ଆଧ୍ୟାତ୍ମିକ ଦୁଃଖ ଶରୀର ଏବଂ ମନ ଜନିତ ଅଟେ । ଆଜି ମୋର ମୁଣ୍ଡ ବ୍ୟଥା ହେଉଛି ଅଥବା ମୋର ପୃଷ୍ଠଦେଶରେ ପୀଡ଼ା ଅନୁଭବ କରୁଛି କିମ୍ବା କାମ, କ୍ରୋଧର ବେଗ ଓ ଜ୍ୱର ପ୍ରଭୃତି ପୀଡ଼ା ଦ୍ୱାରା ମନ ଶାନ୍ତ ରହୁନାହିଁ । ଏହାହିଁ ଆଧ୍ୟାତ୍ମିକ ଦୁଃଖ ଅଟେ । ଆଧିଭୌତିକ ଦୁଃଖ ଅନ୍ୟ ପ୍ରାଣୀମାନଙ୍କ ଦ୍ୱାରା ପ୍ରଦତ୍ତ ଦୁଃଖ ଅଟେ । ଯଥା:- ସାପ, ବ୍ୟାଘ୍ର, ବିଛା, ଭଲ୍ଲୁକ ଇତ୍ୟାଦି ଦଂଶନ ବା ପୀଡ଼ନ କରିବା । ଆଧିଦୈବିକ ଦୁଃଖ ହେଉଛି ଯେଉଁ ଦୁଃଖ ଦେବତାମାନଙ୍କ ଦ୍ୱାରା ପ୍ରଦତ୍ତ ଅଥବା ପ୍ରାକୃତିକ ବିପର୍ଯ୍ୟୟ ଜନିତ ଅଟେ । ଦୁର୍ଭିକ୍ଷ, ମହାମାରୀ, ବନ୍ୟା, ଅତ୍ୟଧିକ ଗରମ ବା ଶୀତ, ଭୂମିକମ୍ପ, ଅଗ୍ନିକାଣ୍ଡ ଇତ୍ୟାଦି ଦୈବୀ ଦୁର୍ଘଟଣା ଏହାର ଅନ୍ତର୍ଗତ । ତଥାପି ଭାବୁଛୁ ଯେ ଆମେ ଏହି ସଂସାରରେ ଖୁବ୍ ସୁଖରେ ଅଛୁ । ଯଦ୍ୟପି ଏହି ତ୍ରିବିଧ ଦୁଃଖ ସହିତ ଜନ୍ମ, ଜରା, ବ୍ୟାଧି ଏବଂ ମୃତ୍ୟୁ ଜନିତ ଦୁଃଖ ମଧ୍ୟ ରହିଛି । ତେଣୁ ଆମର ସୁଖ କେଉଁଠାରେ ? ମାୟାଦ୍ୱାରା ବିମୋହିତ ହୋଇଥିବା ହେତୁ ଭାବୁଛୁ ଯେ ଆମର ସ୍ଥିତି ଅତ୍ୟନ୍ତ ନିରାପଦ ଅଟେ ।

ମହର୍ଷି କପିଳ ମୁନି ହେଉଛନ୍ତି ପଞ୍ଚବିଂଶତି ତତ୍ତ୍ୱର ସ୍ରଷ୍ଟା । ଏହି ପଞ୍ଚବିଂଶତି ତତ୍ତ୍ୱ ହେଲା : (୧) ମୂଳ ପ୍ରକୃତି, (୨) ମହତତ୍ତ୍ୱ, (୩) ଅହଂକାର (୪) ଶବ୍ଦ ତନ୍ମାତ୍ର (୫) ସ୍ପର୍ଶତନ୍ମାତ୍ର (୬) ରୂପତନ୍ମାତ୍ର (୭) ରସତନ୍ମାତ୍ର (୮) ଗନ୍ଧତନ୍ମାତ୍ର (୯) ଚକ୍ଷୁଃ (୧୦) ଶ୍ରୋତ୍ର (୧୧) ଘ୍ରାଣ (୧୨) ରସନା (୧୩) ତ୍ୱକ୍ (ପଞ୍ଚଜ୍ଞାନେନ୍ଦ୍ରିୟ) (୧୪) ବାକ୍ (୧୫) ପାଣି (୧୬) ପାଦ (୧୭) ପାୟୁ (୧୮) ଉପସ୍ଥ (ପଞ୍ଚକର୍ମେନ୍ଦ୍ରିୟ) (୧୯) ମନ (୨୦) ଆକାଶ (୨୧) ବାୟୁ (୨୨) ଅଗ୍ନି (୨୩) ଜଳ (୨୪) ପୃଥିବୀ (ପଞ୍ଚମହାଭୂତ) (୨୫) ସ୍ୱୟଂ ପୁରୁଷ । ମୂଳ ପ୍ରକୃତି ମହତତ୍ତ୍ୱର କାରଣ ବୋଲି କାରଣ ସ୍ୱରୂପା । ଏହାର ଅନ୍ୟ ପ୍ରକୃତି ନାହିଁ । ତେଣୁ ପ୍ରଧାନ ପ୍ରକୃତିର ବିକୃତ ହେଉଛି ମହତତ୍ତ୍ୱ, ମହତତ୍ତ୍ୱର ବିକୃତି ହେଉଛି ଅହଂକାର । କିନ୍ତୁ ଅହଂକାରର ପ୍ରକୃତି ହେଉଛି ମହତତ୍ତ୍ୱ । ସେଥିପାଇଁ ବୁଦ୍ଧି ଓ ଅହଂକାର ସହିତ ପଞ୍ଚତନ୍ମାତ୍ରାକୁ ମଧ୍ୟ ''ପ୍ରକୃତି'' ବୋଲି ମାନି ନିଆଯାଇଛି । ତହିଁରୁ ୧୬ ବିକୃତିର

ଉତ୍ପତ୍ତି ହୁଏ । ୧୬ ବିକୃତି ହେଲା:- ପଞ୍ଚଭୂତ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ଓ ମନ । ଏଗାରଟି ଇନ୍ଦ୍ରିୟରୁ ଅହଂକାରର ବିକୃତି ଅନନ୍ତ । ଏମାନଙ୍କ ଆଗକୁ ନୂତନତତ୍ତ୍ୱ ଉତ୍ପନ୍ନ ହୁଏ ନାହିଁ । ସେଥିପାଇଁ ଏମାନେ ସ୍ୱୟଂ କାହାର ପ୍ରକୃତି ନୁହଁନ୍ତି । ଅତଏବ ଏମାନେ କେବଳ ବିକୃତି ଅଟନ୍ତି । ଏହି ପ୍ରକାର ପଞ୍ଚମହାଭୂତ ପଞ୍ଚତନ୍ମାତ୍ରାର ବିକୃତି ଅଟନ୍ତି । ଏହି ଚବିଶ ପ୍ରକାର ଭେଦ ବାସ୍ତବରେ ମୂଳ ପ୍ରକୃତି ହିଁ ଅଟେ । ତାହା ଅତ୍ୟନ୍ତ ସକ୍ରିୟ ଓ ଚୈତନ୍ୟ ରହିତ ଅଟେ ।

ମନ ସହିତ ଏକାଦଶ ଇନ୍ଦ୍ରିୟ ଯେଉଁ ସୂକ୍ଷ୍ମତନ୍ମାତ୍ରାରୁ ଉତ୍ପନ୍ନ ହୁଅନ୍ତି ସେମାନେ ଅନୁଭବଗମ୍ୟ ଅଟନ୍ତି । ଯେତେବେଳେ ସାଧକର ଗଭୀର ଏକାଗ୍ରତା ପ୍ରାପ୍ତ ହୁଏ ସେତେବେଳେ ତାହାର ସୂକ୍ଷ୍ମ ଏବଂ ନିର୍ମଳ ଶବ୍ଦ, ସ୍ପର୍ଶ, ରୂପ, ରସ ଏବଂ ଗନ୍ଧର ଜ୍ଞାନ ହୁଏ । ଏହାର ମୂଳ ଉଦ୍‌ଗମର ଅନୁସନ୍ଧାନ ସମୟରେ ଅହଂ ବୃତ୍ତିର ସାକ୍ଷାତକାର ହୁଏ । ଅହଂକାରର ଉପରକୁ ଉଠି ବିଚାର କରିବା ଦ୍ୱାରା ମହତତ୍ତ୍ୱର ଦର୍ଶନ ହୁଏ । ଏହା ଉପରେ କୌଣସି କାରଣର ସନ୍ଧାନ ମିଳେ ନାହିଁ । ସେତେବେଳେ କେବଳ ଅନୁଭବ ଦ୍ୱାରା ମୂଳ ପ୍ରକୃତିକୁ ସ୍ୱୀକାର କରାଯାଏ । ସେ ହିଁ ଅନାଦି ଓ ଅନନ୍ତ ଅଟନ୍ତି । ଏହି ଯେଉଁ ୨୪ ବିଭାଗ ମହର୍ଷି କପିଳଙ୍କ ଦ୍ୱାରା ଦର୍ଶାଗଲା ସେଗୁଡ଼ିକ ପ୍ରତ୍ୟକ୍ଷ ଅନୁଭବଗମ୍ୟ ଅଟନ୍ତି । ଏତିସବୁ ତତ୍ତ୍ୱ ସଂକ୍ଷେପରେ ଉଲ୍ଲେଖ କରାଗଲା । ତତ୍‌ପରେ ଅନ୍ତିମ ଲକ୍ଷ୍ୟ ବିଷୟରେ ସମ୍ୟକ୍ ଧାରଣା ନେବା ଦରକାର ।

''ବ୍ୟକ୍ତା ବ୍ୟକ୍ତଜ୍ଞ ବିଜ୍ଞାନାତ୍'' - **ଅର୍ଥାତ୍ ତିନି ପଦାର୍ଥ ହିଁ ମୁଖ୍ୟ ଅଟନ୍ତି । ଯଥା:-**

'ବ୍ୟକ୍ତ'- ପ୍ରକାଶମାନ ଜଗତ ।

'ଅବ୍ୟକ୍ତ'- ମୂଳ ପ୍ରକୃତି ।

'ଜ୍ଞ'- ଜ୍ଞାତା ପୁରୁଷ ।

ବର୍ତ୍ତମାନ ଜ୍ଞାତାପୁରୁଷ ବିଷୟରେ କିଛି ଧାରଣା ଦେବା ଉଚିତ । ଏହା ଏକ ପରୋକ୍ଷ ବିଷୟ ତଥା ତ୍ରିଗୁଣାତୀତ ଏବଂ ନିର୍ଲିପ୍ତ ଅଟେ । ଏ ବିଷୟରେ କୌଣସି ଅନୁମାନ କିମ୍ବା ସିଦ୍ଧାନ୍ତ କରାଯାଇ ପାରିବ ନାହିଁ । ଏହାର କୌଣସି ହେତୁ ବା କାରଣ ନାହିଁ । ସେ ନିତ୍ୟ ଅଟନ୍ତି । ତାଙ୍କର ଉତ୍ପତ୍ତି କି ବିନାଶ ନାହିଁ ।  ନିଜର ଶୁଦ୍ଧ ରୂପରେ ସେ ସର୍ବବ୍ୟାପୀ; କିନ୍ତୁ ପ୍ରକୃତି ସହିତ ଯୁକ୍ତ ହୋଇ ଜୀବ ଭିତରେ ଜୀବାତ୍ମା ରୂପରେ ଅଧିଷ୍ଠିତ ହୁଅନ୍ତି । ଏଠାରେ କୌଣସି ପ୍ରକାର କର୍ତ୍ତୃତ୍ୱର ଭାବ ନାହିଁ । ବ୍ୟକ୍ତ ସର୍ବଦା ଅବ୍ୟକ୍ତକୁ ଆଶ୍ରୟ କରେ । କିନ୍ତୁ ପୁରୁଷ କୌଣସିଥିରୁ ଉତ୍ପନ୍ନ ନ ହେବା ହେତୁ ଅନାଶ୍ରିତ ଏବଂ କାରଣ ହୁଅନ୍ତି ନାହିଁ । ସେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ କଥା ଜାଣନ୍ତି । ସେ ପୁରାଣ ପୁରୁଷ (ଅତ୍ୟନ୍ତ ପୁରାତନ ପୁରୁଷ) ଅଟନ୍ତି କାରଣ ସେ ସମସ୍ତଙ୍କର ମୂଳ । ସବୁକିଛି ତାଙ୍କଠାରୁ ଜାତ । ସେ ମଧ୍ୟ ସମସ୍ତ ବ୍ରହ୍ମାଣ୍ଡର ପରମ ନିୟନ୍ତ୍ରଣକାରୀ ଅଟନ୍ତି । ସେ ଅଣୁଠାରୁ ଆହୁରି ବି କ୍ଷୁଦ୍ରତର । ଏହି ସୂକ୍ଷ୍ମଜୀବ ବା ଜୀବାତ୍ମା କେଶାଗ୍ରର ଦଶ ହଜାର ଭାଗରୁ ଏକଭାଗ ଅଟେ । ସେ ଏପରି ଅଚିନ୍ତ୍ୟ ରୂପେ କ୍ଷୁଦ୍ରତର ଯେ ସେ ଏହି କ୍ଷୁଦ୍ରତମ ଅଂଶର ହୃଦୟରେ ବି ପ୍ରବେଶ କରନ୍ତି । ତେଣୁ ଅଣୁଠାରୁ ଆହୁରି କ୍ଷୁଦ୍ରତର ବୋଲି କୁହାଯାଇଛି । ଯଦିଓ ସେ କ୍ଷୁଦ୍ର ତଥାପି ସର୍ବବ୍ୟାପକ ଏବଂ ସମସ୍ତଙ୍କର ପାଳନକର୍ତ୍ତା ଅଟନ୍ତି । ତାଙ୍କ ଯୋଗୁଁ ଏ ସମସ୍ତ ଗ୍ରହ, ଉପଗ୍ରହ ଗତି କରୁଛି । ତାଙ୍କ ଶକ୍ତି ବାସ୍ତବରେ ଆମର ଧାରଣାର ବହିର୍ଭୂତ ଏବଂ ଚିନ୍ତାଶକ୍ତିର ଉର୍ଦ୍ଧ୍ୱତର ।

ତେଣୁ ବଦ୍ଧଜୀବର ଅନ୍ତିମ ଲକ୍ଷ୍ୟ ହେଉଛି ନିଜର ସ୍ୱରୂପ ସ୍ଥିତି ଲାଭ କରିବା । ଏହି ସ୍ଥିତି ଅତ୍ୟନ୍ତ ଶୁଦ୍ଧ ଓ ନିର୍ମଳ, ଜ୍ଞାନ ପୂର୍ଣ୍ଣ ଏବଂ ଆନନ୍ଦମୟ । ଏହି ସ୍ଥିତି ଲାଭ କରିବା ହିଁ ଅନ୍ତିମ ଲକ୍ଷ୍ୟ ବା 'ଯୋଗ ଦର୍ଶନ' । ଏହାକୁ ଅନ୍ୟ ଭାଷାରେ ''ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି'' କୁହାଯାଏ ।

# ନାମ ଜପର ବିଧି ଓ ମହାତ୍ମ୍ୟ

'ଚରମ' ପୃଷ୍ଠାରେ ଏହି ଶୀର୍ଷକରେ ନିୟମିତ ଭାବରେ ଭିନ୍ନ ଭିନ୍ନ ରୁଚିର ପ୍ରବନ୍ଧ ପ୍ରକାଶ କରି ଅଧ୍ୟାତ୍ମ ଜ୍ଞାନପିପାସୁ ପାଠକ/ପାଠିକାମାନଙ୍କର ଜିଜ୍ଞାସାର ସାର୍ଥକ ସମାଧାନ କରିବାର ପ୍ରୟାସ ସମ୍ପାଦନା କରିଥିଲେ ହେଁ, କେତେକ ଅନିବାର୍ଯ୍ୟ କାରଣବଶତଃ ତାହା ନିୟମିତ ହୋଇପାରିନାହିଁ । ଏହି ପାଖୁଡ଼ାରେ ପୁନର୍ବାର ସେହି ପୂର୍ବ ପ୍ରତିଶ୍ରୁତିର ଅନୁସୃତିରେ ଆସନ୍ତୁ ପଢ଼ିବା :

## -: ନାମ ଜପର ବିଧି ଓ ମହାତ୍ମ୍ୟ :-

ନାମପ୍ରବର୍ତ୍ତକ ଶ୍ରୀଚୈତନ୍ୟ ମହାପ୍ରଭୁ ସ୍ୱକୃତ ଶିକ୍ଷାଷ୍ଟକରେ କହିଛନ୍ତି-

''ନାମ୍ନାମ କରି ବହୁଧା ନିଜ ସର୍ବଶକ୍ତିଃ ।
ତତ୍ରାର୍ପିତା ନିୟମିତଃ ସ୍ମରଣେ ନ କାଳଃ ।
ଏତାଦୃଶୀ ତବ କୃପା ଭଗବନ୍ ! ମମାପି,
ଦୁର୍ଦୈବମୀଦୃଶ ମିହାଜନି ନାନୁରାଗଃ ।''

ଅର୍ଥାତ୍ ସୃଷ୍ଟି ପ୍ରାରମ୍ଭରେ ଅବ୍ୟକ୍ତ ବ୍ରହ୍ମ ''ଅହଂ ବହୁଃ ସ୍ୟାମ୍'' (ମୁଁ ସ୍ୱୟଂ ବହୁ ରୂପରେ ବ୍ୟକ୍ତ ହେବି) ରୂପୀ ଇଚ୍ଛାଶକ୍ତିରୁ ନିଜକୁ ଏକରୁ ଦୁଇ ରୂପରେ ବ୍ୟକ୍ତ କଲେ- ''ନାମ ରୂପେ ବ୍ୟାକରବାଣି ।'' ଗୋଟିଏ ତାଙ୍କର ବ୍ୟକ୍ତସ୍ୱରୂପ ଓ ବ୍ୟକ୍ତଶବ୍ଦ ବା ନାଦ । ସେହି ନାଦବ୍ରହ୍ମ ପ୍ରଣବରୁ ପରେ ବହୁରୂପେ ଶବ୍ଦବ୍ରହ୍ମ ରୂପେ  ବ୍ୟାପକ ହେଲେ । ନିଜର ସର୍ବଶକ୍ତିକୁ ଏହି ଶବ୍ଦ ବ୍ରହ୍ମରେ ଅର୍ପଣ କରିଛନ୍ତି । ଅର୍ଥାତ୍ ପ୍ରତ୍ୟେକ ନାମରେ ଭଗବାନଙ୍କର ନିଖିଳଶକ୍ତି ପୂର୍ଣ୍ଣଭାବରେ ବିଦ୍ୟମାନ । ପୁଣି ସେହି ନାମର ବୈଶିଷ୍ଟ୍ୟ ହେଲା- ନାମ ସ୍ମରଣରେ କୌଣସି କାଳ ବା ସମୟ ନିର୍ଦ୍ଧାରିତ କରି ନାହାଁନ୍ତି । ଦେଶ, କାଳ ପାତ୍ରର ବିଚାର ମଧ୍ୟ ରଖି ନାହାଁନ୍ତି । ଦିବସ ଓ ରାତ୍ରିର ବିଭିନ୍ନ ଭାଗର ଯେ କୌଣସି ସମୟରେ ଏହା ଉଚ୍ଚାରଣ କରିହେବ । ସାଂସାରିକ ମାୟାରୁ ତରିବା ପାଇଁ ତଥାପି ମଣିଷର ସହଜତମ, ସରଳତମ ଓ ଶ୍ରେଷ୍ଠତମ ଉପାୟ ନାମସ୍ମରଣରେ ଶ୍ରଦ୍ଧା ଉପୁଜୁ ନାହିଁ ।

ବିଶେଷକରି କଳିଯୁଗର କରାଳ କବଳରୁ ରକ୍ଷା ପାଇବା ପାଇଁ କେଉଁ ଉପାୟ ଅବଲମ୍ବନୀୟ, ସେହି ପ୍ରଶ୍ନ ଭକ୍ତରାଜ ଦେବର୍ଷି ନାରଦ ସ୍ୱପିତା ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ପଚାରିଥିଲେ । ''କଳିସନ୍ତରଣୋପନିଷଦ୍''ରେ ବ୍ରହ୍ମାଙ୍କ ଉପଦେଶ ହେଲା- କଳିଯୁଗର କୁପ୍ରଭାବରୁ ମୁକ୍ତ ହେବାପାଇଁ ଏକମାତ୍ର ''ମହାମନ୍ତ୍ର ସ୍ମରଣ, ଧ୍ୟାନ, ଜପ ହିଁ ଶ୍ରେଷ୍ଠତମ ଉପାୟ ।'' ପୁନର୍ବାର ନାରଦଙ୍କ ପ୍ରଶ୍ନ ''ନାମୋଚ୍ଚାରଣେ କା ବିଧିଃ ।'' ବ୍ରହ୍ମାଙ୍କ ଉତ୍ତର ହେଲା- ''ଦେଶକାଳପାତ୍ରସ୍ୟ ବିବକ୍ଷା ନାସ୍ତି ।'' ଦେଶ, କାଳ ବା ସମୟ, ପାତ୍ରର ବିଚାର ନାହିଁ- ଅର୍ଥାତ୍ ଯେ କୌଣସି ଜାତିର ମଣିଷ ହେଉ, ଆଚଣ୍ଡାଳ ବ୍ରାହ୍ମଣ, ନାରୀ ଯେ କୌଣସି ସମୟରେ, ଯେ କୌଣସି ସ୍ଥାନରେ ମହାମନ୍ତ୍ରର ଉଚ୍ଚାରଣ, ସ୍ମରଣ, କୀର୍ତ୍ତନ କରାଯାଇପାରେ ।

କଳିଯୁଗର ପ୍ରାରମ୍ଭରେ ଅଭିଶାପଗ୍ରସ୍ତ ମହାରାଜା ପରୀକ୍ଷିତଙ୍କ ପ୍ରଶ୍ନ- ''ମ୍ରିୟମାଣସ୍ୟ କି କୃତ୍ୟମ୍'' ଅର୍ଥାତ୍ କଳିକାଳରେ ମରଣଶୀଳ ମନୁଷ୍ୟର କ'ଣ କର୍ତ୍ତବ୍ୟ ? ଆଜନ୍ମବ୍ରହ୍ମଚାରୀ ବ୍ରହ୍ମବିତ୍ ଶୁକଦେବ କହିଲେ ''ହରେର୍ନାମୈବ କେବଳମ୍'' କଳୌ ନାସ୍ତ୍ୟେବ ଗତିରନ୍ୟଥା'' । ବିଭିନ୍ନ ପୁରାଣରେ କୁହାଯାଇଛି'' ''କଳୌ ତୁ କେଶବକୀର୍ତ୍ତନାତ୍'' ମହାମନ୍ତ୍ରର ଉଚ୍ଚାରଣରେ କୌଣସି ବିଧି, ନିଷେଧ ନାହିଁ- ''ନାତ୍ର ଦେଶ କାଳ ପାତ୍ର ବିଚାରଣା'' । ଦ୍ୱାପରାନ୍ତେ କଳି ପ୍ରାରମ୍ଭରେ ନୈମିଷ୍ୟାରଣ୍ୟର ୮୮୦୦୦ ଋଷି କଳିର କରାଳ କବଳରୁ ରକ୍ଷା ପାଇବାର ଶ୍ରେଷ୍ଠତମ ଉପାୟ ନିର୍ଣ୍ଣୟ କରି ନପାରି ଶ୍ରୀମଦ୍ ଭାଗବତର ସ୍ରଷ୍ଟା ମହାଜ୍ଞାନୀ ବ୍ୟାସଦେବଙ୍କ

ଠାର୍ ସମୁଚିତ ଉପାୟ ନିର୍ଦ୍ଧାରଣ ମାନସରେ ବ୍ୟାସାଶ୍ରମ ସନ୍ନିକଟରେ ପ୍ରବାହିତ ସରସ୍ୱତୀ ନଦୀରେ ସ୍ନାନ କରୁଥିବା ବ୍ୟାସଦେବଙ୍କୁ ଦେଖି ନଦୀକୂଳରେ ସମବେତ ହେଲେ । ଅପେକ୍ଷ୍ୟମାଣ ଋଷିମାନଙ୍କ ମନୋବେଦନା ଜାଣିପାରି ନଦୀରେ ବାରମ୍ବାର ବୁଡ଼ ପକାଇଲାବେଳେ ବ୍ୟାସଦେବ ଉଚ୍ଚାରଣ କରୁଥିଲେ- ''କଳିଯୁଗଃ ଧନ୍ୟଃ'' ''ଶୂଦ୍ରାଃ ଧନ୍ୟାଃ'' ସ୍ତ୍ରୀୟଃ ଧନ୍ୟାଃ । ଋଷିମାନଙ୍କର ସନ୍ଦେହ ହେଲା । ସ୍ନାନକୃତ୍ୟ ସମାପନାନ୍ତେ ବ୍ୟାସଦେବ ଅପେକ୍ଷ୍ୟମାଣ ଋଷିମାନଙ୍କର ସନ୍ଦେହ ମୋଚନ କରି କହିଲେ- ''ସତ୍ୟ ଯୁଗରେ ଧ୍ୟାନ, ତପସ୍ୟା, ତ୍ରେତାଯୁଗରେ ଯଜ୍ଞାଦି କ୍ରିୟାନୁଷ୍ଠାନ, ଦ୍ୱାପରରେ ବିଭିନ୍ନ ଉପାଚାରୋପାସନା, କଳିରେ କେବଳ ନାମକୀର୍ତ୍ତନ ହିଁ ଯୁଗର ତରଣୋପାୟ ।''

ଶ୍ରୀମଦ୍‌ଭାଗବତରେ ବ୍ୟାସଦେବ କହିଛନ୍ତି- ବ୍ରହ୍ମଜ୍ଞାନୀ ଶୁକଦେବ ମହାରାଜ ପରୀକ୍ଷିତଙ୍କୁ ଶେଷ ଉପଦେଶ ଦେଇ କହିଛନ୍ତି:

''କଳେର୍ଦୋଷନିଧେ ରାଜନ୍ ! ଅସ୍ତିହ୍ୟେକୋ ମହାନ୍‌ଗୁଣଃ ।
କୀର୍ତ୍ତନାଦେବ କୃଷ୍ଣସ୍ୟ ମୁକ୍ତସଙ୍ଗଃ ପରଂ ବ୍ରଜେତ୍ ॥'' -ଶ୍ରୀମଦ୍ ଭାଗବତ ୧୨.୩.୫୧

''କୃତେ ଯଦ୍ ଧ୍ୟାୟତୋ ବିଷ୍ଣୁଂ ତ୍ରେତାୟାଂ ଯଜତୋ ମଖୈଃ ।
ଦ୍ୱାପରେ ପରିଚର୍ଯ୍ୟାୟାଂ କଳୌ କେଶବ କୀର୍ତ୍ତନାତ୍ ।'' —୧୨.୩.୫୨

ଅର୍ଥାତ୍ ସତ୍ୟ ଯୁଗରେ ବିଷ୍ଣୁଙ୍କୁ ଧ୍ୟାନରେ, ତ୍ରେତାଯୁଗରେ ଯଜ୍ଞାନୁଷ୍ଠାନରେ, ଦ୍ୱାପରରେ ବିବିଧ ପ୍ରକାର ଅର୍ଚ୍ଚନା ଓ ଉପାସନାରେ ମିଳେ, ସେହି ଫଳ କଳିଯୁଗରେ କେଶବଙ୍କ ନାମ କୀର୍ତ୍ତନରେ ମିଳେ ।

''ନାମ ସଂକୀର୍ତ୍ତନଂ ଯସ୍ୟ ସର୍ବପାପ ପ୍ରଣାଶନମ୍ ।
ପ୍ରଣାମୋ ଦୁଃଖଶମନଃ ତଂ ନମାମି ହରିଃ ପରମ୍ ॥ —୧୨/୧୩/୨୩ ॥

ଅର୍ଥାତ୍ ଯାହାଙ୍କର ନାମ ସଂକୀର୍ତ୍ତନ ଦ୍ୱାରା ସର୍ବପାପ ନାଶ ହୁଏ, ସେହି ପାପତାପନାଶକାରୀଙ୍କୁ ମୁଁ ପ୍ରଣାମ କରୁଛି ।

ଶ୍ରୀମଦ୍‌ଭଗବଦ୍ ଗୀତାରେ ସ୍ୱୟଂ ଭଗବାନ୍ ଉଦ୍ଧାରର ପନ୍ଥା ସମ୍ପର୍କରେ ନାମସ୍ମରଣ ପ୍ରସଙ୍ଗ କହିଛନ୍ତି-

''ଅନନ୍ୟାଃ ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହଂ । —ଗୀତା : ୯/୨୨

''ମନ୍ମନାଭବ, ମଦ୍‌ଭକ୍ତଃ ମଦ୍ୟାଜୀ ମାଂ ନମସ୍କୁରୁ
''ମାଂ ଅନୁସର ଯୁଧ୍ୟ ଚ'' । —ଗୀତା ୧୮/୬୫

''ଯଜ୍ଞାନାଂ ଜପଯଜ୍ଞ ଅସ୍ମି —ଅର୍ଥାତ୍ ସବୁ ଯଜ୍ଞ ମଧ୍ୟରେ ମୁଁ ହିଁ ଜପଯଜ୍ଞ ।

ପାତଞ୍ଜଳ ଯୋଗଦର୍ଶନରେ କୁହାଯାଇଛି- ''ତଦ୍‌ଜପଃ ତଦର୍ଥ ଭାବନମ୍'' ଅର୍ଥାତ୍ ତାଙ୍କରି ନାମଜପ ସହିତ ନାମର ଅର୍ଥ, ସ୍ୱରୂପଚିନ୍ତନ ଆବଶ୍ୟକ ''ତସ୍ୟ ବାଚକଃ ପ୍ରଣବଃ'' ଭଗବାନଙ୍କର ବାଚକନାମ ହିଁ ଏକାକ୍ଷର ପ୍ରଣବ ।

# ନାମ ଜପର ବିଧି

**ଶ୍ରୀ**ମଦ୍‌ଭାଗବଦ୍ ଗୀତାର ଅଷ୍ଟମ ଅଧ୍ୟାୟ ତ୍ରୟୋଦଶ ଶ୍ଲୋକରେ ଜପବିଧି ପ୍ରସଙ୍ଗରେ କୁହାଯାଇଛି: ''ଓଁ ମିତି ଏକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାଂ ଅନୁସ୍ମରନ୍'' ଅର୍ଥାତ୍ ମୋ ଏକାକ୍ଷର ନାମ 'ଓଁ' ରୂପୀ ଶବ୍ଦବ୍ରହ୍ମକୁ ଉଚ୍ଚାରଣ କରିବା ସମୟରେ ମୋର ବ୍ୟକ୍ତ ସ୍ୱରୂପକୁ ସ୍ମରଣ କରିବା ଉଚିତ ।

ପୁନର୍ବାର ନାମ ଉଚ୍ଚାରଣ ଓ ସ୍ୱରୂପ ସ୍ମରଣ ବିଷୟରେ ଭଗବାନ ସ୍ୱୟଂ ଉପଦେଶ ଦେଇ ତା'ର ଫଳ ମଧ୍ୟ ସୂଚାଇଛନ୍ତି ।

''ଅନନ୍ୟଚେତାଃ ସତତଂ ଯୋମାଂ ସ୍ମରତି ନିତ୍ୟଶଃ ।
ତେଷାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ॥'' ଗୀତା ୮/୧୪
ଅର୍ଥାତ୍ ମୋତେ ସବୁବେଳେ ସ୍ମରଣ କରି ଜୀବନ ସଂଗ୍ରାମରେ ପ୍ରବୃତ୍ତ ହୁଅ ॥

ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଭଗବାନ୍ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ନାମ ଜପ କୀର୍ତ୍ତନ ସମୟରେ ତାଙ୍କ ସ୍ୱରୂପ ସ୍ମରଣ ଭାବନ ଆବଶ୍ୟକ । ଲୋକଦେଖାଣିଆ ଭାବରେ ନାମକୀର୍ତ୍ତନ ସମୟରେ ଅନ୍ୟ ଚିନ୍ତା, ଆତ୍ମପ୍ରଶଂସାଭାବନା ବା ଫଳକାମନା ଯେପରି ନ ଆସେ । ଭଗବତ୍ ନାମ ଜପ କୀର୍ତ୍ତନ ସମୟରେ ବିଶ୍ୱାସ ଶ୍ରଦ୍ଧା ସହକାରେ ଆବଶ୍ୟକ । ବେଳେବେଳେ ସଂକୀର୍ତ୍ତନକାରୀ ନାମଧାରୀଙ୍କର କଦାପି ଆତ୍ମପ୍ରଶଂସା ପ୍ରତି କାମନା ନ ଥିବ । ସେମାନେ କେବେହେଲେ ଭାବିବା ଉଚିତ ନୁହେଁ ଯେ ମୋତେ ଲୋକମାନେ ଭକ୍ତ, ଜଣେ ସଜ୍ଜନ ବୋଲି ମାନ୍ୟ କରିବେ । ମୋର ଅଙ୍ଗଭଙ୍ଗୀ ନର୍ତ୍ତନଭଙ୍ଗୀ ଦେଖି ଚମତ୍କୃତ ହେବେ ଇତ୍ୟାଦି । ତାହେଲେ ନାମୋଚ୍ଚାରଣରେ ବ୍ୟବସାୟ ବୁଦ୍ଧି କାମ କରିବ । ନାମର ଫଳ ବିକ୍ରି ହୋଇଯିବ । ମୁଁ ନାମ ଶୁଣାଇଲି, ମୋତେ ଭକ୍ତ ବୋଲି ପ୍ରଶ୍ନ କର ଇତ୍ୟାଦି । ଲୋକଦେଖାପଣିଆ ଆଦୌ ଉଚିତ୍ ନୁହେଁ । ତଲ୍ଲୀନ ଭାବାବିଷ୍ଟ ଅବସ୍ଥାରେ ଅଷ୍ଟସାତ୍ତ୍ୱିକ ଅବସ୍ଥାରେ ନାମ ସ୍ମରଣ କୀର୍ତ୍ତନ ବିଧିବିଷୟରେ ପ୍ରେମାବତାର ମହାପ୍ରଭୁ ଶ୍ରୀଚୈତନ୍ୟ କହିଛନ୍ତି-

''ନୟନଂ ଗଳଦଶ୍ରୁ ଧାରୟା ବଦନଂ ଗଦ୍‌ଗଦ୍ ରୁଦ୍ଧୟା ଗିରା ।
ପୁଲକୈର୍ନିଚିତଂ ବପୁଃ କଦା ତବ ନାମ ଗ୍ରହଣେ ଭବିଷ୍ୟତ୍ ॥'' ଶିକ୍ଷାଷ୍ଟକ-୬ଶ୍ଲୋକ ॥

ଏହାର ଅର୍ଥ ବୁଝାଇବାକୁ ଯାଇ ''ଚୈତନ୍ୟ ଚରିତାମୃତ'' ରଚୟିତା କବିରାଜ କୃଷ୍ଣଦାସ ମହାରାଜ କହିଛନ୍ତି-

''ଯୁଗାୟିତଂ ନିମେଷେଣ ଚକ୍ଷୁଷା ପ୍ରାବୃଷାୟିତମ୍ ।
ଶୂନ୍ୟାୟିତଂ ଜଗତ୍ ସର୍ବଂ କେଶବ ବିରହେଣ ମେ ॥'' -ଶିକ୍ଷାଷ୍ଟକ ୭ମ ଶ୍ଲୋକ ॥

''ଶିକ୍ଷାଷ୍ଟକ''ର ଦୁଇଟି ମୂଲ୍ୟବାନ୍ ବିଧି ସମ୍ପର୍କରେ କବିରାଜ କହନ୍ତି :

''ଉଦ୍‌ବେଗେ ଦିବସ ନାୟ, କ୍ଷଣ ହୈଲ ଯୁଗ ସମ ।
ବର୍ଷାର ମେଘ ପ୍ରାୟ ଅଶ୍ରୁବର୍ଷେ ଦ୍ୱିନୟନ ॥
କେଶବ ବିରହେ ହୈଲ ଶୂନ୍ୟ ତ୍ରିଭୁବନ ।
ତୁଷାନଲେ ପଡ଼େ ଯେନ ନା ଯାୟ ଜୀବନ ॥
କୃଷ୍ଣ ଉଦାସୀନ ହୈଲ କରିତେ ପରୀକ୍ଷଣ ।
ସଖୀ ସବ୍ କହେ କୃଷ୍ଣ କର ଉପେକ୍ଷଣ ॥

ଏହେନ ଚିନ୍ତିତ ରାଧାର ନିର୍ମଳ ହୃଦୟ ।
ସ୍ୱାଭାବିକ ପ୍ରେମେର ସ୍ୱଭାବ କରିଲ ଉଦୟ ॥
ଉତ୍କଣ୍ଠା, ଦୈନ୍ୟ, ପ୍ରଳାପ, ବିନୟ ।
ଏତଭାବ ଏକଠାଇଁ ହଇଲ ଉଦୟ ॥
ଏତଭାବେ ଶ୍ରୀରାଧାର ମନସ୍ଥିର ହୈଲ ।
ସଖିଗଣ ଆଗେ ଦୈନ୍ୟଭାବ ପ୍ରକାଶିଲ ॥

ଶ୍ରୀରାଧାର ମହାଭାବ ପ୍ରଭୁ ପ୍ରକାଶିଲ ।

ଶ୍ଳୋକ ଉଚ୍ଚାରିଆ ତଦ୍ରୂପ ଆପନେ ହଇଲ ॥'' ଅନ୍ତ୍ୟଲୀଳା ପୃଷ୍ଠା ୬୧୬ ॥

ଶ୍ରୀନାମ ଉଚ୍ଚାରଣ ପୂର୍ବକ ଶ୍ରୀରାଧା ସଖୀଙ୍କୁ ବିନୟରେ କହୁଛନ୍ତି :

''ଆଶ୍ଳିଷ୍ୟ ବା ପାଦରତାଂ ପିନଷ୍ଟୁ ମାମ୍ ଅଦର୍ଶନାତ୍ ମର୍ମହତାଂ କରୋତୁ ବା ।

ଯଥା ତଥା ବା ବିଦଧାତୁ ଲମ୍ପଟଃ ମତ୍ ପ୍ରାଣନାଥସ୍ତୁ ସ ଏବ ନାପରଃ ॥'' ଶିକ୍ଷାଷ୍ଟକ ୮ମ ଶ୍ଳୋକ ॥

ଅର୍ଥାତ୍ ''ମୋର ଜୀବନସ୍ୱାମୀ ମୋତେ ଆଲିଙ୍ଗନ କରନ୍ତୁ ବା ପାଦରେ ଦଳିମକ୍ଥି ଦିଅନ୍ତୁ । ସେ କପଟୀର ଆଚରଣ ମୋ ପାଇଁ ଯାହା ହେଉନା କାହିଁକି, ସେ ଯେ ମୋର ଜୀବନଧନ, ଅନ୍ତରର ହୃଦୟେଶ୍ୱର । ତାଙ୍କ ବ୍ୟତୀତ ମୋର ଅନ୍ୟଗତି ନାହିଁ ।'' ଏହାହିଁ ତଲ୍ଲୀନତା, ଭାବାବିଷ୍ଟତା । ନାମ ଉଚ୍ଚାରଣ, ସ୍ୱରୂପ ଭାବନ ସହ ପ୍ରେମଭକ୍ତିରେ ତଲ୍ଲୀନ ହେବାକୁ ହେବ ।

ଦେବର୍ଷି ନାରଦ ତାଙ୍କ ''ଭକ୍ତି'' ସୂତ୍ରରେ କହିଛନ୍ତି ''ତତ୍ ସୁଖେ ସୁଖୀତ୍ୱମ୍'' । ପ୍ରଭୁଙ୍କର ଯେଉଁଥିରେ ଆନନ୍ଦ, ଆମକୁ ସେଥିରେ ହିଁ ଆନନ୍ଦିତ ହେବାକୁ ହେବ । ଚରିତାମୃତରେ କୁହାଯାଇଛି-

''ରାଧାର ବିଶୁଦ୍ଧ ପ୍ରେମ ଯେନ ଜାମ୍ବୁନଦ ହେମ
ଆତ୍ମ ସୁଖେର ଯାହେ ନାହିଁ ଗନ୍ଧ ॥''

ସେ ମହାଭାବରେ ଅନୁଭାବିତ ଚୈତନ୍ୟ, ନୀଳାଚଳରେ ଅନ୍ତ୍ୟଲୀଳା ଦେଖାଇବାକୁ ଯାଇ ସ୍ୱୟଂ ସେହି ଆଚରଣ ଦେଖାଇ ଯାଇଛନ୍ତି ।

''ସେ ପ୍ରେମ ଜାନାତେ ଲୋକେ ପ୍ରଭୁ କୈଲ ଏଇ ଶ୍ଳୋକେ
ପଦେ କୈଲ ସାଧ୍ୟ (ଅର୍ଥେର) ନିବନ୍ଧ ॥
ପ୍ରଭୁର ଶିକ୍ଷାଷ୍ଟକ ଶ୍ଳୋକ ଯେଇ ପଢ଼େ ଶୁନେ
କୃଷ୍ଣେ ପ୍ରେମାଭକ୍ତି ତାର ବଢ଼େ ଦିନେ ଦିନେ ॥'' -ଅନ୍ତ୍ୟଲୀଳା ପୃଷ୍ଠା ୬୧୭ ॥

ଭକ୍ତ ମୁକୁଟମଣି ନାରଦ ପ୍ରେମଭକ୍ତି ସମ୍ପର୍କରେ କହିଛନ୍ତି-

''ତଦର୍ପିତା ଅଖିଳାଚାରିତା ତଦ୍ ବିସ୍ମରଣେ ପରମ ବ୍ୟାକୁଳତା''

ତାଙ୍କଠାରେ ସବୁକିଛି ଅର୍ପଣ କରି ସ୍ମରଣ ଚିନ୍ତନରେ ବୁଡ଼ିଯିବା ଏବଂ ତାଙ୍କ ବିସ୍ମରଣରେ ପରମ ବ୍ୟାକୁଳତାରେ ହିଁ ପ୍ରେମାଭକ୍ତିର ଉଦୟ ।

ଶ୍ରୀମଦ୍ଭାଗବତରେ କୁହାଯାଇଛି- ''ସମ୍ପଦୋ ନୈବ ସମ୍ପଦ ବିପଦୋ ନୈବ ବିପଦଃ ।
ସମ୍ପତ୍ ନାରାୟଣସ୍ମୃତିଃ, ବିପତ୍ ନାରାୟଣ-ବିସ୍ମୃତିଃ ॥

ନାମ ଉଚ୍ଚାରଣରେ କିଞ୍ଚିତ ଅବହେଳା ହେଲେ ମରଣପ୍ରାୟ ଅନୁଭବ ହେଲେ ଜାଣିବାକୁ ହେବ ନାମପ୍ରେମ ଜାଗରିତ ହୋଇଛି । ଶ୍ରୀଚୈତନ୍ୟଙ୍କଠାରୁ ଜଣେ ଯବନ ଶିଷ୍ୟ, ନାମରେ ଏତେ ମଗ୍ନ ହୋଇଥିଲେ ଯେ ଦିନରାତି ୨୪ ଘଣ୍ଟାରେ ୩ ଲକ୍ଷ ନାମଜପ କରୁଥିଲେ । ଅନେକ ବର୍ଷଧରି ନୀଳାଚଳର ସିଦ୍ଧବକୁଳ ବୃକ୍ଷତଳେ ରହି ନୀଳଚକ୍ରକୁ ଚାହିଁ ନାମରେ ତଲ୍ଲୀନ ହେଉଥିଲେ । ଶୟନେ ସ୍ୱପନେ କିବା ଜାଗରଣେ ନାମସ୍ମରଣ କୀର୍ତ୍ତନ ହିଁ ଜୀବନ ସର୍ବସ୍ୱ କରିନେଇଥିଲେ । ଦିନେ ଅନ୍ୟତମ ଭକ୍ତ ଗୋବିନ୍ଦ ଦାସ ମହାପ୍ରସାଦ ଦେବାକୁ ଆସି ଦେଖେ ତ, ହରିଦାସ ପୂର୍ବପରି ଦଣ୍ଡାୟମାନ ବା ଉପବେଶନ ନ କରି ଶୟନ ପୂର୍ବକ ମନ୍ଦସ୍ୱରରେ ନାମୋଚ୍ଚାରଣ କରୁଛନ୍ତି । ମହାପ୍ରସାଦ ସେବନ କରିବାକୁ ଆହୂତ ହେଲାପରେ କହିଲେ-

''ସଂଖ୍ୟା କୀର୍ତ୍ତନ ପୂରେ ନାହିଁ କେମନେ ଖାଇବ''

ମହାପ୍ରସାଦକୁ ନମସ୍କାର କରି କହିଲେ- ''ମୋର ଅସୁସ୍ଥ ବୁଦ୍ଧି ମନ ।''

ଶ୍ରୀଚୈତନ୍ୟ- ''କୋନ୍ ବ୍ୟାଧି କହତ ନିର୍ଣ୍ଣୟ'' ।

ହରିଦାସ- ''ସଂଖ୍ୟା ସଂକୀର୍ତ୍ତନ ମୋର ନା ହୟ ପୂରଣ'' ।

ଶ୍ରୀଚୈତନ୍ୟ- ''ବୃଦ୍ଧ ହେଇ ତୁମି ସଂଖ୍ୟା ଅଳ୍ପକର''

ସିଦ୍ଧ ଦେହ ତୋମାର, ସାଧନେ ଆଗ୍ରହ କେନ କର''

ନାମେର ମହିମା ଲୋକେ କରିଲ ପ୍ରଚାର

ଲୋକ ନିସ୍ତାରିତେ ତୋମାର୍ ଏଇ ଅବତାର ।

ଏବେ ଅଳ୍ପ ସଂଖ୍ୟା କରି କର ସଂକୀର୍ତନ ।।''

ହରି ଦାସ ନିବେଦନ କଲେ-

''ହୀନ ଜାତିତେ ଜନ୍ମ ମୋର ନିନ୍ଦ୍ୟ କଳେବର
ହୀନ କର୍ମେ ରତ ମୁଇ ଅଧମ ପାମର ।
ଏକ ବାଞ୍ଛା ହୟ ମୋର ବହୁଦିନ ହତେ
ଲୀଳା ସମ୍ବରିବେ ତୁମି ହୟ ମୋର ଚିତେ ।
ସେହି ଅତ୍ୟାଦୃଶ୍ୟ ମୋରେ କଭୁ ନ ଦେଖାଇୟା
ଆପନାର ଆଗେ ମୋର ଶରୀର ଯାଡିୟା ।
ହୃଦୟେ ଧରିବ ତୋମାର କମଲ୍ ଚରଣ
ନୟନେ ଦେଖିବ ତୋମାର ସେ ଚାନ୍ଦବଦନ ।
ଜିହ୍ୱାୟ କରିବ ଆମି ନାମ ସଂକୀର୍ତ୍ତନ
ଏଇଭାବେ ମୋର ଇଚ୍ଛା ଛାଡ଼ିବ ପରାଣ ।
ଆମା ହେନ ଏକ କୀଟ ଯଦି ମରିଗେଲ
ଏକ ପିପୀଲିକା ମଲେ ପୃଥ୍ୱୀର କାହାଁ ହାନି ହେଲ ।
ଭକତ ବତ୍ସଳ ତୁମି ମୁଇ ଭକ୍ତାଭାସ
ଅବଶ୍ୟ ପୂରିବେ ପ୍ରଭୁ ମୋର ଏଇ ଆଶ ।''

ନାମ ଉଚ୍ଚାରଣରେ ଗୋଟିଏ ନାମ କମିଗଲେ ଭକ୍ତର କି ବ୍ୟାକୁଳ ବେଦନା-କେତେ ଦୈନ୍ୟ-ମରଣେଚ୍ଛା । ସେ ନିଜକୁ ଭକ୍ତ ନ କହି ଭକ୍ତାଭାସ । ନ୍ୟୁନାର୍ଥରେ ଆଭାସ ଶବ୍ଦର ପ୍ରୟୋଗ । ଭକ୍ତ ଶିରୋମଣି ମହାବୀର ବକ୍ଷଚିରି ରାମାଭିଷେକରେ ଦେଖାଇଥିଲେ, ତାଙ୍କର ପ୍ରତ୍ୟେକ ଅଣୁପରମାଣୁରେ ରାମନାମ ହୃଦୟରେ ସୀତାରାମ ବିରାଜିତ ।

ରୁକ୍ମିଣୀ, ସତ୍ୟଭାମା, ଜାମ୍ବବତୀଙ୍କ ମନରେ ମହାସତୀ ଦ୍ରୌପଦୀଙ୍କ ସମ୍ପର୍କରେ ନାନା ପ୍ରକାର ସନ୍ଦେହ ଥିଲା । ବିବସ୍ତ୍ରା କଲା ସମୟରେ ଅପମାନିତା ଦ୍ରୌପଦୀଙ୍କ ବିକଳ ଆହ୍ୱାନରେ ପାଟବଂଶୀଙ୍କ ସହ ପଶାଖେଳରତ ଶ୍ରୀକୃଷ୍ଣ ହଠାତ୍ ଉଠିପଡ଼ି କ୍ରୀଡ଼ା ପରିତ୍ୟାଗ କରି ଚାଲିବାରୁ ଅଷ୍ଟପାଟବଂଶୀଗଣ ଅପମାନିତା, ଲଜ୍ଜିତା ହେଲେ ବୋଲି ଦୁଃଖ କଲେ । ସେମାନଙ୍କର ମନୋବ୍ୟଥା ଜାଣି ଭାବଗ୍ରାହୀ ରୁକ୍ମିଣୀ, ସତ୍ୟଭାମାଙ୍କୁ ଦ୍ୱାରକାଗତା ଦ୍ରୌପଦୀଙ୍କର ସ୍ନାନପରେ ତାଙ୍କର କେଶଗୁଚ୍ଛକୁ ଚିରୁଣୀ ସାହାଯ୍ୟରେ କେଶବନ୍ଧନ କରିବାକୁ ପଠାଇଲେ । ଆଗତା ଅତିଥିର ସେବାକଲା ସମୟରେ ରୁକ୍ମିଣୀ, ସତ୍ୟଭାମାଙ୍କ ମୁଖରୁ କୃଷ୍ଣ ନାମ ଉଚ୍ଚାରଣ ଧୀର ଭାବରେ ଶୁଣି ମୂର୍ଚ୍ଛାହେଲେ । କେଶସଂବାହନ କାଳରେ ପ୍ରତ୍ୟେକ କେଶକଳାପରୁ କୃଷ୍ଣନାମ ଉଚ୍ଚାରଣ ଶୁଣି ଚକିତ ହୋଇଗଲେ । ଦ୍ରୌପଦୀଙ୍କର ଶୟନ କାଳରେ ମଧ କୃଷ୍ଣନାମ ଉଚ୍ଚାରଣ ହେଉଥିଲା । ଏଥିରୁ ଜାଣିପାରିଲେ ଯେ ଶୟନେ, ସ୍ୱପନେ ଦ୍ରୌପଦୀ କୃଷ୍ଣଗତ ପ୍ରାଣା । ତାଙ୍କର ସେଥିପାଇଁ ନାମ ''କୃଷ୍ଣା''-''କୃଷ୍ଣଭାବିନୀ'' । ତାଙ୍କର ସତୀତ୍ୱ ସମ୍ପର୍କରେ ଅଷ୍ଟପାଟବଂଶୀଙ୍କର ଦୁର୍ଧାରଣ ତିରୋହିତ ହୋଇଗଲା । ସେହି ପ୍ରକାର ମୀରା ମଧ ''ମେରେ ତୋ ଗିରିଧର ଗୋପାଲ, ଦୁସରା ନ କୋଇ'' ଗାଇ ଗାଇ ନାଚି ନଚାଇ ପ୍ରେମଭକ୍ତି ଶିକ୍ଷା ଦେଇଗଲେ । ସେଥିପାଇଁ କୁହାଯାଏ-

''ରାଧାକା ହି ଶ୍ୟାମ ହୋ ତୋ, ମୀରାକା ଭି ଶ୍ୟାମ ।''

ନାମ ସମ୍ପର୍କରେ ପଞ୍ଚଦଶ ଶତକରେ ଯୋଗଜନ୍ମା ମହାପୁରୁଷମାନଙ୍କ ଅଭିମତ ଅବଶ୍ୟ ଆଲୋଚ୍ୟ ॥ ନାମ ମହାତ୍ମ୍ୟ ସମ୍ପର୍କରେ ମହାପୁରୁଷ ଅଚ୍ୟୁତାନନ୍ଦ କହିଛନ୍ତି-

''ଆଗେ ହେଲା ନାମ, ପଛେ ହେଲା ବ୍ରହ୍ମ, ନାମଟି ସବୁରି ମୂଳ,
ନାମଟି ଜଗତ ବ୍ୟାପିଣ ଅଛଇ, ନାମେଣ ସକଳ ଠୁଳ ।
ନାମଟି ହିଁ ତତ୍ତ୍ୱ, ନାମଟି ହିଁ ସତ୍ୟ, ନାମଟି ଲୀଳା କରତା,
ନାମଟି ହିଁ ଯୋଗ, ଭୋଗ କରୁଥାଇ, ନାମ ହିଁ ସବୁ ହରନ୍ତା
ନାମକୁ ଭେଦିଲେ, ବ୍ରହ୍ମକୁ ଦେଖିବୁ, ଯମପୁର ଯିବ ଜଳି,
ନାମକୁ ଭେଦିଲେ, ଧନ୍ଦା ତୁଟିଯିବ, ଫିଟିବ ଯମ ଅର୍ଗଳି ।
ନାମ ଗଲେ ରୂପ ବିଅର୍ଥ ହୋଇବ, ରୂପକୁ ମଣିବେ ସଲ,
ଗୀତା, ଭାଗବତ, ପୁରାଣ ଆଦିଏ, ସବୁରି ମୂଳଟି ନାମ,
ନାମ ରୂପ ଅଟେ, ନିୟତ ଅନାମ, ହେତୁ କରି ଶୁଣ ରାମ ॥''

-ଅଣାକାର ସଂହିତା- ୧୦ମ ପଦରୁ ୧୪ଶ ପଦ ।

ପୁନର୍ବାର ମହାପୁରୁଷ ତାଙ୍କ ଗ୍ରନ୍ଥମାନଙ୍କର ବିଭିନ୍ନ ସ୍ଥାନରେ କହିଛନ୍ତି :

ନାମକୁ ପାଇଲେ, ରୂପ ଲୋଡ଼ା ନାହିଁ, ସର୍ବରୂପ ଯହିଁ ଠୁଳ
ନାମକୁ ଚିହ୍ନିଲେ, ଧନ୍ଦା ଫିଟିଯିବ, ସବୁ ନାମରେ ଯେ ମୂଳ ।
ଏକ ବ୍ରହ୍ମ ଦେଖ, ଜଗତେ ପୂରିଛି, ନାମ ରୂପରେ ଅଶେଷ
ନାମକୁ ଚିହ୍ନିଲେ, ଧନ୍ଦା ଫିଟିଯିବ, ଶୁଣ ତୁ ହୋ ରାମଦାସ ।

ସୁଦାମ ନାମ, ଅଟଇ ତ ମୋର, ଶ୍ରୀକୃଷ୍ଣ କରୁଣା ଯେଣୁ,
କଳିଯୁଗରେ ତ, ପାମର ଅଚ୍ୟୁତ, ନାମ ମୋ ଅଟଇ ତେଣୁ ।

ଏହାପରେ ନାମ ଭଜନର ଉପାୟ ସମ୍ପର୍କରେ ମହାପୁରୁଷ କହିଛନ୍ତି-

''ସେ ନାମ ମହିମା କହିଲେ ନ ସରେ, ଶୁଣ ହୋ ବରଜତନୁ,
ତତ୍ତ୍ୱଜରି ସତ୍ତ୍ୱଗୁଣରେ ମଜ୍ଜିଲେ ନାମ ବିକଶିବ ମନୁ ।

ନାମରେ ବିଶ୍ୱାସ ହିଁ ଆଧାରଶୀଳା । ସେ ସମ୍ପର୍କରେ ମହାପୁରୁଷ କହନ୍ତି - (ନାମରେ)

ଅବିଶ୍ୱାସ କଲେ ଅପ୍ରାଧ ପାଇବୁ, ଅନ୍ଧାରେ ବଣା ହୋଇବୁ
ଅମୃତ ତେଜିଣ, ଅମେଧ ପାନରେ, ଅନେକ ଗଞ୍ଜି ହୋଇବୁ ।

ନାମ ହିଁ କର୍ମ, ନାମ ହିଁ ଧର୍ମ । କର୍ମ, ଜ୍ଞାନ, ଦାନ, ଯଜ୍ଞ ପ୍ରଭୃତି କ୍ରିୟା ଅପେକ୍ଷା ଭକ୍ତିର ଆବଶ୍ୟକତା ସମ୍ପର୍କରେ ସ୍ୱମତ କହିଛନ୍ତି-

''ସଂସାର ମୂଳ, କର୍ମଟି ଅଟଇ, ଏଥି ନାହିଁ ଭକ୍ତି ଲେଶ,
କର୍ମଫଳେ ପ୍ରାଣୀ, ଆତଯାତ ହୁଅନ୍ତି, ଉତ୍ପତ୍ତି ପ୍ରଳୟ ନାଶ ।
ଦାନଯଜ୍ଞ କର୍ମ, କରି ପ୍ରାଣୀମାନେ, ସ୍ୱର୍ଗ ସମ୍ପତ୍ତି ଇଚ୍ଛନ୍ତି,
ଫଳପୂର୍ଣ୍ଣ ହେଲେ, ସଂସାରରେ ପୁଣି, ନାନା ଯୋନିରେ ଭ୍ରମନ୍ତି ।
ଏଣୁ କରି କର୍ମ, ଅଟଇ ତ ଭ୍ରମ, ପରତେ ତାକୁ ନ ଯିବୁ,
ଅକର୍ମେ ନିଶ୍ଚଳେ, ବାସୁଦେବେ ଭକ୍ତି, ଅନୁବରତେ ମଜ୍ଜିବୁ ।''

ଏ ସମ୍ପର୍କରେ ବେଦରେ କୁହାଯାଇଛି ଯେ ସ୍ୱର୍ଗଫଳ କାମନାରେ ଲୋକେ ଯଜ୍ଞ, ଦାନ, ତପ କରନ୍ତି । କିନ୍ତୁ ସେ ଫଳ କ୍ଷଣସ୍ଥାୟୀ । ପୁଣ୍ୟ କ୍ଷୀଣ ହୋଇଗଲେ ପୁନର୍ବାର ମର୍ତ୍ତ୍ୟଲୋକକୁ ଖସିଆସି ନାନା ଯୋନିରେ ଜନ୍ମ ନିଅନ୍ତି । ବେଦ କହେ- ''ଅଥାତୋ କର୍ମ ଜିଜ୍ଞାସା, ସ୍ୱର୍ଗକାମୋ ଯଜେତ୍ ।'' ପୁନର୍ବାର ବେଦ କହିଛି- ''କ୍ଷୀଣେ ପୁଣ୍ୟେ ପୁନଃ ମର୍ତ୍ତ୍ୟଲୋକଂ ବିଶନ୍ତି'' ଯଥା ''ନହୁଷାଜଗରବତ୍'' । ଅର୍ଥାତ୍ ଶତ ଅଶ୍ୱମେଧଯଜ୍ଞ କରି ମହାରାଜ ନହୁଷ ସଞ୍ଚିତ ପୁଣ୍ୟଫଳରେ ସ୍ୱର୍ଗରେ ଇନ୍ଦ୍ରତ୍ୱ ପ୍ରାପ୍ତ ହୋଇଥିଲେ । ପୁଣ୍ୟକ୍ଷୟ ପରେ ମର୍ତ୍ତ୍ୟଲୋକରେ ଅଜଗର ସର୍ପଯୋନିରେ ଜାତ ହେଲେ ।

ନାମ ବ୍ୟତୀତ ସଂସାରରେ ଅନ୍ୟ ''ତତ୍ତ୍ୱଜ୍ଞାନ'' ବୋଲି ନାହିଁ । ନାମ ହିଁ ପରମତତ୍ତ୍ୱ-ମହାପୁରୁଷଙ୍କ ଭାଷାରେ-

''ଶୁଣ ରାମଦାସ, ବେଦର ବୃତ୍ତାନ୍ତ, ତତ୍ତ୍ୱ ନ ଜାଣନ୍ତି କେହି
ବେଦ ମଧ୍ୟେ ତତ୍ତ୍ୱ, ଗୁପତେ ରହିଛି, ଶୁଣ ଶୁଣ ପୁଣ୍ୟଦେହୀ ।
ତତ୍ତ୍ୱ ବୋଲି ଯାହା, ପୁରାଣେ ବର୍ଣ୍ଣିତ, ଅଟଇ ଶ୍ରୀହରି ନାମ
ସେ ନାମ ଜଗତେ, ପୁରିଣ ଅଛଇ, ଚିହ୍ନିଣ ବିନାଶ ତମଃ ।
ଅନାମର ନାମ, ପ୍ରକାଶ ହୋଇଣ, ଅନାଦି ଲୋକରେ ରହି
ଆଦିମୂଳ ଏକ, କରିଣ ବନ୍ଦିଲେ ''ଓଁ'' ସ୍ୱରେ ନାମ ଥାଇ ।

ମହାମନ୍ତ୍ର ସମ୍ପର୍କରେ ମହାପୁରୁଷ ଅଚ୍ୟୁତ କହିଛନ୍ତି–

''ହରେ ରାମ କୃଷ୍ଣ'' ତିନି ବୀଜର । ସଂଖ୍ୟା ହୁଅଇ ଷୋଳହିଁ ସାର ॥୧୩୮॥
ହରେ ଆଠ ନାମ ରାମ ଯେ ଚାରି । କୃଷ୍ଣ ଚାରି ନାମ ଷୋଡ଼ଶେଶ୍ୱରୀ ॥୧୩୯॥
ହରେ ରାମ, ହରେ କୃଷ୍ଣ ଶବଦ । ଏଥିରେ ଅଛଇ କେବଣ ଭେଦ ॥୧୪୦॥
କେଉଁ ସଖାଙ୍କର ଆଦ୍ୟ ଭଜନ । ହରେ ରାମ କୃଷ୍ଣ ଯେ ହରିନାମ ॥୧୪୧॥


*–ଉଦୟ କାହାଣୀ, ତତ୍ତ୍ୱ ସାହିତ୍ୟ ଖଣ୍ଡ*

ମହାମନ୍ତ୍ର ସମ୍ପର୍କରେ ଶ୍ରୀଚୈତନ୍ୟ, ଶ୍ରୀସନାତନ ଗୋସ୍ୱାମୀଙ୍କ ବିଷୟରେ ମହାପୁରୁଷ କହିଛନ୍ତି ଯେ ନୀଳାଚଳରେ ଅବସ୍ଥାନ କାଳରେ ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶରେ ତାଙ୍କର ଅନ୍ୟତମ ପ୍ରଧାନ ଶିଷ୍ୟ ଶ୍ରୀସନାତନ ଗୋସ୍ୱାମୀ ପଞ୍ଚସଖାଙ୍କୁ ମହାମନ୍ତ୍ରରେ ଦୀକ୍ଷିତ କଲେ । ସେ ସମ୍ପର୍କରେ ପଞ୍ଚସଖା ପ୍ରଥମ ଧାଡ଼ିରେ ହରେ ରାମ ହରେ ରାମ ରାମ ରାମ ହରେ ହରେ'' ବୋଲି ଉଚ୍ଚାରଣରେ ବିଶ୍ୱାସୀ ଥିଲେ । କିନ୍ତୁ ଶ୍ରୀଚୈତନ୍ୟ ପ୍ରଥମେ- ''ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ'' ବୋଲି ଅଭିମତ ଦେଲେ । ଏ ବିଷୟରେ ଶ୍ରୀଚୈତନ୍ୟ ଓ ପଞ୍ଚସଖାଙ୍କ ମଧ୍ୟରେ ଦିନ ଦିନ ବ୍ୟାପୀ ଆଲୋଚନା ହୋଇଛି, ତାହା ଏହି ପ୍ରବନ୍ଧର କଳେବର ବୃଦ୍ଧି ହେବାର ଆଶଙ୍କା ଥିବାରୁ ଏଠାରେ ପୂର୍ଣ୍ଣଭାବରେ ଆଲୋଚନା କରାଯାଇ ନାହିଁ । ବାରାନ୍ତରେ ସେ ବିସ୍ତୃତ ଆଲୋଚନା ସୁଧୀ ପାଠକବର୍ଗଙ୍କୁ ଜଣାଇବାର ଆକାଂକ୍ଷା ରହିଲା ।

ଗୁରୁତୋର ନିରାକାର ଆକାରେ ବିରାଜି ।
ନିତି ନିଶି ଦିନ ଲୀଳା ଯାଆନ୍ତି ସରଜି ॥
ସେ ଲୀଳାସଙ୍ଗୀ ନହୋଇ କୁସଙ୍ଗରେ ମାତି ।
ସଂଶୟ କୁହେଳି ଦ୍ୱାରା ଆଚ୍ଛାଦିଲୁ ମତି ।

ଅଣୁରେ ଅଣୁରେ ବିରାଜି ସେହି ।
ତୋ ଗୋପନ କଥା ଦେଉଛି କହି ॥
ତଥାପି ତା'କୁ ତୁ ଫାଙ୍କିବା ଆଶା ।
ମନେ ବାନ୍ଧି ରଖିଅଛୁ ଭରସା !!

# ଗର୍ଭବେଦୀ



## ସମ୍ଭବାମି ଯୁଗେ ଯୁଗେ

*ପରମପ୍ରେମମୟ ଶ୍ରୀଶ୍ରୀ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ସୁକାନ୍ତିଦେବୀଙ୍କ ଗର୍ଭମଣ୍ଡନ କରିଥିବା ଅବସ୍ଥାରେ ଗର୍ଭର ପଞ୍ଚମ ମାସରେ ସ୍ୱଅନୁଭୂତି ଏଠାରେ ପ୍ରଦାନ କରିଅଛନ୍ତି । ପ୍ରତ୍ୟେକ ଗର୍ଭସ୍ଥ ଶିଶୁଙ୍କର ଏହି ଅନୁଭୂତି ଅଙ୍କେ ବହୁତେ ହେଉଥିଲେ ହେଁ ମାୟାର କ୍ରିୟାହେତୁ ତାହା ସେମାନଙ୍କର ସ୍ମୃତିରେ ଜାଗ୍ରତ ରହିପାରେ ନାହିଁ । ମାୟାଧର ନିଜେ ମାୟାକୁ ଧାରଣ କରିଥିଲେ ହେଁ ସେ ମାୟାତୀତ । ମାୟାବନ୍ଧନ ତାଙ୍କୁ ବାନ୍ଧି ପାରେନା । ତେଣୁ ମାତୃଗର୍ଭର ଅନୁଭୂତି ତାଙ୍କ ଦିବ୍ୟସ୍ମୃତିରେ ସତତ ସତେଜ । ଅଗଣିତ ଅନୁଗତ ଭକ୍ତଙ୍କ ଅବଗତି ନିମନ୍ତେ 'ସମ୍ଭବାମି ଯୁଗେ ଯୁଗେ' ଚରମ ପୃଷ୍ଠାରେ ଧାରାବାହିକ ଭାବେ ପ୍ରକାଶିତ ।*

## ଜନନୀ, ଜଠର, ଜରାୟୁ

(ପୂର୍ବାନୁସୃତିରୁ: ଚରମ: ୨ୟ/୩ୟରୁ)

(୭) **ଗୌଲକାନ୍ତି ସୂକ୍ଷ୍ମ ଭୃଙ୍ଗ:** ବୃହଦାକାର ଧାରଣ ଶକ୍ତି ସୂକ୍ଷ୍ମବୀଜ ଆକାରରେ ଥିବା ଜ୍ୟୋତିଃବ୍ରହ୍ମ ରୂପ ଧାରଣ ପରେ କୃତଫଳ ମଧ୍ୟ ସୂକ୍ଷ୍ମ ଆକାରରେ କାର୍ଯ୍ୟକାରୀ ହେଉଥିବା ଅନୁଭବ ସ୍ପଷ୍ଟ ହୁଏ । ଏହି ଅନୁଭବ ସୃଷ୍ଟିରେ ସୂକ୍ଷ୍ମଚକ୍ଷୁ ଗୋଲାକୃତି ଅବସ୍ଥା ଧାରଣ କରି ବିଦ୍ୟୁତ୍ ଭଳି ପିଣ୍ଡସ୍ୱରୂପ ପର୍ଯ୍ୟନ୍ତ ଗୌଲକାନ୍ତି ସାହାଯ୍ୟ କରେ । ଏହି ଗୌଲକାନ୍ତି ସୂକ୍ଷ୍ମଭୃଙ୍ଗ ଅବସ୍ଥାରେ ପୂର୍ବଜନ୍ମର ପିଣ୍ଡପୁରୁଷକୁ ସର୍ବଦା ଦର୍ଶନ କରୁଥାଏ । ପିଣ୍ଡପୁରୁଷ ଅଣୁ, ପରମାଣୁ ଅବସ୍ଥାରେ ସୂକ୍ଷ୍ମକୋଷରେ ସପ୍ତରଙ୍ଗ ଧାରଣକରି ସୂକ୍ଷ୍ମ ଝିଲ୍ଲୀରେ ବିଦ୍ୟୁତ୍ ଝଲକ ଅବସ୍ଥା ଧାରଣ କରିଥାଏ । ଏହି ଧାରଣଶକ୍ତି ସୂକ୍ଷ୍ମରେ ସମସ୍ତ ରଶ୍ମିକୁ ମସ୍ତକର ଆବୃତୀୟ ରଶ୍ମି ପଞ୍ଚମହାଭୂତ ଓ ଭୂତ ଜଗତକୁ, ପ୍ରତ୍ୟେକ ଇନ୍ଦ୍ରିୟାଦିଙ୍କୁ ମନ, ବୁଦ୍ଧି, ଅହଂକାରରେ କାରଣରୁ ସୂକ୍ଷ୍ମ ଅବସ୍ଥାର ସ୍ଥିତିରେ ରଖେ । ସ୍ଥିତି ରଖିବା ସମୟରେ ଏହି ଗୌଲକାନ୍ତି ସୂକ୍ଷ୍ମଭୃଙ୍ଗରେ ଗୋଲାକୃତିକୁ ତତ୍କ୍ଷଣାତ୍ ଜ୍ୟୋତିଃବ୍ରହ୍ମର କାରଣ ବୀଜ ଜୀବବ୍ରହ୍ମକୁ ସୂକ୍ଷ୍ମକୋଷ ଯୋଗାଇ ଥାଏ । ଏହି ସୂକ୍ଷ୍ମକୋଷ ଏକ ଲକ୍ଷ ପଞ୍ଚସ୍ତରୀ ହଜାର ଅଣୁ, ପରମାଣୁ ତୋଳିଥାଏ । ଦେହର ପୂର୍ଣ୍ଣ ଅବୟବ ଧାରଣକୁ ଏହି କୋଷ ସାହାଯ୍ୟ କରିବାର ଅନୁଭବ ହୁଏ । ଗୌଲକାନ୍ତି ସୂକ୍ଷ୍ମଭୃଙ୍ଗ ସଦ୍ୟ ଅହଂକାର କାର୍ଯ୍ୟରେ ଠୁଳ ହୋଇ ବ୍ୟକ୍ତିର ପ୍ରାରବ୍ଧ କର୍ମକୁ ମନ ଓ ବୁଦ୍ଧିଠାରୁ ସୂକ୍ଷ୍ମକୋଷ ରୂପେ ସାହାଯ୍ୟ କରି ଶିଶୁ ଭୂମିଷ୍ଠ ପର୍ଯ୍ୟନ୍ତ ଚୈତନ୍ୟକୁ କାରଣଜଗତରୁ ନୀଳବର୍ଣ୍ଣର ଜ୍ୟୋତିରେଖା ସଂଯୋଗ କରୁଥାଏ । ଏହି ଜ୍ୟୋତିରେଖା ସଂଯୋଗ କାଳରେ ମିଞ୍ଜିମିଞ୍ଜି ହୋଇ ପୁଣି ସର୍ବାଙ୍ଗ ଶରୀରକୁ ସୂକ୍ଷ୍ମାଦି କୋଷ, ସୂକ୍ଷ୍ମ ଝିଲ୍ଲୀ ଦ୍ୱାରା ଆବୃତ କରେ । ଗୌଲକାନ୍ତି କ୍ରିୟାର ସାହାଯ୍ୟରେ ସୌରଶକ୍ତି ମାଆ ଗ୍ରହଣ କରି ଶିଶୁର ଚକ୍ଷୁ, ନାସା, ନାଭି, ଲିଙ୍ଗ ଦ୍ୱାରା ଅଂଶୁ ସାହାଯ୍ୟରେ ସୂକ୍ଷ୍ମ ବୁଦ୍ଧି ତୋଳିଥାଏ । ଏହି ସୂକ୍ଷ୍ମ ବୁଦ୍ଧିକୁ ଅଧିପୁରୁଷ କୁହାଯାଏ । କ୍ରିୟା ଅଧିଷ୍ଠାନ ଗ୍ରହଣ କରି ଜୀବର ଭ୍ରୂଣ ଅବସ୍ଥାରେ ଜାଗ୍ରତ କରିଥାଏ । ଏହି ଜାଗ୍ରତ ଅବସ୍ଥାରେ ଜୀବ ସଂଜ୍ଞାନେଇ ଚୈତନ୍ୟବ୍ରହ୍ମ ସହିତ ମିଶିଯାଏ । ପୁଣି

ବିଯୁକ୍ତ ହୋଇଯାଏ । ସଂଯୋଗ ସମୟରେ ଜୀବବ୍ରହ୍ମ, ପରମବ୍ରହ୍ମଙ୍କ ସହିତ ସଂଯୁକ୍ତ ହୋଇ ପୁଣି ବିଯୁକ୍ତ ହୋଇଥାଏ । ଯଦି ଜୀବବ୍ରହ୍ମର ଦେହ ଶୁଦ୍ଧିକରଣ ହୋଇଥାଏ, ଏହି ସମୟରେ ସେ ପ୍ରକୃତ ନାମ ଓ ପରମଙ୍କୁ ଦର୍ଶନ କରୁଥାଏ । ପ୍ରତ୍ୟେକ ଶିଶୁ ଏହା ଅନୁଭବ କରିପାରନ୍ତି ନାହିଁ । ଚୈତନ୍ୟ ସଂସ୍କାର ଦେହ 'ନାମବ୍ରହ୍ମ' ଉନ୍ମୀଳନ କରୁଥାଏ । ପରମବ୍ରହ୍ମଃ ଉନ୍ମୀଳନ ଅବସ୍ଥାରେ ଶୁଦ୍ଧ ଜ୍ଞାନବିଜ୍ଞାନ ଚିର ଠୁଳ କରି ରଖିଥାଏ । ବୟସାନୁକ୍ରମେ ତାହା ଚେତା ଫେରାଇ ଆଣେ । ଗୌଳକାନ୍ତି ସୂକ୍ଷ୍ମଭୃଙ୍ଗ ଶାଖା ପ୍ରଶାଖା ମେଲାଇ କ୍ରିୟା ଯୋଗାଇଦିଏ । ଏହି ଗୌଳକାନ୍ତି କ୍ରିୟା ଜ୍ୟୋତିଃବ୍ରହ୍ମଃ ରୂପେ ସୁପ୍ତ ହୋଇ ରଜତମ ଗୁଣକ୍ରିୟା ସଚେତ ହୋଇ ରହିଥାଏ । ରଜତମଗୁଣ କ୍ରିୟାଗୁଡ଼ିକ ପ୍ରତ୍ୟେକ ଭାବକୁ ଇନ୍ଦ୍ରିୟଚାଳିତ କରି ଜରାୟୁ ମଧ୍ୟରେ ସମୟ ସମୟରେ ଇନ୍ଦ୍ରିୟାଦିକୁ ସ୍ୱୟଂଚାଳିତ କରି ଚେତା ପୁରୁଷକୁ ସାହାଯ୍ୟ ଯୋଗାଇ ପୁଣି ବିଚ୍ଛିନ୍ନ ହୋଇ ଜୀବବ୍ରହ୍ମ ମଧ୍ୟରେ ଶବ୍ଦ ଯୋଗାଇଥାଏ । ଏହି ଶବ୍ଦବ୍ରହ୍ମଃ ସ୍ୱରରେ ପରିଣତ ହୋଇ ସୁପ୍ତ ଅବସ୍ଥାରେ ରହିଥାଏ ।

ଚୈତନ୍ୟର ସୁପ୍ତ ଅବସ୍ଥା କ୍ରିୟାଶୀଳ ହୋଇ ବ୍ରହ୍ମଚୈତନ୍ୟ ଜାଗୃତି ଅବସ୍ଥା ସମୟରେ ଦେହ ଧାରଣକୁ ସାହାଯ୍ୟ କରିଥାଏ । ଏହା ସହିତ ଖାଦ୍ୟର ମଧ୍ୟ ଆବଶ୍ୟକତା ପଡ଼ିଥାଏ । ମାଆ ଯେଉଁ ଖାଦ୍ୟ ଗ୍ରହଣ କରେ, ତାହା ଗୌଳକାନ୍ତି ଅଂଶୁକୁ କୋଷରୂପେ ନାଭିବାଟେ କୁଣ୍ଡଳିନୀ କ୍ରିୟାକୁ ଶବ୍ଦ ଯୋଗାଇଥାଏ । ଜରାୟୁରେ କୁଣ୍ଡଳିନୀ ପ୍ରକ୍ରିୟା ଦ୍ୱାରା ସୂକ୍ଷ୍ମ ଶରୀର ଚେତାପୁରୁଷକୁ ମଧ୍ୟ ଶବ୍ଦ ଆଦାନପ୍ରଦାନରେ ଧୀଶକ୍ତି ପ୍ରକ୍ରିୟା ଦ୍ୱାରା ପୂର୍ଣ୍ଣମାତ୍ରାରେ ତ୍ରିକୂଟ ସନ୍ଧିରେ ଠୁଳ ହୋଇ ରହିଥାଏ । ଠୁଳବ୍ରହ୍ମଃର ଶବ୍ଦକୁ ସଙ୍ଗ ସୁକ୍ରିୟାର ଭାବରେ ସାହାଯ୍ୟ କରେ । ଏହି ଅବସ୍ଥାରେ ଚେତା ଯଦି କୁଭାବ ବଢ଼ାଇବ, ସୁଭାବ ସୁପ୍ତ ରହି ଚେତାକୁ ଖବର ବିନିଯୋଗ କରି ମନ୍ଦ ନୀତି ବଳବତ୍ତର କରାଇଦିଏ । ଏହି ଶକ୍ତିକୁ ମିଳାଇ ଦେବାପାଇଁ ଜୀବ ସତ୍‌କର୍ମ ଅନୁଷ୍ଠାନଗୁଡ଼ିକ ତିଆରି କଲେ, ସଦ୍‌ବୁଦ୍ଧି ଚାଲିଆସେ ଓ ଏ ଅବସ୍ଥାରେ ଜୀବ ଅଚେତନ ହୋଇ ଆସିଥାଏ । ଏହି ଅଚେତନ ଶକ୍ତିଗୁଡ଼ିକ ଜରାୟୁରେ ''ଜ୍ଞାନମୟ କୋଷ' ରୂପେ ସୁପ୍ତ ଅବସ୍ଥାରେ ରହିଥାନ୍ତି । ଏହି ଅବସ୍ଥା ମାତୃଗର୍ଭର ୫ ମାସ ୨୧ ଦିନରେ ପୂର୍ଣ୍ଣଭାବେ ଜଣାପଡ଼େ । ଏଠାରେ ଆବୃଭିକ କର୍ମମାନ ବହୁମାତ୍ରାରେ ଝଲକ୍ ଦିଏ । ଜରାୟୁରେ ଏହି ଝଲକ୍ ଅବସ୍ଥାରେ ମାଆ ବାରବାର ଚମକି ଉଠେ । କେତେକ ମାଆ ମଧ୍ୟ ଅଚେତନ ହୋଇଯାଆନ୍ତି ।

(୮) **ଶ୍ରଣ ସୂକ୍ଷ୍ମ ଭୃଙ୍ଗ:-** ଶ୍ରଣ ସୂକ୍ଷ୍ମଭୃଙ୍ଗ କ୍ରିୟା ଯଦି ତା'ର ପ୍ରତ୍ୟେକ ଅବୟବକୁ ସଦ୍‌ମତିରେ ପରିଣତ କରି ସାଇତି ରଖିଥାଏ, ମର୍ତ୍ତ୍ୟଧାମରେ ଯେତେକ ସଦ୍ ଆଚରଣ ପ୍ରବୃତ୍ତି ମିଞ୍ଜିମିଞ୍ଜି ଅବସ୍ଥାରେ ଜ୍ଞାନମୟକୋଷକୁ ସୂକ୍ଷ୍ମାତିସୂକ୍ଷ୍ମ କ୍ରିୟାଦ୍ୱାରା ଚେତାପୁରୁଷ ଡାକୁଣି ପକାଇଥାଏ । ଚେତାପୁରୁଷକୁ ଅଧିଷ୍ଠାନ କ୍ରିୟା ଦ୍ୱାରା ଶିରାପ୍ରଶିରାରେ ଥିବା ସମସ୍ତ ଚୁମ୍ବକଶକ୍ତି ସାହାଯ୍ୟ କରେ । ଦେହସ୍ପର୍ଶ, ଚର୍ମକାର୍ଯ୍ୟ ସହଜ ଓ ଜଟିଳ ଅବସ୍ଥା ପର୍ଯ୍ୟନ୍ତ ମଧ୍ୟ ଶବ୍ଦ ଯୋଗାଇଥାଏ । ଦେହରେ ଆଘାତ ହେଲେ ତାହା ସଂଜ୍ଞାଧୀ ଅନୁଷ୍ଠାନକୁ କ୍ରିୟାଶୀଳ କରି ଶବ୍ଦବ୍ରହ୍ମକୁ ଭିନ୍ନରୂପେ କାର୍ଯ୍ୟ କରାଇଥାଏ । ଶ୍ରଣର ସୂକ୍ଷ୍ମରୂପ ଚୈତନ୍ୟ ଦ୍ୱାରା ପରିଚାଳିତ ହୋଇ ବ୍ରହ୍ମପୁରୁଷକୁ ଶବ୍ଦସୂତ୍ରରେ କାର୍ଯ୍ୟ ଯୋଗାଇଥାଏ । ଶବ୍ଦସୂତ୍ରିକ କାର୍ଯ୍ୟ ଦ୍ୱାରା ଚୈତନ୍ୟ ଢ଼ଳ ଢ଼ଳ ଅବସ୍ଥାରେ ବ୍ରହ୍ମପୁରୁଷକୁ ସ୍ଥୂଳ, ସୂକ୍ଷ୍ମ, କାରଣ ଅବସ୍ଥାରେ ରୂପାନ୍ତରିତ କରି ଜୀବର ଠୁଳ କାର୍ଯ୍ୟରେ ଦୃଢ଼କରି ପର୍ଯ୍ୟାୟକ୍ରମେ ଅଂଶୀୟ କ୍ରିୟାରେ ଯୋଗକରେ । ତାହା ପୃଥକ୍ ପୃଥକ୍ ହୋଇ ସ୍ଥୂଳ ଭାବ ଆଣିଦିଏ । ସ୍ଥୂଳଭାବର ଭଙ୍ଗୀଗୁଡ଼ିକ ଛଳନା କାର୍ଯ୍ୟରେ ସାହାଯ୍ୟ କରେ । ତାହା ସ୍ୱୟଂଚାଳିତ ନୁହେଁ, ତେଣୁ ଜୀବ ଚାହିଁଲେ ଏହି ଭାବଭଙ୍ଗୀକୁ ଗୋପନ ମଧ୍ୟ ରଖିପାରେ । ଏହି ଶକ୍ତି ଗୁପ୍ତ କ୍ରିୟାଶୀଳ ହୋଇ ଚର୍ମ ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ ।

ବାହ୍ୟଭାବ ଇନ୍ଧନ ପାଇଲେ ଶରୀରକୁ ପ୍ରବେଶ କରି ମୁହୂର୍ତ୍ତକ ମଧ୍ୟରେ ଚେତାପୁରୁଷକୁ ସାହାଯ୍ୟ କରି ଶବ୍ଦ ରୂପେ ବାହାରିଆସେ । ଶବ୍ଦ ସଙ୍ଗେ ଅଙ୍ଗପ୍ରତ୍ୟଙ୍ଗମାନ ଚାଳିତ ହୁଏ । ଏହି ଅବସ୍ଥା ଜରାୟୁରେ ଅନୁଭବ ହୋଇଥାଏ । ଏହାର ସୂକ୍ଷ୍ମ ଚାରଣ ଶକ୍ତି ଏତିକିବେଳେ ଜାଗ୍ରତ ହୋଇଥାଆନ୍ତି ।


ଏହି ଜାଗ୍ରତ ଚାରଣ ଶକ୍ତି ଦ୍ୱାରା ମହାକାଶକୁ ଚାହିଁଲେ ସମୟ ସମୟରେ ଶୂନ୍ୟ ଦେଖାଦେଇ ଅନେକ ଜ୍ୟୋତିଃମାନ ଠିକ ସଂଖ୍ୟାରେ ଘୂର୍ଣ୍ଣାୟମାନ ଅବସ୍ଥାରେ ଦୃଶ୍ୟ ହୁଅନ୍ତି । ଏହି ଘୂର୍ଣ୍ଣନ ଶକ୍ତିଦ୍ୱାରା ଗ୍ରହମାନେ ମଧ୍ୟ ସେମାନଙ୍କର କାରଣ ଭାବ ରୂପ ନେଇ ମହାକାଶରେ ଘୂରି ବୁଲୁଥାନ୍ତି । ଘୂର୍ଣ୍ଣନ ସମୟରେ ଏହା ଜରାୟୁରେ ଥିବାବେଳେ ବ୍ରହ୍ମଚେତନଜୀବ କେତେକ ବ୍ରହ୍ମାଣ୍ଡୀୟ ଶକ୍ତିକୁ ନେଇ ଘୂରିବୁଲେ । ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଥିବା ମଣ୍ଡଳ ଦ୍ୱାରା ଏହା ଚେତନାସ୍ୱରୂପ ଆଣି ଜରାୟୁରେ ଯେଉଁ ଘଟ ସ୍ଥାପନ କରେ, ସେହି ଘଟ-ସାହାଯ୍ୟରେ ପିଣ୍ଡପୁରୁଷକୁ ମଧ୍ୟ ନିରୀକ୍ଷଣ କରେ । ପଞ୍ଚମହାଭୂତ କାଳାଦି କ୍ରିୟାଗୁଡ଼ିକ ଶୂନ୍ୟସ୍ୱରୂପରେ ଖେଳ କରୁଥିବା ସମୟରେ ତା'ର ଚିର 'ଶୁଣଚିତ୍ତ'ରେ ପରିଣତ ହୋଇ ମହାକାଳସୂତ୍ରରେ ଗ୍ରହନକ୍ଷତ୍ରରେ ପ୍ରବେଶ କରାଏ । ତାହା ମତିର କାଳସୂତ୍ରୀବନ୍ଧନରେ ସାହାଯ୍ୟ କରେ । ଏହି କାଳସୂତ୍ରୀ ବନ୍ଧନ ଯେତେବେଳେ ମୋଚନ ବା ମୁକ୍ତ ହୁଏ, ସେତିକିବେଳେ ଗ୍ରହ ଚଳନ ହୁଏ । ତହିଁ ଉତ୍ତାରୁ ଜୀବ ରୋଗ, ଶୋକ, ଦୁଃଖ ଇତ୍ୟାଦିର ଭୋଗ ପର୍ଯ୍ୟାୟକ୍ରମେ ଜାଣିପାରେ । ଏହି କାଳସୂତ୍ରୀ ଭୋଗଗୁଡ଼ିକ ଚେତନ ଅବସ୍ଥାରେ ଜୀବର ଶବ୍ଦ ତୋଳେ, ଶବ୍ଦ ସବୁ ପୂର୍ଣ୍ଣଭାବେ ଜରାୟୁରେ ଦର୍ଶନ ସ୍ୱରୂପ ଭାବ ଆଣେ । ସୂକ୍ଷ୍ମସୂତ୍ରୀ ଶବ୍ଦ ଉଚ୍ଚାରଣ କଲେ, ସୂକ୍ଷ୍ମ ଶ୍ରବଣର ଭେଦ କ୍ରିୟା ଦ୍ୱାରା 'ଶୁଣକୋଷ' ହୋଇ ଦେହ ଗଠନରେ ସାହାଯ୍ୟ କରେ । ଶୁଣର କୋଷ ଭିନ୍ନ ହୋଇଥିବାରୁ ଭିନ୍ନ ଭିନ୍ନ ଦେହ, ସ୍ୱର, ବର୍ଣ୍ଣ, ଚଳଣି ଇତ୍ୟାଦିର ପରିବର୍ତ୍ତନ ଜୀବ ମଧ୍ୟରେ ଲକ୍ଷ୍ୟ କରାଯାଉଛି । ଏହି ଚଳଣି ଶକ୍ତି ପରିବର୍ତ୍ତନ ହେବା ଦ୍ୱାରା ଜୀବର ବାଲ୍ୟକାଳର ଭାବ ଯୌବାବସ୍ଥାରେ ନ ଥାଏ ବା ଯୌବନାବସ୍ଥାର ଭାବ ବାର୍ଦ୍ଧକ୍ୟକୁ ନଥାଏ । ଏହି ଅବସ୍ଥାଗୁଡ଼ିକ ଧୀରେ ଧୀରେ ବଦଳିଯାଇ ପୁଣି ଶୁଣ ମଣ୍ଡଳକୁ ଫେରିଯାଏ । ଶୁଣକୋଷ ରୂପରେ ରହି ମତିକୁ କୁଣ୍ଡଳିନୀ ଦ୍ୱାରା ଶବ୍ଦ ଯୋଗାଇଥାଏ ।

ଶବ୍ଦ ପ୍ରତ୍ୟେକ ବ୍ରହ୍ମାଣ୍ଡକୁ ଓ ଚୈତନ୍ୟକୁ କୋଷ ଯୋଗାଇ ପୁଣି ସୁପ୍ତ ଅବସ୍ଥାକୁ ନେଇ ଜାଗ୍ରତ କରାଇଥାଏ । ଜାଗ୍ରତ ଶକ୍ତି ମଧ୍ୟ ବେଳେବେଳେ ସନ୍ଦେହ ଯୋଗାଇଥାଏ । ସନ୍ଦେହ ଶକ୍ତି ଶରୀରରେ ଚେତାପୁରୁଷକୁ ସଚଳ ରାସ୍ତାକୁ ନେଇଆସେ । ଚୈତନ୍ୟର ଭିନ୍ନ ରୂପ ସୂକ୍ଷ୍ମ ଭାବରେ କ୍ରିୟାନୁଷ୍ଠାନ ଏହିଠାରେ ସୂକ୍ଷ୍ମରେ ଜଣାପଡ଼େ । ବ୍ରହ୍ମଃ ଦେହରେ ଶୁଦ୍ଧଶୀଳ ହୋଇ ବ୍ୟାପକ ରୂପରେ ଶକ୍ତି ସ୍ୱରୂପ ପରମାଣୁ ହୋଇ ରହିଥାଏ ।

ଚୈତନ୍ୟଶୀଳ ସର୍ବଦା 'ସ୍ଥିତପ୍ରଜ୍ଞଃ' ହୋଇ ପୂର୍ଣ୍ଣଜାଗ୍ରତ ଅବସ୍ଥାରେ ଅଣୁ ପରାମାଣୁର ବ୍ରହ୍ମଚୈତନ୍ୟ ସୂତ୍ରୀର ସମସ୍ତ ବ୍ରହ୍ମ ଜ୍ଞାନତତ୍ତ୍ୱ ତୋଳେ । ଏହି ତତ୍ତ୍ୱଜ୍ଞାନ କୁଣ୍ଡଳିନୀରେ ଜାଗ୍ରତ ଅବସ୍ଥାରେ ପରମ ସହିତ ଯୋଗାଯୋଗ ରଖେ । ଜରାୟୁରେ ମାୟାର ଡାକୁଣୀ କ୍ରିୟା ଶୁଣକୋଷର ସପ୍ତମ ଗୃହରେ ରହିଥାଏ । ଏହି ଗୃହଟି ଚେତନ ପାଇଁ ମହାମାୟା ଯୋଗସୂତ୍ରୀକ ଭାବ ନେଇ ବାୟୁମଣ୍ଡଳରେ ଘୂରିବୁଲେ । ପୁଣି ମାଆର ଦୁକୁଦୁକି ବାଟେ ପ୍ରବେଶ କରି ଆଜ୍ଞାଚକ୍ରରେ ଅବସ୍ଥାନ କରେ । ମାଆର କାୟାସୂତୀକ ପିଣ୍ଡଯାକ ବ୍ରହ୍ମଃମାୟାର ଆବରଣ ଦ୍ୱାରା ଆହ୍ଲାଦିତ ହୋଇ ରହିଥାଏ । ଶୁଣ କାଳସୂତ୍ରୀକ କ୍ରିୟାଯୋଗେ ମାୟାବନ୍ଧନରୁ ମୁକ୍ତ ହୋଇଥିବାର ପୂର୍ଣ୍ଣ ଅନୁଭବ ଜରାୟୁରେ ହୁଏ ।

ଫାଙ୍କି ଦେବା ପଥ ବାଛିଛୁ ମନ ।
ଫାଙ୍କା ହୋଇଯିବ ଚରମ ଧନ ॥
ଫୁଙ୍କି ଦେଲେ ଯିବୁ ଉଡ଼ି ଉଡ଼ିକା ।
ଫୁଙ୍କାଣିରେ ମିଛ ଉଡ଼ଉଡ଼କା ॥

ସଂଘ ଶୃଙ୍ଖଳାକୁ ତିଳେ ନଭାଙ୍ଗ ।
ଭାଙ୍ଗିଲେ ବଦନ ହୋଇବ ରଙ୍ଗ ।
ଶାଖା ସତ୍‌ସଙ୍ଗ ବିଧି ବିଧାନ ।
ଗୁରୁବାକ୍ୟ ମାନି କର ପାଳନ ॥



# ପୁରାଣ ପୃଷ୍ଠାରୁ

**ଗଳ୍ପାଂଶ**

*ଦିନ ଥିଲା ଯେତେବେଳେ ଗାଁ ଗାଁରେ ପୁରାଣପଣ୍ଡାମାନେ ବିଭିନ୍ନ ପୋଥିପୁରାଣ ପାଠକରି ପଲ୍ଲୀଭୂମିର ସରଳମତି ଶ୍ରୋତାମାନଙ୍କୁ ଶୁଣାଉଥିଲେ । ପୁରାଣ ପୃଷ୍ଠାରୁ ପଦ୍ୟାକାର ଗଳ୍ପାଂଶ ଶୁଣି ଭକ୍ତିଭାବରେ ତନ୍ମୟ ହେଉଥିଲେ ଶ୍ରୋତାମାନେ । ଏବେ ଯୁଗ ବଦଳିଛି । ଜ୍ଞାନବିଜ୍ଞାନର ଶୀର୍ଷରେ ସମାଜ ଉପନୀତ । କେବଳ ପୁରାଣର ଗଳ୍ପାଂଶ ଯଥେଷ୍ଟ ନୁହେଁ । ପୁରାଣ ଗଳ୍ପର ପ୍ରଚ୍ଛନ୍ନରେ ନିହିତ ତାତ୍ତ୍ୱିକ ମୀମାଂସା ଆଜିର ସଭ୍ୟ ଶିକ୍ଷିତ ମାନବ ଗୋଷ୍ଠୀର ଆକର୍ଷଣ । ତତ୍ତ୍ୱ ସମ୍ବଳିତ ମୀମାଂସା ସହିତ ବିଭିନ୍ନ ପୁରାଣରୁ ଗଳ୍ପାଂଶମାନ ଏହି ସ୍ତମ୍ଭରେ ନିୟମିତ ଧାରାବାହିକ ରୂପେ ପ୍ରଦାନ କରାଯାଉଛି । ଏଥର ଏହି ପାଖୁଡ଼ାରେ ବ୍ରହ୍ମ ବୈବର୍ତ୍ତ ପୁରାଣର ଦ୍ୱିତୀୟ ଖଣ୍ଡରୁ 'ତୁଳସୀ ମହାତ୍ମ୍ୟ' ସନ୍ନିବେଶିତ ।*

## ତୁଳସୀ ମହାତ୍ମ୍ୟ

**ଦେବର୍ଷି** ନାରଦ ଶୁଦ୍ଧପୂତ ପବିତ୍ର ଚିତ୍ତରେ ଏକାଗ୍ର ମନରେ ମୁନିଗଣବର ନାରାୟଣଙ୍କୁ ପ୍ରଶ୍ନକରି ପଚାରିଲେ, 'ହେ ଶରଣ ରକ୍ଷଣ ବଳୀୟାରଭୁଜ ମହାବାହୁ, ଦେବ ଚକ୍ରଧର କିପରି ତୁଳସୀଠାରେ ବୀର୍ଯ୍ୟଦାନ କଲେ, ତାହା ଶୁଣିବା ପାଇଁ ମୋର ଶ୍ରଦ୍ଧା ବଳୁଛି; ତେଣୁ ତାହା ଭଲ ରୂପେ ବୁଝାଇ ମୋତେ କହନ୍ତୁ ।' ତାହା ଶୁଣି ନାରାୟଣ କହିଲେ, 'ଭଲ କଥାଟିଏ ପଚାରିଲ' ସେ କଥା ତମକୁ କହୁଅଛି । ମନଦେଇ ସ୍ଥିର ଚିତ୍ତରେ ତାହା ଶୁଣ ।

ଦେବତାମାନଙ୍କର କାର୍ଯ୍ୟ ଉଦ୍ଧାର ନିମନ୍ତେ ଲକ୍ଷ୍ମୀପତି ନାରାୟଣ ସ୍ୱାମୀ ଶଙ୍ଖଚୂଡ଼ର କବଚକୁ ଘେନି ଯଥାଶୀଘ୍ର ତୁଳସୀର ମନ୍ଦିରରେ ପ୍ରବେଶ କଲେ । ଆପଣାର ମାୟାବଳରେ ମାୟାଧର ତୁଳସୀର ମନକୁ ମୁଗ୍ଧ କଲେ । ପ୍ରଭୁ ଦୈତାରି ମାୟାବଳରେ ନିଜେ ଶଙ୍ଖଚୂଡ଼ର ରୂପକୁ ଧାରଣ କରିଥିଲେ । ଦୁନ୍ଦୁଭି ନାଦ କରି ଜୟଶବ୍ଦ ଶୁଣାଇ ତୁଳସୀରାଣୀର ମନ ଭୁଲାଇଲେ । ସେହି ଜୟ ଶବ୍ଦ ଶୁଣି ସତୀ ତୁଳସୀରାଣୀ ଆନନ୍ଦ ମନରେ ଗବାକ୍ଷ ମାର୍ଗରେ ଅନାଇ ଦେଖିଲେ ଯେ, ତାଙ୍କର ସ୍ୱାମୀ ଯୁଦ୍ଧରେ ଜୟକରି ଦୁନ୍ଦୁଭି ବଜାଇ ପୁରକୁ ଫେରି ଆସୁଛନ୍ତି । ସେହି କାରଣରୁ ସେ ହର୍ଷରେ ବ୍ରାହ୍ମଣମାନଙ୍କୁ ଧନ, ରତ୍ନ, ବସ୍ତ୍ର ଆଦି ଦାନ କଲେ । ଭିକ୍ଷୁକ, ଯାଚକ ତଥା ବନ୍ଦୀମାନଙ୍କୁ ଡାକି ମଧ୍ୟ ବହୁମୂଲ୍ୟ ପଦାର୍ଥ ଦାନ କଲେ । ମହାଆନନ୍ଦରେ ସତୀରାଣୀ ତୁଳସୀ ସମସ୍ତଙ୍କୁ ସନ୍ତୁଷ୍ଟ କରି ପରମ ସନ୍ତୋଷ ଲାଭ କଲେ ।

ଏଣେ ରଥରୁ ଓହ୍ଲାଇ ମାୟାରୂପୀ ନାରାୟଣ ତୁଳସୀ ସମୀପରେ ଉପସ୍ଥିତ ହେଲେ । ତୁଳସୀର ମନ୍ଦିର ସ୍ୱର୍ଣ୍ଣଭୂଷିତ ହୋଇ ଅପରୂପ ଶୋଭା ଧାରଣ କରିଥିଲା ଓ ସ୍ୱର୍ଗପୁର ସତେ ଯେପରି ତା' ଆଗରେ ଲଜ୍ଜିତ ହେବାପରି ବୋଧ ହେଉଥିଲା । ସ୍ୱାମୀ

ଯୁଦ୍ଧରେ ଶତ୍ରୁ ଜୟକରି ସ୍ୱପୁରକୁ ଫେରିଆସିବାର ଦେଖି ସୁନ୍ଦରୀ ଶିରୋମଣି ତୁଳସୀ ସୁବର୍ଣ୍ଣପାତ୍ରରେ ସୁବାସିତ ଜଳ ଆଣି ପଦଧୌତ କରି ଆନନ୍ଦ ଗଦ୍‌ଗଦ ଅବସ୍ଥାରେ ଅଶ୍ରୁନୟନା ହୋଇ ଭକ୍ତିଭରେ ଭୂମିଷ୍ଠ ପ୍ରଣାମ ଜଣାଇଲେ । ତତ୍ପରେ ସ୍ୱାମୀଙ୍କୁ ନେଇ ରତ୍ନସିଂହାସନରେ ବସାଇଲେ ଓ କର୍ପୂର ମିଶା ପାନ ଖୁଆଇଲେ । ରାଣୀ ତୁଳସୀ କହିଲେ, 'ହେ ନାଥ, ଆଜି ମୋର ଜନ୍ମ ସାର୍ଥକ ହେଲା । ଯୁଦ୍ଧରେ ବିଜୟବାନା ଉଡ଼ାଇ ସ୍ୱପୁରକୁ ବାହୁଡ଼ି ଆସିଲ, ତମକୁ ଦର୍ଶନ କରି ମୁଁ ସୌଭାଗ୍ୟବତୀ ହୋଇପାରିଛି ।' ଏହିପରି କହୁ କହୁ ରାଣୀ ତୁଳସୀ କାମଜ୍ୱାଳାରେ ଜରଜର ହୋଇ ମୃଦୁମନ୍ଦ ହସି କଟାକ୍ଷ ହାଣି ଚାହିଁଲେ । ରୋମାଞ୍ଚିତ ପୁଲକିତ ତନୁମନ ଧରି ସ୍ୱାମୀଙ୍କ ନିକଟରେ ବସି ହସି ହସି ଯୁଦ୍ଧ ସମାଚାର ପଚାରି ବୁଝିଲେ । ତୁଳସୀରାଣୀର ଆଦର ଦେଖି ମାୟାରୂପୀ ନାରାୟଣ କହିଲେ, 'ସକଳ ସୃଷ୍ଟିର ସଂହାର କର୍ତ୍ତା ତଥା ଏ ଜଗତର ପିତାମାତା ଶିବଙ୍କ ସହିତ ମୋର ଏକବର୍ଷ ଘୋରଯୁଦ୍ଧ ହେଲା । କିନ୍ତୁ ଯୁଦ୍ଧରେ କିଏ କାହାକୁ ଜିଣିପାରିଲୁ ନାହିଁ । ମୋର ଯେପରି ବହୁ ସୈନ୍ୟ ନାଶ ଗଲେ, ଶିବଙ୍କର ମଧ୍ୟ ସେହିପରି ଅନେକ ରୁଦ୍ରଗଣ ନାଶ ଗଲେ । ଶେଷରେ ପ୍ରଜାପତି ବ୍ରହ୍ମା ଆସି ଆମ୍ଭ ଉଭୟଙ୍କୁ ନାନାଦି ଉପଦେଶ ବାକ୍ୟ ଦେଇ ଉଭୟଙ୍କ ମଧ୍ୟରେ ସନ୍ଧି କରାଇ ପ୍ରୀତି ଜାତ କରାଇଲେ । ଦେବତାମାନଙ୍କୁ ରାଜ୍ୟଧନ ଆଦି ଦିଆଇଲେ । ଏହିପରି ଭାବରେ ସମାଧାନ ହୁଅନ୍ତେ ମୁଁ ସ୍ୱପୁରକୁ ଓ ଶିବ ଶିବପୁରକୁ ବାହୁଡ଼ିଗଲେ ।'

ଏହିପରି ଅଳୀକ କଥା କହି ମାୟାଧର ନାରାୟଣ ସତୀ ତୁଳସୀରାଣୀଙ୍କୁ କୋଳରେ ବସାଇ ନାନାବିଧ କାମକ୍ରୀଡ଼ାରେ ସନ୍ତୁଷ୍ଟ କରି ନିଜେ ସନ୍ତୋଷ ଲାଭ କଲେ । ପତିବ୍ରତା ତୁଳସୀ ସମ୍ଭୋଗ ସମୟରେ ମନକୁ ମନ ତର୍କଣା କରି ସେ ପୁରୁଷ ଆପଣା ସ୍ୱାମୀ ନୁହନ୍ତି ବୋଲି ଜାଣିପାରିଲେ । କପଟ କରି ସେ ଅନ୍ୟପୁରୁଷ ଆସିଛନ୍ତି ବୋଲି ନିଶ୍ଚିତ ହୋଇ ପଚାରିଲେ, 'ତମେ କିଏ କପଟରେ ଆସି ମାୟାକରି ମୋର ଅଙ୍ଗସଙ୍ଗ ଭୋଗକଲ ଏବଂ ସତୀଧର୍ମ ନଷ୍ଟକଲ, ତମର ସତ୍ୟ ପରିଚୟ ଦିଅ, ନଚେତ୍ ମୋର ଅଭିଶାପ ଅଗ୍ନିରେ ଏହିକ୍ଷଣି ତମକୁ ମୁଁ ଭସ୍ମ କରିଦେବି ।' ତୁଳସୀର ବାକ୍ୟଶୁଣି ଶାପ ଭୟରେ ହରି ମାୟାରୂପ ତ୍ୟାଗ କରି ସ୍ୱରୂପ ଧାରଣ କଲେ । ଅତ୍ୟନ୍ତ ସୁନ୍ଦର ମୂର୍ତ୍ତି, ଭୁବନମୋହନ ରୂପ, ପ୍ରସନ୍ନ ବଦନ, ରଙ୍ଗାଧରରେ ସ୍ମିତହାସ, କମଳନୟନରେ ବାଙ୍କ ଚାହାଁଣି । ନବୀନ ନୀରଦ ପରି ଶ୍ୟାମଳ ବର୍ଣ୍ଣ । କୋଟି କନ୍ଦର୍ପ ଜିଣି ଅଙ୍ଗଶୋଭା, ରତ୍ନ ଆଭରଣର ପ୍ରଭା ଝଲସି ଉଠୁଛି । ପ୍ରଭୁ ନାରାୟଣଦେବଙ୍କର ଏହିପରି ରୂପକୁ ଦେଖି ତୁଳସୀ ସୁନ୍ଦରୀ ପୁନର୍ବାର କାମବାଣରେ ଘାରିହୋଇ ମୂର୍ଚ୍ଛିତା ପ୍ରାୟ ହେଲେ । ସଚେତନ ହୋଇ ପ୍ରଭୁଙ୍କର ପଦ୍ମମୁଖକୁ ଅନାଇ କହିଲେ, 'ହେ ଦେବ, ତମେ ଜଗତର ସ୍ୱାମୀ । ତମ ହୃଦୟ ପାଷାଣଠାରୁ ବଳି କଠିନ, ମାୟାରୂପ ଧରି ମୋତେ ସମ୍ଭୋଗ କଲ । ତମ ମାୟାରୁ ମୋର ପ୍ରାଣପ୍ରିୟ ପ୍ରାଣନାଥ ଆଜି ମୃତ୍ୟୁବରଣ କଲେ । ତମଠାରେ ଦୟା ବୋଲି କିଛି ନାହିଁ ! କପଟ ବେଶରେ ମୋର ସତୀଧର୍ମ ଭଙ୍ଗକଲ ! ହେ ହରି, ତମେ ପାଷାଣ ସଦୃଶ ଅଟ । ତେଣୁ ଆଜିଠାରୁ ପାଷାଣ ହୁଅ, ତୁମକୁ ମୋର ଏହି ଅଭିଶାପ । ଯେଉଁମାନେ ତମକୁ ଦୟାସିନ୍ଧୁ ବୋଲି କହନ୍ତି, ମୁଁ ସେମାନଙ୍କୁ ବାତୁଳ ବା ପାଗଳ ବୋଲି କହୁଛି । ପର କଥା ଶୁଣି ଆପଣାର ଭକ୍ତକୁ କିପରି ବିନାଦୋଷରେ ବିନାଶ କଲ ? ତମେ ତ ସକଳ ଜୀବ ଦେହରେ ଆତ୍ମା ସ୍ୱରୂପରେ ବିରାଜି ଅଛ; ସବୁକଥା ଜାଣୁ ଜାଣୁ ଅନ୍ୟର ବ୍ୟଥା ବିନାଶ ନ କଲ କାହିଁକି ? ଏହି କାରଣରୁ ତମର ଗୋଟିଏ ଜନ୍ମରେ ଆପଣାକୁ ପାସୋରିବ, ଆମ୍ଭର ଏହା ତମକୁ ଶାପ ।' ଏତକ କହି ସତୀତୁଳସୀ ହରିଙ୍କ ପାଦତଳେ ପଡ଼ି କରୁଣରେ ରୋଦନ କରିବାକୁ ଲାଗିଲେ । ତାହାଦେଖି କରୁଣାମୟ ଶ୍ରୀହରି ଦୟାଭାବ ବହି ନୀତିବାକ୍ୟରେ ତାଙ୍କୁ ବୋଧ କରି କହିଲେ ।

**''ଗୋ ସତୀ ! ତମେ ଆଉ ଶୋଚନା କର ନାହିଁ । ଏବେ ମୋ କଥା ମନଦେଇ ଶୁଣ । ମୋତେ ପାଇବା ପାଇଁ ତମେ ଭାରତବର୍ଷରେ ପୁଣ୍ୟତୋୟା ନଦୀତଟରେ ବସି ତପସ୍ୟା କରୁଥିଲ । ମାତ୍ର ଏଣେ ତମକୁ ପାଇବା ପାଇଁ ବୀର ଶଙ୍ଖଚୂଡ଼ ବହୁତ ତପସାଧନ କଲା । ସେହି ତପଫଳରୁ ସେ ତମକୁ ପତ୍ନୀରୂପେ ପାଇ ନାନାରଙ୍ଗରେ ମହା ଆନନ୍ଦରେ ତମ ସହିତ କ୍ରୀଡ଼ା କଲା । ସେ ସମୟ ବିତିଯାଇଛି । ଏବେ ତମେ ତପଫଳ ଭୋଗ କଲ । ଏ ମରଶରୀର ତ୍ୟାଗ କର । ମୋ ସହିତ ଦିବ୍ୟ ଶରୀର ଧାରଣ କରି ବିହାର କର । ତୁମ୍ଭର ଏ ଶରୀର ନଦୀସ୍ୱରୂପ ହୋଇ ଜଗତରେ ଗଣ୍ଡକୀ ନାମରେ ଖ୍ୟାତ ହେବ । ତାହା ସମଗ୍ର ଭାରତବର୍ଷରେ ପୁଣ୍ୟ ତୀର୍ଥ ହେବ । ଲୋକେ ତହିଁରେ ସ୍ନାନ କରି ପବିତ୍ର ହେବେ, ତମର ଏହି ସୁନ୍ଦର କେଶଗୁଚ୍ଛ ଆଜିଠାରୁ ଏକ ପୁଣ୍ୟ ବୃକ୍ଷ ବୋଲାଇବ । ସେହି ପୁଣ୍ୟ ବୃକ୍ଷର ସେବାକରି ଲୋକେ ମୋକ୍ଷପଦ ଲାଭ**

କରିବେ । ତମରି ନାମାନୁସାରେ ବୃକ୍ଷର ନାମ ତୁଳସୀ ହେବ । ତ୍ରିପୁରରେ ସେହି ବୃକ୍ଷର ପତ୍ରପୁଷ୍ପ ଦେବଦେବୀଙ୍କ ପୂଜା ନିମନ୍ତ ପ୍ରସିଦ୍ଧ ହେବ ।

'ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ବୈକୁଣ୍ଠପୁର ଅଥବା ଆମେ ବାସ କରୁଥିବା ସ୍ଥାନ ସମୀପରେ ତୁଳସୀ ବୃକ୍ଷ ଥାଇ ପତ୍ରପୁଷ୍ପ ଅର୍ଚ୍ଚନା ପାଇଁ ଦେଇ ଆମ ମନକୁ ତୋଷୁଥିବ । ଗୋଲୋକଧାମରେ ବିରଜା ତୀରରେ, ରାସକ୍ରୀଡ଼ା ସ୍ଥଳରେ, ବୃନ୍ଦାବନରେ, ସ୍ୱର୍ଗଲୋକ ବା ମହୀମଣ୍ଡଳରେ, ଭାଣ୍ଡୀର ଚମ୍ପକ ବନରେ, ଚନ୍ଦନକାନନରେ, ଆବର ମାଧବୀ କୁନ୍ଦ ମଲ୍ଲୀ ଉପବନରେ, ପୁଣ୍ୟ ତୀର୍ଥମାନଙ୍କରେ, ନଦନଦୀର ତଟ ଦେଶମାନଙ୍କରେ ଏହିପରି ସବୁସ୍ଥାନରେ ତୁଳସୀ ବୃକ୍ଷ ଜାତ ହେବ । ତୁଳସୀର ମୂଳ ସର୍ବତୀର୍ଥସ୍ଥଳ ସକଳ ଦେବାଦେବୀଙ୍କର ବାସସ୍ଥାନ ହେବ । ଯେଉଁଠାରେ ତୁଳସୀ ବୃକ୍ଷ ଜାତ ହୋଇଥିବ, ତାହା ମୋର କ୍ରୀଡ଼ାସ୍ଥଳ ବୋଲାଇବ । ତୁଳସୀ ବୃକ୍ଷରୁ ଝଡ଼ି ପଡୁଥିବା ପତ୍ର ପାଇ ଆମର ଦେହମନ ପୁଲକିତ ହେବ । ଶୁଦ୍ଧ ଜଳରେ ତୁଳସୀପତ୍ର ମିଶାଇ ବିଷ୍ଣୁମନ୍ତ୍ର ପଢ଼ି ସ୍ନାନକଲେ, ସକଳ ତୀର୍ଥଜଳରେ ସ୍ନାନ କରିବାର ଫଳ ପ୍ରାପ୍ତ ହେବ । ସହସ୍ରଅମୃତ ଘଟ ଦାନ କରିବାର ଫଳ ଗୋଟିଏ ମାତ୍ର ତୁଳସୀପତ୍ର ନାରାୟଣଙ୍କୁ ଦେବାରେ ମିଳିଥାଏ । ସକଳ ଯାଗଯଜ୍ଞର ଫଳ ପ୍ରାପ୍ତି ହୁଏ । ପୁଣ୍ୟତୀର୍ଥରେ ହଜାରେ ଗାଈ ଦାନ କରିବାର ଫଳ ଗୋଟିଏ ମାତ୍ର ତୁଳସୀପତ୍ର ଆମକୁ ଦାନ ଦେଲେ ମିଳିଥାଏ । ମୃତ୍ୟୁକାଳରେ ଯେଉଁ ବ୍ୟକ୍ତି ତୁଳସୀପତ୍ର ସହିତ ଜଳ ପାଇଥାଏ, ସେ ସକଳ ପାପରୁ ତରିଯାଇ ବିଷ୍ଣୁଲୋକରେ ମହାସୁଖରେ ବାସ କରେ ଓ ସେ କଦାପି ଘୋର ଯମଦଣ୍ଡର ଦୁଃଖରେ ପଡ଼େ ନାହିଁ । ଯେଉଁ ବ୍ୟକ୍ତି ତୁଳସୀ ଓ ଜଳ ପ୍ରତିଦିନ ଭକ୍ତିଭରେ ପାଇଥାଏ, ତାହାର ହୃଦୟ ସର୍ବଦା ନିର୍ମଳ ରହେ । ଭକ୍ତିକରି ଯେଉଁ ବ୍ୟକ୍ତି ପ୍ରତିଦିନ ତୁଳସୀପତ୍ରରେ ଆମକୁ ପୂଜା ଅର୍ଚ୍ଚନା କରୁଥିବ, ସେ ଲକ୍ଷେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରେ । ପ୍ରଭୁ ଦାମୋଦର ସତୀରାଣୀ ତୁଳସୀଙ୍କୁ ପୁଣି କହିଲେ-

**'ଯେଉଁବ୍ୟକ୍ତି ଆପଣା ହାତରେ ନିଜ ଦେହରେ ତୁଳସୀପତ୍ର ଲଗାଇ ଓ ହାତରେ ଧରି ପୁଣ୍ୟତୀର୍ଥ ସ୍ଥାନରେ ମୃତ୍ୟବରଣ କରେ, ସେ ବୈକୁଣ୍ଠଭୁବନରେ ବାସ କରେ ଏବଂ ପ୍ରତିଦିନ ବିଷ୍ଣୁଙ୍କର ଦର୍ଶନ ଲାଭ କରେ । ଯେଉଁ ବ୍ୟକ୍ତି ଆନନ୍ଦ ମନରେ ଆପଣା କଣ୍ଠରେ ତୁଳସୀକାଠର ମାଳା ଧାରଣ କରେ, ସେ ପ୍ରତି ପଦକ୍ଷେପରେ ଅଶ୍ୱମେଧ ଯଜ୍ଞଫଳ ପାଏ ଏବଂ ମୃତ୍ୟୁ ପରେ ବିଷ୍ଣୁଙ୍କ ପୁରରେ ବାସ କରେ । ଯେଉଁ ବ୍ୟକ୍ତି ତୁଳସୀପତ୍ର ଧରି ଶପଥ କରେ, ମାତ୍ର ତାହା ରକ୍ଷା କରେ ନାହିଁ; ସେ ଜନ୍ମ ଜନ୍ମାନ୍ତରକୁ ଯାବତ୍ ଚନ୍ଦ୍ରାର୍କେ ନରକରେ ବାସ କରେ । ତୁଳସୀପତ୍ର ଧରି ଯେ ମିଥ୍ୟା କହେ, ସେ କୁମ୍ଭୀପାକ ନରକ ଭୋଗ କରେ । ଯେଉଁ ବ୍ୟକ୍ତି ମରଣ କାଳରେ ତୁଳସୀ ମିଶ୍ରିତ ଜଳ କାଣିଚାଏ ପାଇଥାଏ ସେ ମୃତ୍ୟୁ ପରେ ରତ୍ନଯାନ ଆରୋହଣ କରି ବୈକୁଣ୍ଠପୁରକୁ ଯାଏ । ପୁଣି ଯେଉଁ ବ୍ୟକ୍ତି ଦ୍ୱାଦଶୀ, ପୂର୍ଣ୍ଣିମା, ଅମାବାସ୍ୟା,,ପର୍ବତିଥି, ସଂକ୍ରାନ୍ତି, ମଧ୍ୟାହ୍ନ, ରାତ୍ରି, ସନ୍ଧ୍ୟା ସମୟ, ଅଶୌଚ ଅବସ୍ଥାରେ, ଅଶୌଚ ବସନ ପିନ୍ଧି, ତେଲ ଲଗାଇ, ଗାଧୋଇଯିବା ଅବସ୍ଥାରେ ତୁଳସୀପତ୍ର ତୋଳେ, ସେ ହରିଙ୍କ ଦେହରେ ନଖକ୍ଷତ ଦେବାର ଅପରାଧ କରେ । ତୁଳସୀପତ୍ର ତୋଳି ତିନିରାତି ପର୍ଯ୍ୟନ୍ତ ସାଇତି ତହିଁରେ ପୂଜାର୍ଚ୍ଚନା କଲେ, କୌଣସି ଦୋଷ ଲାଗେ ନାହିଁ । ଜଳରେ, ଭୂମିରେ ବା ବିଷ୍ଣୁଙ୍କ ଦେହରେ ଥିବା ତୁଳସୀ ଆଣି ପୁଣିଥରେ ପୂଜାରେ ଲଗାଇଲେ ମଧ୍ୟ ତାହା ଦୋଷଯୁକ୍ତ ନୁହେଁ ।**

'ତୁଳସୀବୃକ୍ଷର ଅଧିଷ୍ଠାତ୍ରୀ ଦେବୀ ଗୋଲୋକରେ କୃଷ୍ଣଙ୍କର ପାଦପଦ୍ମ ସେବା କରି ତାଙ୍କ ସହିତ ଅବିରତ କ୍ରୀଡ଼ା କରି ଆନନ୍ଦ ମନରେ କାଳ ଅତିବାହିତ କରୁଥିଲେ । ସେହି ଅଧିଷ୍ଠାତ୍ରୀ ଦେବୀ ଭାରତବର୍ଷରେ ଲବଣସାଗର ପାଶରେ ନଦୀରୂପରେ ବାସ କରିବେ । ଆମ ଅଂଶରେ ସାଗରର ଜନମ । ନଦୀ ସାଗରର ପତ୍ନୀ ହୋଇ ମନ ମୋହିବେ । ତମେ ମୋ ସହିତ ବୈକୁଣ୍ଠପୁରକୁ ଯାଇ ନାନାରଙ୍ଗରେ ମହାସୁଖରେ ବିହାର କରିବ । ତମେ ଲକ୍ଷ୍ମୀ ସରସ୍ୱତୀଙ୍କ ସହିତ ସମାନ ହେବ । ତମ ଅଭିଶାପରୁ ଆମେ ଗଣ୍ଡକୀ ତୀରରେ ଶୈଳ ରୂପରେ ରହିବୁ । ସେହି ଶୈଳ ଗହ୍ୱରରେ ବଜ୍ରକୀଟମାନେ ରହି ଶିଳା କାଟି ମୋର ଚକ୍ର ନିର୍ମାଣ କରିବେ । ଏକ ଦ୍ୱାରରେ ଚାରିଗୋଟି ଚକ୍ର ହୋଇଥିବ ଓ ତା' ମଧ୍ୟରେ ବନମାଳାର ଚିହ୍ନ ଦେଖାଯିବ । ନବଘନ ସଦୃଶ ଶ୍ୟାମଳ ବର୍ଣ୍ଣର ଚକ୍ରର ନାମ ଲକ୍ଷ୍ମୀନାରାୟଣ । ବନମାଳାର ଚିହ୍ନ ନଥିଲେ, ସେ ଚକ୍ରର ନାମ ଲକ୍ଷ୍ମୀଜନାର୍ଦ୍ଦନ । ଦୁଇ ଦ୍ୱାରରେ ଚାରିଗୋଟି ଚକ୍ର ଥାଇ ଗୋଷ୍ପଦ ଚିହ୍ନ ଥିଲେ, ତାହାର ନାମ ରଘୁନାଥ । ଅତିକ୍ଷୁଦ୍ର ଦୁଇ ଚକ୍ର ଚିହ୍ନ ଥିଲେ, ସେ ଦଧିବାମନ । ଦଧିବାମନଙ୍କୁ ପୂଜାକଲେ

ବ୍ୟକ୍ତି ଧନବାନ ହୁଏ । ପୃଥୁଳ ଓ ବର୍ତ୍ତୁଳାକାର ମାତ୍ର ବନମାଳର ଚିହ୍ନ ନଥିଲେ, ଦୁଇ ଚକ୍ର ଚିହ୍ନ ଫୁଟି ଦିଶୁଥିଲେ, ସେ ଦାମୋଦର । ଦାମୋଦରଙ୍କୁ ପୂଜାକଲେ, ସକଳ ପାପ ନାଶହୁଏ । ଏହିପରି ଭାବରେ ଗଣ୍ଡକୀନଦୀ ତଟ ଶୈଳରୁ ବିଭିନ୍ନ ଚିହ୍ନ ଶୋଭିତ ଭିନ୍ନ ଭିନ୍ନ ନାମରେ ଶାଳଗ୍ରାମ ବଜ୍ରକୀଟମାନଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ ।'

ଏହିପରି ଅନେକ କଥା କହି ଶ୍ରୀହରି ତୁଳସୀଙ୍କୁ ଅନେଇ ରହିଲେ । ତୁଳସୀ ଦେହତ୍ୟାଗ କରି ଦିବ୍ୟରୂପ ଧାରଣ କରି ଶ୍ରୀହରିଙ୍କ ବକ୍ଷସ୍ଥଳରେ ରହିଲେ । ସେଠାରେ ପୂର୍ବରୁ ମହାଲକ୍ଷ୍ମୀ ଥିଲେ । ଦୁଇଦେବୀ ପରସ୍ପର ସହିତ ମିଳିତ ହେଲେ । ନାରାୟଣ ତୁଳସୀ ଓ ଲକ୍ଷ୍ମୀଙ୍କୁ ସଙ୍ଗରେ ଘେନି ବୈକୁଣ୍ଠପୁରରେ ଉପସ୍ଥିତ ହେଲେ । ଲକ୍ଷ୍ମୀ, ସରସ୍ୱତୀ, ଗଙ୍ଗା ଓ ତୁଳସୀ ଏହି ଚାରିଦେବୀ ନାରାୟଣଙ୍କର ମନୋହାରିଣୀ ଅଟନ୍ତି ।

## ମୀମାଂସା :


**ଦେବର୍ଷି** ନାରଦ ହେଉଛନ୍ତି ଶବ୍ଦବ୍ରହ୍ମଃ । ବ୍ରହ୍ମଠୁଳ । ଜୀବବ୍ରହ୍ମଃ । ଜୀବବ୍ରହ୍ମଃ ଚତୁଃପାର୍ଶ୍ୱରେ ଶବ୍ଦ ଲାଗି ରହିଛି । ଜୀବ ମଧରେ ପ୍ରତ୍ୟେକ ଶବ୍ଦଧ୍ୱନି ରୂପରେ କାର୍ଯ୍ୟ କରୁଛି । ମୁନିଗଣବର ନାରାୟଣ କହିଲେ ଜ୍ଞାନକୋଷକୁ ବୁଝାଏ । ନାରାୟଣ ପରଂବ୍ରହ୍ମଃ । ସ୍ଥୂଳ ସଂଯୋଗ ଦ୍ୱାରା କାର୍ଯ୍ୟ ଏକ ନୁହେଁ । ସୂକ୍ଷ୍ମ ସଂଯୋଗ ଦ୍ୱାରା ଶକ୍ତି ବା ବିଭୂତି ପ୍ରଦାନ ହୁଏ । ସୃଷ୍ଟି ଆରମ୍ଭରୁ ତୁଳସୀ ବର ମାଗିଥିଲା ପ୍ରଭୁଙ୍କର ଦର୍ଶନ ଲାଭ ପାଇଁ । ତୁଳସୀ ବୋଇଲେ ସତ୍‌ଗୁଣର ଶୁଦ୍ଧମାୟା ଓ ଶୁଦ୍ଧଚିତ୍ତ । ସୁବିବେକ, ସୁଚେତା ସୂକ୍ଷ୍ମସତ୍ତ୍ୱ ଶ୍ରଦ୍ଧା, ସ୍ନେହ, ସୁଚରିତ୍ରବାନ, ପବିତ୍ର ମନୋଭାବକୁ ତୁଳସୀ କୁହାଯାଏ । ତେଣୁ ତୁଳସୀ ହେଉଛି ଦେହର ଶୁଦ୍ଧମାୟା, ଫଳରେ ମସ୍ତିଷ୍କରେ ବ୍ରହ୍ମଃଙ୍କ ପାଖରେ ନିର୍ମଳା ଭକ୍ତି ଥିବାରୁ କଳୁଷ ପ୍ରବେଶ କରିପାରେ ନାହିଁ । ହୃଦୟରେ ନିଷ୍କପଟ ପ୍ରାଣର ଭାବ, ନାମର ସ୍ପନ୍ଦନ ଶକ୍ତି ଦ୍ୱାରା ମାୟା କେବଳ ଆଲୋଡନ କରେ । ଭାବର କୋଷ ସୂକ୍ଷ୍ମରେ ତିଆରି ହୋଇଥାଏ । ପ୍ରତ୍ୟେକ ଚକ୍ରକୁ ସୁଚିନ୍ତନ ଶକ୍ତି ଶିରାପ୍ରଶିରା ଦ୍ୱାରା ଆଚ୍ଛାଦନ କରିଛି । ସମାଧିସ୍ଥ ପରେ ଶୁଦ୍ଧଭାବସମୂହ ତୁଳସୀପତ୍ରର ସ୍ୱଭାବ ଅଟେ । ଯୋଗୀ ଦେହ ତୁଳସୀର ବାସନା ପରି ସୁଗନ୍ଧଯୁକ୍ତ । ଏହି ଅବସ୍ଥାରେ ଯୋଗୀ କୁପ୍ରକୃତିଗୁଡ଼ିକ ଠାରୁ ଦୂରେଇ ରହେ । କୁପ୍ରକୃତି ପ୍ରବୃତ୍ତି ଗ୍ରହଣ କରେ ନାହିଁ । ବାହ୍ୟ ମଣୋହିରେ ଯେପରି ତୁଳସୀ ପତ୍ର ପକାଇଲେ, ତାହା ପବିତ୍ର ବୋଲି ଭାବୁ, ପିଣ୍ଡ ମଧରେ ସେହିପରି ସତ୍ ଭାବନା , ସତ୍ ଚିନ୍ତନ, ସତ୍ କର୍ମାନୁଷ୍ଠାନ,ସୁବିବେକିତା ଦ୍ୱାରା କାୟା ପବିତ୍ର ହୋଇଥାଏ ।

ତୁଳସୀ ନିଷ୍କପଟ । ଯୋଗୀର ଭାବ ମଧ ନିଷ୍କପଟ, ହିଂସାପରାୟଣ ଓ ଅହଂକାରୀ ନୁହେଁ । ମିଷ୍ଟ, ଶୀତଳ, କୋମଳ ମଧୁର ଜ୍ଞାନମିଶ୍ରା । ଶଙ୍ଖଚୂଡ଼ ସତ୍ତ୍ୱ ଓ ରଜ ମିଶ୍ରିତ ସ୍ୱଭାବ । ରଜ ଓ ତମ ମିଶ୍ରିତ ପ୍ରକୃତିର କ୍ରୀଡାରେ ଶଙ୍ଖଚୂଡର ଅସୁର ସ୍ୱଭାବ । ସତ୍ତ୍ୱଗୁଣ ଦ୍ୱାରା ଥିବା ଭାବ ଈଶ୍ୱରୀୟ ଶକ୍ତିର ସ୍ଥାନ । ଏ ମୀମାଂସାରେ ମାୟାରୂପୀ ନାରାୟଣ ପରମବ୍ରହ୍ମଃରୁ ପିଣ୍ଡକୁ ଆସିଲେ ଜୀବବ୍ରହ୍ମଃ ନାମରେ ଖ୍ୟାତ । ଦେହ ମଧରେ ବ୍ରହ୍ମଃ ଜୀବରୂପ ଧାରଣ କଲେ, ପ୍ରକୃତିସ୍ଥ ଭାବରେ ମାୟାରୂପୀ ନାରାୟଣ ହୋଇଯାଏ । ସ୍ୱର୍ଗପୁର ଲଲାଟକୁ ବୁଝାଏ । ଜୀବବ୍ରହ୍ମଃ ସହିତ ଯୋଗମାୟାର ସଂଯୋଗକୁ ସୂକ୍ଷ୍ମ କାମକ୍ରୀଡ଼ା କୁହାଯାଏ । ଦେହ ମଧରେ ମାୟା ସତ୍ ଓ ଅସତ୍‌ର ଭାବ ନେଇ ରହିଥାଏ ।.ଯୋଗୀ ଯେତେବେଳେ ବ୍ରହ୍ମଃଙ୍କୁ ଏକଲୟରେ ଧାନ କରେ, ଅସତ୍ ଭାବ ସକଳ ସ୍ୱତଃ ନଷ୍ଟ ହୋଇଯାଏ । ସେତେବେଳେ ତା'ର କୋଷ ସମୂହଶୁଦ୍ଧ ହୋଇଯିବାରୁ ସେ ସତ୍ୟବତୀ ବା ସତୀ ବୋଲାଏ । ଯୋଗସ୍ଥ ବ୍ରହ୍ମଃ ଭ୍ରମରୀ ମାୟାପିଣ୍ଡରେ ନିର୍ବିକଳ୍ପ ଅବସ୍ଥାରେ ମାୟାକୁ ଯୋଗମାୟାରେ ରୂପାନ୍ତର କରେ । ମହାମାୟାକୁ ବୈଷ୍ଣବୀମାୟା ପିଞ୍ଜୁରିରେ ଆବଦ୍ଧ କରିବାକୁ ଅଭିଶାପ ଦେବା ବୁଝାଏ । ଶଙ୍ଖଚୂଡ଼ ବିନାଶ କହିଲେ ଭକ୍ତ ବିନାଶ । ଜୀବ ମଧରେ ପ୍ରଥମ ଅବସ୍ଥାରେ ଯେଉଁ ଅହଂକାର ମିଶା ଭକ୍ତି ଥାଏ, ତାହାର ବିନାଶକୁ ଭକ୍ତ ବିନାଶ କୁହାଯାଏ । ଅହଂକାର ମିଶ୍ରିତ ଭକ୍ତିରେ ହିଂସାଭାବ ରହିଥାଏ । ଭକ୍ତିମିଶା ହିଂସାକୁ ଦମନ କରିବାକୁ ଭକ୍ତ ବିନାଶ ବୋଲାଯାଏ ।

ଭାରତବର୍ଷ କହିଲେ ପିଣ୍ଡକୁ ବୁଝାଏ । ପୁଣ୍ୟତୋୟା ବୋଇଲେ ଆଜ୍ଞାଚକ୍ର ଲଲାଟ । ମାୟାଶକ୍ତି ଦ୍ୱାରା ଲଲାଟକୁ ନିରୀକ୍ଷଣ କରିବାର ସୂତ୍ରଧାର ହେଉଛି ଗଣ୍ଡକୀ । ବ୍ରହ୍ମସୂତ୍ରଧାର ଗଣ୍ଡକୀ ବୋଲାଏ । ପୁଣ୍ୟବୃକ୍ଷ ହେଉଛି ଓଁକାର ତୀର୍ଥଭୂମି । ମାୟାର ଭାବ ମୁଖମଣ୍ଡଳ ଏଠାରେ ଦେହତତ୍ତ୍ୱକୁ ବୁଝାଏ । ଦେହ ମଧ୍ୟରେ ବ୍ରହ୍ମର ସୂତ୍ରଧାର ଗଣ୍ଡକୀ ମାୟାର ରଜ୍ଜୁ କେଶଗୁଚ୍ଛ । ପିଣ୍ଡର ପବିତ୍ରତାକୁ ପତ୍ରପୁଷ୍ପ ବୋଲି ବୁଝାଯାଏ ।

ପବିତ୍ର ବିଭୂତି ହେଉଛି କୈବଲ୍ୟ,ଏହା ଦେବତାମାନଙ୍କ  ପ୍ରାପ୍ତ  । ଗୋଲୋକଧାମ ବ୍ରହ୍ମର ସ୍ଥଳ । ଗଣ୍ଡକୀ ତୀର ହେଉଛି ତ୍ରିକୂଟର ମୂଳକୋଷ, ସେହିଠାରେ ତ୍ରିବେଣୀଧାର ଅବସ୍ଥିତ । ଜୀବବ୍ରହ୍ମଃ ଓ ପରମବ୍ରହ୍ମଃର ସଙ୍ଗମ ସ୍ଥଳ । ସେଠାରେ ରାସକ୍ରୀଡା ଅନବରତ ହେଉଛି । ବୃନ୍ଦାବନ ସେଠାରେ ବିରାଜିତ ଏବଂ ରାଧାକୃଷ୍ଣ ଓ ଗୋପବାଳୀମାନେ ରାସକ୍ରୀଡ଼ାରେ ପ୍ରମତ୍ତ । ଜୀବ ପରମ ଜ୍ଞାନକୋଷ ତ୍ୟାଗର ଊର୍ଦ୍ଧ୍ୱଭାବ ପ୍ରେମଭାବକୁ ବୁଝାଏ । ମସ୍ତିଷ୍କ ହେଉଛି ସ୍ୱର୍ଗଲୋକ, ଉଦର ହେଉଛି ମହୀମଣ୍ଡଳ । ଚମ୍ପକବନ ବୋଇଲେ ଶ୍ରଦ୍ଧା ଓ ପ୍ରେମ । ଜୀବର ମନୋହର ସ୍ୱଭାବକୁ ନନ୍ଦନକାନନ ବୋଲାଯାଇଛି । ଭିନ୍ନ ଭିନ୍ନ ସ୍ୱଭାବ ରୂପକ ପୁଷ୍ପଲତା ଜୀବକୁ ପ୍ରତିମୁହୂର୍ତ୍ତରେ ପରିବର୍ତ୍ତିତ ଅବସ୍ଥାରେ ଉପନୀତ କରେ । ମାଧବୀ ହେଉଛି 'ମହାମାୟା କୋଷ', କୁନ୍ଦମଲ୍ଲୀ ଭୋଗର କେନ୍ଦ୍ରବିନ୍ଦୁ । ସୌନ୍ଦର୍ଯ୍ୟ ଅର୍ଥ ଭଗବାନ୍, ପୁଣ୍ୟତୀର୍ଥ କହିଲେ କାୟମନୋବାକ୍ୟ । କାୟମନୋବାକ୍ୟରେ ପବିତ୍ରତା ସୁରକ୍ଷିତ ହେଲେ ହିଁ ଜୀବଦେହରେ ତୁଳସୀବୃକ୍ଷ ଜନ୍ମିଛି ବୋଲି କୁହାଯାଏ । ତୁଳସୀବୃକ୍ଷରୁ ପତ୍ରଝଡ଼ିବା କହିଲେ ନିର୍ବିକଳ୍ପ ସମାଧିରୁ କୈବଲ୍ୟ କଣିକା ଖସିବାକୁ ବୁଝାଏ । କୈବଲ୍ୟ କଣିକା ହିଁ ସୂକ୍ଷ୍ମଜ୍ଞାନ । ଅଶ୍ୱମେଧ ଯଜ୍ଞ ବୋଇଲେ ଅଶ୍ୱର କ୍ଷିପ୍ରଗତି ପରି ଜୀବର ଚଞ୍ଚଳ ସ୍ୱଭାବକୁ ସାଧନ ଓ ଯୋଗ ଦ୍ୱାରା ସ୍ଥିର କରିବାକୁ ବୁଝାଯାଏ । ପ୍ରଭୁ ଦାମୋଦର ହେଉଛନ୍ତି ବିଭୂତି ଉଦର ପ୍ରାପ୍ତ ପ୍ରଭୁ । ନଦୀ ଏଠାରେ ବ୍ରହ୍ମମୋହିନୀ ଭାବକୁ ବୁଝାଉଛି । ଜୀବର ପ୍ରତିଟି ନିଃଶ୍ୱାସପ୍ରଶ୍ୱାସରେ ଭାବ ନଦୀସ୍ରୋତ ପରି ବୋହିଯାଉଛି । ଶୈଳ ବା ଶିଳା ଠୂଳବ୍ରହ୍ମକୁ ବୁଝିବାକୁ ହୁଏ । ବଜ୍ରକୀଟ ହେଉଛି ବୁଦ୍ଧି, ବିବେକ ଓ ଜ୍ଞାନ । ଏକ ଦ୍ୱାର ଚାରିଗୋଟି ଚକ୍ରମାନ ଥିବ ବୋଇଲେ ଏକ ବ୍ରହ୍ମରୁ ଚାରିବେଦ ସୃଷ୍ଟି । ପ୍ରକୃତିକୁ ଜନ୍ମ ଦିଅନ୍ତି ଲକ୍ଷ୍ମୀନାରାୟଣ  । ଲକ୍ଷ୍ମୀଜନାର୍ଦ୍ଦନ ଅର୍ଥାତ୍ କୁମ୍ଭକ ଦ୍ୱାରା ଜ୍ଞାନକୋଷର ଉନ୍ମୀଳନ । ଦ୍ୱାଇଦ୍ୱାର ବୋଇଲେ ଯୋଗମାୟା ଓ ମହାମାୟା । ଚାରିଗୋଟି ଚକ୍ର ବୋଇଲେ ଚାରିପାହାଚ କୈବଲ୍ୟଜ୍ଞାନ  (ଘଟ ନିରୂପଣ ସୂତ୍ର) ରଘୁନାଥ ହେଉଛନ୍ତି 'ନାମବ୍ରହ୍ମ' । ଦଧିବାମନ କହିଲେ ଷଡ଼ଚକ୍ର ଭେଦ ଜ୍ଞାନତତ୍ତ୍ୱ । ଏହି ପଥରେ ସାଧନ କଲେ ଜ୍ଞାନରୂପକ ଧନ ପ୍ରାପ୍ତି ହୁଏ । ଦାମୋଦର ଅର୍ଥାତ୍ ନାଭିସୂତ୍ର ପିଣ୍ଡଦାନ,ଏହା ଜ୍ଞାନଯୋଗ ନାଶ କରି ଭକ୍ତି ବିଭୂତି ପ୍ରଦାନ କରନ୍ତି । ବ୍ରହ୍ମଃର ଚାରି ଉପଚାର ହେଉଛି  : ଜ୍ଞାନ:(୧) ଲକ୍ଷ୍ମୀ-ଜ୍ଞାନବିଜ୍ଞାନ ରୂପକ ଧନ, (୨)ସରସ୍ୱତୀ- ପିଣ୍ଡବିଦ୍ୟାତତ୍ତ୍ୱ,(୩) ଗଙ୍ଗା-ଶୁଦ୍ଧଜ୍ଞାନ ଏବଂ (୪) ତୁଳସୀ - ତତ୍ତ୍ୱଜ୍ଞାନର ଶୁଦ୍ଧିପୂର୍ଣ୍ଣ ପୂତପବିତ୍ର ଭାବ । ଏ ସମସ୍ତର ପ୍ରାଥମିକ ଅବସ୍ଥାରେ ଶୋଧନ କ୍ରିୟା ହିଁ କୈବଲ୍ୟ ॥

''ଘରେ ଘରେ ରୋପଣ  କରିବ ଗୋ ତୁଳସୀ ।
ଚଉରାରେ ଧୂପଦୀପ ଦେବ ଗୋ ମନାସି ॥
ତୁଳସୀ ସେବାରୁ ମିଳିଥାଏ ବଇଭବ ।
ତୁଳସୀ ଅର୍ପଣ କଲେ ପ୍ରୀତ ଯେ କେଶବ ॥''



# କଲ୍ୟାଣ ଦେଲି ତୋତେ

'ତମ ପଦରେଣୁ କଲ୍ୟାଣ ହୋଇ ଝରି ପଡୁ ଶିରେ ମୋର
କଲ୍ୟାଣ ଦିଅ କରକଲ୍ୟ ଦିଅ କରେ ପ୍ରାପତି ସ୍ୱୀକାର ।'

ଜୀବନ ଦେବତା ପରମ ପ୍ରେମମୟ କରୁଣାସାଗର ଠାକୁରଙ୍କର ଆଶୀର୍ବାଦ ପୁଷ୍ପ ଏହି 'କଲ୍ୟାଣ ଦେଲି ତୋତେ' ସକଳ ପ୍ରାପ୍ତିର ପ୍ରାପ୍ତି, ସକଳ କାମନାର କାମନା । ଆମ ସମସ୍ତଙ୍କର ସକଳ ସମସ୍ୟାର ସମାଧାନ ଏଇଠି, ଏହା ନିତ୍ୟ ପାଠ୍ୟ ଏବଂ ଅନୁସରଣୀୟ । କୌଣସି ବ୍ୟକ୍ତିବିଶେଷ ନୁହଁନ୍ତି, ସମଗ୍ର ମାନବ ସମାଜ ପାଇଁ ଏହା ପ୍ରଭୁଙ୍କର ଅପାର କରୁଣାର କଣା । ପ୍ରତ୍ୟେକଙ୍କ ପାଇଁ ଏହା ଆଶୀର୍ବଚନ ।

**ଚରମରେ ;**

ଏଥରକୁ ମିଶାଇ ସାତପାଦ ତୁ ମୋ ସହିତ ଚାଲିଲୁ । ସାତପାଦ ଏକ ସଙ୍ଗରେ ଚାଲିଲେ ଏକାତ୍ମ ହୋଇଯାଆନ୍ତି ପରା ! ଏକଥା ତୁ କ'ଣ ପାସୋରି ଦେଲୁଣି କି ବାବୁ ? ଏହି ସପ୍ତମ ପାଦରେ ତୋତେ କଥାଟିଏ କହୁଛି ; ମନଦେଇ ପଢ଼ିବୁ, ଶୁଣିବୁ । ସବୁଦିନକୁ ମନେରଖ୍ ସଂସାରକ୍ଷେତ୍ର ବା ସନ୍ନ୍ୟାସ ପଥ ହେଉ, ପାଦ ପକାଇ ଆଗକୁ ମାଡ଼ି ଚାଲିବୁ ।

ତୁ ଜାଣି ନ ଥିବୁ ; ଏବେ ଜାଣ : ଏ ଦୁନିଆରେ ସବୁ ବିଚିତ୍ର । ହେଲେ କାହାରି ବିଚିତ୍ରତାକୁ ତୁ ଲକ୍ଷ୍ୟ ଦେବୁ ନାହିଁ । ତୁ ଜୀବ ରୂପେ ଦେହ ଧାରଣ କରିଛୁ । ସୀମିତ ବୁଦ୍ଧିରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ଧରିପାରିବୁ ନାହିଁ । ଦେଖ୍ ତ ଥରେ , ତୋ ପିଣ୍ଡରେ ଆମେ ଅଛୁ । ବିଶାଳ ଶରୀର ମଧ୍ୟରେ ପବନର ଅଣୁସୂତ୍ରରେ ତୋ ହୃଦୟରେ ଆମେ ଖେଳୁଛୁ । ତୁ ସନ୍ଦେହ କରିବୁ ନାହିଁ । ଦ୍ୱନ୍ଦ୍ୱ ରଖିବୁ ନାହିଁ । ନିଃସଂଶୟରେ ଥରେ ବୁଝିଯିବୁ କିପରି ଦେଖୁଛି ,ଖାଉଛି ,ଶ୍ୱାସ ପ୍ରଶ୍ୱାସରେ ଗତି କରୁଛି । ଶ୍ୱାସପ୍ରଶ୍ୱାସର ତାଳେ ତାଳେ ସମଗତିରେ ନାମ ସଦାସର୍ବଦା ସୂକ୍ଷ୍ମରେ ସମତାଳରେ ଗତି କଲାବେଳେ ତୁ ଅଜ୍ଞାନଅନ୍ଧାକାରରେ ଅଚେତନ ରହି ଘୁରି ବୁଲୁଛୁ ବୋଲି ଏହି ଅନୁଭୂତି ତୋତେ ସ୍ପର୍ଶ କରିପାରୁନାହିଁ ।

ବାପରେ ; ସନ୍ଦେହ ଅନୁମାନରେ ଥରେ ବାହ୍ୟ ଇନ୍ଦ୍ରିୟର ସତ୍‌କର୍ମଗୁଡ଼ିକ କରିଯାଆ । ଅଭ୍ୟାସ କର୍ମଧାରା ଆଦୌ ଭୁଲିବୁ ନାହିଁଟି ! ଭୁଲିଗଲେ ବିରକ୍ତିଭାବ ଓ ବିକାର ଆସି ମନକୋଣରେ ବସାବାନ୍ଧି ଜମାଟ ହେବ ! ଧାରା

ଅଭ୍ୟାସ କରିବାରେ ବିରକ୍ତଭାବ ପ୍ରଥମେ ପ୍ରଥମେ ଆସିଲେ ଆସୁ; ଭୟ କରନା, ଦୃଢ଼ତାର ସହିତ ସାହସ ବାନ୍ଧି ଆମ ଅଡ଼କୁ ଥରେ ପାଦ ପକାଇ ଚାଲିଆରେ ଧନ ! ଏହାରି ମଧ୍ୟରେ ଦେଖିବୁ ନିତ୍ୟ ରାହାସକୁଞ୍ଜ,ବ୍ରହ୍ମାନନ୍ଦ ତତ୍ତ୍ୱ ଖାଅ;ପାଇବୁ ନିତ୍ୟରାହାସ ଶାନ୍ତି । ଏହି ସାଧନକୁ ନିଶା କର । ନିଶାମାନେ କ'ଣ ବୁଝିଛୁ ? ନି: ରେ ନିତ୍ୟ ଏବଂ ଶା: ରେ ଶାନ୍ତି; ଅର୍ଥାତ୍ ନିଶା ବୋଇଲେ ନିତ୍ୟଶାନ୍ତି । ଏ ଦେହରେ ସାଧନା ନିଶା ବଳରେ ସବୁ ଦେଶ ବୁଲିପାରିବୁ । ପ୍ରତି ଦେଶ,ଚକ୍ରରେ ତୋର ସତ୍‌ଅସତ୍‌ର କୋଷମାନ ଅଛି । ତୁ ତ ଜାଣି ନ ଥିଲୁ ; ଏବେ ଜାଣ୍ । ଆରମ୍ଭରୁ କହି ଆସିଛି, ଅସତ୍‌ଭାବ ତୋଳିବୁ ନାହିଁ । ସତ୍‌କର୍ମ ଓ ସତ୍ ଅନୁଷ୍ଠାନର ଭାବ ତୋଳିଲେ, ତୋ ଶିରାପ୍ରଶିରାରେ ସତ୍କର୍ମର ପ୍ରବାହ ଜାତ ହେବ । ସତ କଥା କହିବୁରେ ବାବୁ ! ଧନରେ; ଦିନତମାମ୍ ତୋର ଚେତାଥିବା ଭିତରେ ଯଦି ସ୍ୱାର୍ଥ ଲାଳସାରେ ମିଛ କହୁ, ମନ ଭୁଲାଣିଆ କଥାକହୁ; ତୋ ଭିତରେ ସେକଥା ଗ୍ରନ୍ଥି ହୋଇ ରହିଯିବ । ଶରୀର ଭିତରେ ଯଜ୍ଞାନୁଷ୍ଠାନ କରିବା ପାଇଁ ଯେଉଁ ଚେଷ୍ଟା ଚଳାଇଛୁ ସେ ସବୁ ସୁପ୍ତ ଅବସ୍ଥାକୁ ଚାଲିଯିବ । ଆଦୌ ଜାଗ୍ରତଭାବ ଆଣିପାରିବୁ ନାହିଁ ।

ଗୃହସ୍ଥାଶ୍ରମରେ ତୋର ଜୀବନ ଅତିବାହିତ କରୁଛୁ । କିନ୍ତୁ ସେହି ଆଶ୍ରମରେ ସମସ୍ତଙ୍କୁ ଯଥାବିଧି ସ୍ନେହ, ସମ୍ମାନ ଦେବା ପାଇଁ ଚେଷ୍ଟା କରିବୁ । ଏଣେ ଆମକୁ ମଧ୍ୟ ଚାହିଁବୁ । ଦେଖିବ ସେହି ଚାହିଁବାରେ କେତେ ସୁଖ, ଶାନ୍ତି, ଆନନ୍ଦ ! କିନ୍ତୁ ସେହି ଚାହିଁବାରେ ଯେପରି କୌଣସି ଅସତ୍ୟ ଓ ଅସତ୍‌ଭାବ ନ ଆସେ । ନଚେତ୍ ସବୁ ସୁକର୍ମ ସୁପ୍ତ ହୋଇଯିବ । ଦେହଯାକ ଅହଂକାରର ଅଗ୍ନି ଖେଳିବ । ତା'ପରେ କ'ଣ ହେବ ଜାଣୁ ? ତୋ ହିଂସା ପ୍ରତିହିଂସାର ବିଚାରବୁଦ୍ଧିରେ ସମସ୍ତଙ୍କୁ ତୁ ସେହିପରି ଦେଖିବୁ କିନ୍ତୁ ଶୁଣରେ ଧନ, ତୋ ବିଚାରବୁଦ୍ଧି ପରି ସମସ୍ତେ ନୁହଁନ୍ତି । ମୋ'ଭିଠାରୁ ଜୀବର ଭାବନେଇ ତୁ ଯେଉଁ କହି ହେଉଛୁ :'ମାମଲତିଆ ମୁଣ୍ଡ' ;କିନ୍ତୁ ତୋର ମାମଲତିଆ ମୁଣ୍ଡ'ରେ ତୁ ତୋ ଆପଣାର ଭୁଲ୍ ଜାଣିପାରିବୁ ନାହିଁ । ତୁ ଯେଉଁ ସତ୍ ପରିବାରକୁ ଧ୍ୱଂସ ମୁଖକୁ ନେଇ ସତ୍ୟାନୁଭାବକୁ ପ୍ରହସନ ସଜାଇ ପାଗଳ ପରି ଭୁଆଁ ବୁଲାଇ 'ମୋହିନୀ ମାୟା' ରେ ଜଳିପୋଡ଼ି ହୋଇ ଯା' ତା ବୁଦ୍ଧି ମାପୁଛୁ, ଦେଖିରେ 'ଚରମ'; ସେପରି ହେଲେ ତୁ ଆହୁରି ଜନ୍ମଜନ୍ମାନ୍ତରକୁ ନରକର କୀଟ ହେବୁ ।

ତୁ ଯେତେବେଳେ ପ୍ରଥମେ ଏଠାକୁ ଆସିଲୁ,ସ୍ୱଇଚ୍ଛାରେ 'ସନ୍ଦେଶ ପତ୍ର' ଗ୍ରହଣ କଲୁ ; 'ସନ୍ଦେଶ ପତ୍ର' ରେ ଥିବା 'ଦଶ ମୋଦକ'ର ନୀତି ମାନିବୁ ବୋଲି ଶପଥ ନେଲୁ । ମାତ୍ର ଯିଏ ଯେତେ ବୁଝାଇ କହିଲେ, ଏବେ ତାହାମାନୁ ନାହୁଁ ,ଆମକୁ ମଧ୍ୟ ମାନିଲୁ ନାହିଁ । ତୁଚ୍ଛାକୁ ଶିଷ୍ୟ ସାଜିଛୁ । ଶାସନ ଅନୁଶାସନ ମାନୁ ନାହୁଁ । ଧାରାରେ ଚଳୁ ନାହୁଁ । ସଂଯତ୍ ବା ସଂଯମୀ ହେଉ ନାହୁଁ । ହଜାର ହଜାର ଭାଇଭଉଣୀଙ୍କ ମଧ୍ୟରେ ତୁ ଜୀବ ହୋଇ ମୁଖ୍ୟ ଆସନରେ ରହିଛୁ । ତୋର ଅକଲ୍ କ'ଣ ଏଇୟା ? ଅବିବେକ କାର୍ଯ୍ୟ କରିଚାଲିଛୁ ? ସହସ୍ର ଦଳର ଯେଉଁ ଷଡ଼ଚକ୍ରର ସଂଘ ଗଢ଼ିଛୁ, ଗୋଟିଏ ମୋହିନୀର ମୋହରେ ସମସ୍ତଙ୍କୁ ଭୁଲି, ଶେଷରେ ସଦାଚାରକୁ ଛାଡ଼ି ଅସତ୍ ଆଚରଣ ଭାବ ବାହ୍ୟଦେଶକୁ ଦେଖାଉଛୁ । ରେ ପାଗଳ; ସେସବୁ ଭୁଲିଯା ।

ଧନରେ; ଦୁଇଟି ବିନ୍ଦୁ, ଦୁଇଟି ସୀମା:ତୁ ଆଉ ମୁଁ । ତୋ ବୁଦ୍ଧି ବିଦ୍ୟାରେ ଯେବେ ଖେଳିବୁ ,ଖେଳି ଯା' । ନଚେତ୍ ମୋ ବୁଦ୍ଧି ମାନି ଚାଲେ । ତୁ ଯେଉଁ ମୋହିନୀକୁ ଲୁଚାଇ ରଖିଛୁ; ଶୁଣିବୁ ତା'ର ଉଦ୍ଦେଶ୍ୟ କ'ଣ ? କି ବୁଦ୍ଧି ତା'ର ? ତୋତେ ସେ ଶୋଷିବ, ତୋ ରକ୍ତ ପିଇଯିବ । ତୋ ଗଳାରେ ଝୁଲିବ, ବିଳାସବ୍ୟସନକୁ ଟାଣି ରଖିବ ।

ତା'ର ବାଛବିଚାର କିଛି ନାହିଁ । ମିଛିମିଛିକା ଲୁହ ଗଡ଼ାଇ ତୋ ଶରୀର ଭିତରେ ମିଛର ସ୍ତମ୍ଭ ଗଢ଼ିବ । ତୋତେ ସତ୍‌ପଥରୁ ଅସତ୍ ପଥକୁ ,ଆଲୋକରୁ ଅନ୍ଧକାରକୁ, ଜ୍ଞାନମାର୍ଗରୁ ଅଜ୍ଞାନ ମଧ୍ୟକୁ, ଅମୃତରୁ ମୃତ୍ୟୁ ଗୁମ୍ଫାକୁ ଟାଣିନେଇ ଶେଷ କରିଦେବ ।

ବାପଧନରେ; ତୋ ମୋ ମଧ୍ୟରେ ସେ ପାଚେରି ପରି ଛିଡ଼ା ହୋଇ ରହିବ । ଶେଷରେ ଦେଖିବୁ ରହ, ମୁଁ ତୋ ଠାରୁ ବହୁଦୂରକୁ ଚାଲିଯିବି । ତୁ ହା' ହତାଶ ହୋଇ ଭୁଆଁ ବୁଲି ବାତୁଳ ପରି ଭାଏଁ ଭାଏଁ ବୁଲିବୁ । ଏକଚାଟିଆ ନୀତି ଛାଡ଼ । ତୁ ଯେଉଁ ଦମ୍ଭ ଦେଖାଉଛୁ: କେତେକଙ୍କୁ ଶିକ୍ଷା ଦେଇ ତୋ ମନକୁ ତୋର ସ୍ବର୍ଗରାଜ୍ୟ କରି ତୋଳିବୁ; ମୁଁ ପରା ଜ୍ୱଳନ୍ତ ଆଖି ଖୋଲି ପ୍ରତ୍ୟକ୍ଷ ସାକ୍ଷୀ ହୋଇଅଛି । ମୋତେ ଛାଡ଼ି ସିଆଡ଼େ କୁଆଡ଼େ ଯାଉଛୁ ? ସଂହତିକୁ ଚାହିଁ । ସଂଘକୁ ଲକ୍ଷ୍ୟ ଦେ' । ଧର୍ମକୁ ଲୟରେ ରଖ । ସତ୍ୟକୁ ନଜର ଦେ । ଆମକୁ ଚାହାଁରେ । ଫାଙ୍କି ଦେଲେ, ପୂଙ୍କାର ଘାଇରେ ପଡ଼ିଯିବୁରେ ଧନ । ସତ୍‌କର୍ମ ଛାଡ଼ି ତୁ ଶିକ୍ଷା ଦେଉଛୁ । ମାୟା ଆଲୋଡ଼ନ ସୃଷ୍ଟି କରୁଛୁ । ବିଧର୍ମୀ ! ସମସ୍ତଙ୍କୁ ହିଂସ୍ର ସଜାଉଛୁ । କେବଳ ସ୍ବାର୍ଥ ପାଇଁ ଖେଳୁଛୁ । ପୂର୍ବରୁ ଏତେ କରି କହିଲି : ମାନବ ଧର୍ମ, ଆସୁରୀ ଧର୍ମ, ଜୈବ ଧର୍ମ, ପଶୁ ଧର୍ମ, କ'ଣ ଶିଖି ଅନ୍ୟକୁ ଶିକ୍ଷା ଦେଉଛୁ ? ସବୁବେଳେ ଆସୁରୀ ଧର୍ମକୁ ଗ୍ରହଣ କରି ଟୁପୁରୁ ଫୁସୁରୁ ହୋଇ ସତ୍‌ସ୍ୱଭାବଗୁଡ଼ିକୁ ନଷ୍ଟ କରିସାରିଲୁଣି ଯେ ! ଅଢ଼େଇ ଦିନ ପାଇଁ ଆସି ଆମକୁ ସାକ୍ଷୀ ରଖିଥିଲୁ ପରା ! ସମସ୍ତ କଥା ପଚାରି ବୁଝିବୁ । ମନେପକାଇ ଦେଖିତ; ତୁ ଯେତେବେଳେ ମର୍ତ୍ତ୍ୟମଣ୍ଡଳକୁ ଆସିଲୁ, କ'ଣ କହି ଆସିଥିଲୁ; ମନେ ପକାନି ? ପ୍ରଥମ ପ୍ରଥମ ବେଶ୍ ପଚାରି ବୁଝିଲୁ : ଆଉ ଏଣିକି କିଛି ବୁଝୁନୁ ।

କିରେ, ତୁ କଣ ପଣ୍ଡିତ ହୋଇଗଲୁ କି ? ଆମକୁ ଆଉ ପଚାରି ବୁଝିବା ତୋର ଲୋଡ଼ା ପଡୁନାହିଁ ? ମୁଖ୍ୟ ଆସନରେ ବସି ମୂର୍ଖଙ୍କ ପରି ଆଚାରଆଚରଣ, କଥାଭାଷା, ଭାବଭଙ୍ଗୀ କଣ ତୋତେ ଶୋଭାପାଉଛି ? ତୋତେ ରୁଚୁଛିଟି ? ଏବେ ବି ସମୟ ଅଛି ... 'ପିଣ୍ଡତତ୍ତ୍ୱ' ଯେ ଟିକିନିଖି ଜାଣେ, ଦେଖେ, ସେଇପରା ଆମେ ବିଜେ କରିଛୁ । ଆମକୁ ଭୁଲିଯାଆନାରେ ଧନ ! ଏବେ ବି ସମୟ ଅଛି । ମୋର ମଧ୍ୟ ଧୈର୍ଯ୍ୟ ଅଛି ପର୍ଯ୍ୟାପ୍ତ । ସତ୍‌ପଥକୁ ଫେରିଆ । ମନକୋଣରୁ ଅସତ୍ ଚିନ୍ତା, ବାହ୍ୟ ପ୍ରସଙ୍ଗରେ ଅସତ୍ କର୍ମ ଏବଂ ଅସତ୍ ବାକ୍ୟ ଉଚ୍ଚାରଣ କରିବୁ ନାହିଁ । ମୋରି ଘରର ପିଲା ପରି ସତ୍‌ଚିନ୍ତା, ସତ୍‌ଚେତନା, ସତ୍‌କର୍ମ, ସତ୍‌ବଚନର ମୂର୍ତ୍ତିମନ୍ତ ପ୍ରତୀକ ହୋଇ ଅନନ୍ତ ଆକାଶେ ସୂର୍ଯ୍ୟପରି ତୁ ଧର୍ମର କିରଣରେ ଜଗତକୁ ଉଦ୍‌ଭାସିତ କରି ପୁଣି ଥରେ ମୋ'ରି କୋଳକୁ ଫେରିଆ । ଆଜି ପାଇଁ ଏତିକି କଲ୍ୟାଣ ଦେଲି ତୋତେ ।

ଇତି

ତୋର ଚିର ମଙ୍ଗଳାକାଂକ୍ଷୀ

ପିତା

# ଚରମ ବାଣୀ

ବିକୃତ ହେଲାଣି ମୁଖମଣ୍ଡଳ ।
ବିଷ ବୁହାଇଲା ତୋ ଅଳକୂଳ ॥
ହିଂସା ଅଗ୍ନି ଟାଣି ନୟନ ନାଲି ।
ଦିନକୁ ଦିନ ତୁ ଯାଉଛୁ ଭୁଲି ॥୧॥

ସେବାକର୍ମ ଦିନେ ଭାବିଲୁ ନାହିଁ ।
ଶୋଭା ପାଇବାକୁ ଯାଉଛୁ ଧାଇଁ ॥
ଲଣ୍ଡାମୁଣ୍ଡ ହୋଇ ଭେଣ୍ଡା ଦେଖାଉ ।
ଯାହା ଆଜ୍ଞା ଦେଲି କହିଲୁ ଥାଉ ॥୨॥

ନିଜ ଭାବେ ଭାବି ହେଲୁ ପାଗଳ ।
ଦ୍ୱନ୍ଦରେ ପଡ଼ିବୁ ଖାଇବ କୁଳ ॥
ନିଜ ବୁଦ୍ଧି ଅଟେ ସୁସଙ୍ଗ ହାଟ ।
ସ୍ୱାର୍ଥ ଜାଲେ ବଣା ହୋଇବୁ ବାଟ ॥୩॥

ପିତାମାତା ସେବା ଭୁଲି ତୁ ଗଲୁ ।
ମୋହିନୀ ଫାନ୍ଦରେ ଦିନ କାଟିଲୁ ॥
ଗୁରୁ ଦୁଆରକୁ ଆସିଲୁ ଧାଇଁ ।
କିନ୍ତୁ ଗୁରୁ ବାକ୍ୟ ପାଳିଲୁ ନାହିଁ ॥୪॥

ଧନଟାପରା ମୋ ଦୁଃଖ ପାସୋରା ।
ଏବେ ବି କହୁଛି ଧର ତୁ ଧାରା ॥
ଖିଆଲ କର, ତୁ ଖୁମାଣ ଛାଡ଼ ।
ଅକଲ ବିକଳେ ଖାଇବୁ ମାଡ଼ ॥୫॥

ସତ୍ୟ ପଥ-କର ଅନୁସରଣ ।
କଟିବ ତୋର ଅକାଳ ମରଣ ॥
ଗୁରୁ ଧନ କଲେ ଅପହରଣ ॥
ଅକସ୍ମାତେ ଆସି ଭେଟେ ମରଣ ॥୬॥

ରୋଗ ଶୋକ ଦୁଃଖ ଆସୁଛି ମାଡ଼ି ।
ଜରା ମୃତ୍ୟୁ କରୁଅଛନ୍ତି ରଡ଼ି ॥
ଚରଣ ପଙ୍କଜେ ନିଅ ଶରଣ ।
ଧାରା ଧରି ଜୟ କର ମରଣ ॥୭॥

ଛଳନା ନ କର ଗୁହ ଭାବରେ ।
ଅଭାବ ଅସୁର ରହିବ ଦୂରେ ॥
ସେବା ଦାନ ତ୍ୟାଗ କରି ଅମର ।
ଆଶିଷ ଦେଉଛି ହୁଅ କୁମର ॥୮॥

ଶାଖା ଛାଡ଼ି ଅଗ୍ନି ଶିଖାରେ ପଡ଼ି ।
ଯାଉଛୁ ବୁଝୁନୁ ତୁ ଜଳିପୋଡ଼ି ॥
ସତ୍ ସଙ୍ଗେ ରହି ଅସତ୍ ସଙ୍ଗ ।
ନ ଛାଡ଼ିଲେ ଛାଡ଼ିଯିବ ତୋ ରଙ୍ଗ ॥୯॥

# ଜିଜ୍ଞାସା : ଜିଜ୍ଞାସୁ

କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ଦିବଂଗତ ଯତୀଶଦା'ଙ୍କ ସହିତ ଠାକୁରଙ୍କର ଆଲୋଚନା ପ୍ରସଙ୍ଗ ସୁଦୂରବିସ୍ତାରୀ । ଏକାନ୍ତ ମୁହୂର୍ତ୍ତରେ ପରମଶ୍ରଦ୍ଧେୟ ଯତୀଶଦା' ଠାକୁରଙ୍କ ସନ୍ନିଧାନରେ ନାନା ପ୍ରସଙ୍ଗରେ ପ୍ରଶ୍ନ ଉତ୍ଥାପନ କରି ଉତ୍ତର ସବୁ ଲେଖିବା ତାଙ୍କର ନିତ୍ୟ ନୈମିତ୍ତିକ କାର୍ଯ୍ୟ । ତାଙ୍କ ସ୍ୱହସ୍ତ ଲିଖିତ ଦୈନିକଲିପିରୁ ସଂଗୃହୀତ ଏହି ପ୍ରଶ୍ନୋତ୍ତରୀ ଆମ ସମସ୍ତଙ୍କର ପ୍ରଣିଧାନଯୋଗ୍ୟ । ସାଧନ ପଥରେ ଝୁଣ୍ଟି ପଡୁଥିବା ସାଧକ- ସାଧିକାମାନଙ୍କ ନିମନ୍ତେ ଏହା ବହୁ ସମସ୍ୟାର ସମାଧାନ ସୂତ୍ର ପ୍ରଦାୟକ ।

## ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ

ଯତୀଶ ଦା' : ଜୀବ ଭିତରେ ଥିବା ଯେଉଁ ବିଶ୍ୱାସର କଥା କୁହାଯାଉଛି, ତାହା କ'ଣ ଠିକ ?

ଶ୍ରୀଶ୍ରୀଠାକୁର : ହଁ; ଠିକ । (ହସି) କିନ୍ତୁ ବିଶ୍ୱାସ ଏକା ଥରକେ ଠିକ ହୁଏ ନାହିଁ ।

ଯତୀଶ ଦା' : କାହିଁକି ?

ଶ୍ରୀଶ୍ରୀଠାକୁର : ଭାବ, ମତ, ପଥ ଏକ ନୁହେଁ, ଅନେକ । ତେଣୁ ବିଶ୍ୱାସ ଯଦି ଠିକ, ଆମ୍ଭେମାନେ ସେଇଭାବରେ ସବୁରିଙ୍କୁ ଠିକ ଭାବେ ବୁଝିପାରିବା । ମାତ୍ର ବୁଦ୍ଧି ଖେଳିପାରିବ ନାହିଁ । ଚେତନା ,ଜ୍ଞାନ ଫେରିବ ନାହିଁ । ସନ୍ଦେହ,ସଂଶୟ,ବିଶ୍ୱାସ, ଅବିଶ୍ୱାସର ପଥ ଭିତରେ ଗତିକରି ଯିବାକୁ ହୁଏ ଓ ତଦ୍ୱାରା ବୋଧଜ୍ଞାନ ଅଧିକରୁ ଅଧିକ ଉଦୟ ହୁଏ । ଏହି ହେତୁରୁ ଏକାଥରକେ ବିଶ୍ୱାସ ଠିକ ହୁଏ ନାହିଁ ।

ଯତୀଶ ଦା' : ଅଲୌକିକ ଘଟଣା ଦେଖିଲେ ହଠାତ୍ ସହଜରେ ବିଶ୍ୱାସ ଜାତ ହୁଏ, ତା'ପରେ ପୁଣି ଧୀରେ ଧୀରେ ସନ୍ଦେହ ଆସେ କାହିଁକି ?

ଶ୍ରୀଶ୍ରୀଠାକୁର : ଆଶ୍ଚର୍ଯ୍ୟଜନକ ବା ଅଲୌକିକ ଘଟଣା ଦେଖିଲେ ଦେହର ଯେତେକ ଭାବ ସେହି ମୁହୂର୍ତ୍ତକ ପାଇଁ ଏକୀଭୂତ ହୋଇଯାଏ । ତେଣୁ ଏକାଗ୍ର ଭାବରେ ବିଶ୍ୱାସ ଜନ୍ମେ । ମାତ୍ର ଦେହ ତତ୍ତ୍ୱରେ ଏହି ଏକାଗ୍ରଭାବ ସବୁ ସମୟ ବା ସବୁଦିନ ପାଇଁ ଠିକ ହୋଇ ରହେ ନାହିଁ । ପୁଣି ପୂର୍ବ ସ୍ଥିତିକୁ ଫେରିଯାଏ ଓ ବିକାରଗୁଡ଼ିକ ଜମାଟ ବାନ୍ଧିଯାଏ । ଯେଉଁ ଟିକକ ବିଶ୍ୱାସ ସତ୍ତ୍ୱଗୁଣରେ ଅଂଶଟିଏ ହୋଇ ଭାବ ତୋଳିଥାଏ, ବୃହତ୍ ସନ୍ଦେହ ଓ ଅବିଶ୍ୱାସ ଭାବ ତା'କୁ ଘୋଡ଼ାଇ ରଖେ । ପୁଣି ଜୀବ ପୂର୍ବସ୍ଥିତିକୁ ଫେରିଆସେ ।

ଯତୀଶ ଦା' : ଭାବକୁ ଏକୀଭୂତ କରିବାର ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର : ଭାବକୁ ଏକୀଭୂତ କରିବାର ଉପାୟ ହେଉଛି : ସତ୍‌କର୍ମାନୁଷ୍ଠାନ ତନୁମନରେ ଜମାଟ ବାନ୍ଧି ରଖିବା । ଏହି ପ୍ରକ୍ରିୟା ଦ୍ୱାରା ସତ୍ ରୂପାନ୍ତରିତ ହୋଇ ଅସତ୍‌କୁ ଚାପିଦେଇ ଉପରକୁ ଠିକ ଅବସ୍ଥାରେ ଆସେ ଓ ହୃଦୟରେ ଭକ୍ତିଭାବ ତୋଳେ ।

ଯତୀଶ ଦା' : ବହୁ ଧର୍ମଗ୍ରନ୍ଥରେ ଲେଖାଅଛି : ପ୍ରଥମେ ବିଶ୍ୱାସ, ତା ପରେ ଭକ୍ତି । କିଛି ଅନୁଭବ ହୋଇପାରୁ ନାହିଁ କାହିଁକି ?

ଶ୍ରୀଶ୍ରୀଠାକୁର : ମହାତ୍ମା ଓ ମହାପୁରୁଷଗଣ ନିଜ ନିଜ ଭାବରେ ନିଜକୁ ଦୃଢ଼ କରି ତା'ମୀମାଂସା ଦେଖାଇ ଦେଇଯାଆନ୍ତି ସତ୍ୟ; ମାତ୍ର ସାଧାରଣ ଜୀବ ସେହି ମୀମାଂସାକୁ ଭାବରେ ରଖିପାରେ ନାହିଁ ।

ଯତୀଶ ଦା' : ଆମ୍ଭେମାନେ ଦ୍ୱନ୍ଦ୍ୱରେ ପଡ଼ୁଛୁ । ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର : କ୍ରିୟାଯୋଗୀ କର୍ମାନୁଷ୍ଠାନ କରିକରି ଆଗକୁ ଯାଆନ୍ତି । ସାଧନ ସୂତ୍ରରେ ଯାହା ଅନୁଭବ କରନ୍ତି,ତାହା ଯତ୍ନର ସହିତ ମନ ହୃଦୟରେ ସାଇତି ରଖନ୍ତି । ପୁଣି କ୍ରିୟାଯୋଗରେ ରତ ରହନ୍ତି । ଧର୍ମ ମାର୍ଗରେ ଯେତେ ଅନୁସନ୍ଧିତ୍ସୁ ହେବ, ଆହୁରି ଲମ୍ବାଳିଆ ଦେଖାଯାଉଥିବ । କାରଣ ଏହି ପଥ ଅନନ୍ତ, ଅସୀମ, ଅଶେଷ । ତେଣୁ ସେମାନେ ମନମୂନକୁ ଏକ କରି ବହୁ ଗମ୍ଭୀର ଭାବେ ସୂକ୍ଷ୍ମସ୍ତରକୁ ଚାଲିଯାଆନ୍ତି । ତମେ ଟିକିଏ କ'ଣ ଅନୁଭବ କଲେ ଦଣ୍ଡିକିରି ମାଛ ପରି ଫଡ଼ ଫଡ଼ ହେଉଛ । ଯେତିକି ଗମିବ, ସେତିକି ପାଇବ । ଦ୍ୱନ୍ଦ୍ୱରୁ ମନକୁ ମୁକ୍ତ କରିବାକୁ ହେଲେ କ୍ରିୟାଯୋଗରେ ଯୋଗସ୍ଥ ହେବାକୁ ହିଁ ହେବ ।

ଯତୀଶ ଦା' : ଜୀବ ଯାହା ଅନୁଭବରେ ପାଇବ,ତାହା ଛପାଇ ରଖିବା କ'ଣ ଉଚିତ ?

ଶ୍ରୀଶ୍ରୀଠାକୁର : ହିଁ, ଉଚିତ । ଅନୁଭୂତି ଛପାଇ ଚପାଇ ରଖିଲେ, ତାହା ଠୁଳ ହୋଇ ଦେହମନ ପ୍ରାଣରେ ସ୍ତମ୍ଭ ହୋଇଯାଏ ବୋଧଜ୍ଞାନ ସହଜ ସୂତ୍ରକୁ ଆସେ । ମନ କୋଣରେ ସନ୍ଦେହବଶତଃ ଯେଉଁ ସବୁ ପ୍ରଶ୍ନ ଉଙ୍କିମାରେ,ତତ୍‌କ୍ଷଣାତ୍ ତାହା ସମାଧାନ ସୂତ୍ରକୁ ଚାଲିଆସେ । ଦ୍ୱନ୍ଦ୍ୱଭାବ କ୍ରମଶଃ ଅପସରି ଯାଏ । ବିଶ୍ୱାସ ଦୃଢ଼ ହୁଏ, ଭକ୍ତିଭାବ ଉଦ୍ରେକ ହୁଏ, ସେବା, ତ୍ୟାଗ, ଦାନ, ନିଷ୍ଠା ଇତ୍ୟାଦି ଦିବ୍ୟ ଭାବ ସ୍ଥୂଳକର୍ମରେ ଫୁଟିଉଠେ ।

ଯତୀଶ ଦା' : ନିଃଶ୍ୱାସପ୍ରଶ୍ୱାସର ତାଳରେ ବହୁ ସମୟ ଧରି ନାମ ଜପ କଲା ପରେ ମଧ କିଛି ହେବ ନାହିଁ ବୋଲି ଅବିଶ୍ୱାସ ଜନ୍ମେ, କାରଣ କ'ଣ ?

ଶ୍ରୀଶ୍ରୀଠାକୁର : ତମେ ଯଦି ବାଲ୍ୟକାଳରୁ ଧାରାଧରି ଅଭ୍ୟାସ କର୍ମରେ ରତ ରହି କ୍ରିୟାଯୋଗାରୂଢ଼ ହୋଇଥାଆନ୍ତ, ବାହ୍ୟ ଇନ୍ଦ୍ରିୟକର୍ମଗୁଡ଼ିକ ସଂଯତ ହୋଇ ଯାଇଥାଆନ୍ତା । ବର୍ତ୍ତମାନ ପରିଣତ ବୟସରେ ହଠାତ୍ ଆରମ୍ଭ କରୁଛ; ନିଃଶ୍ୱାସ ପ୍ରଶ୍ୱାସର ଗତି ସହିତ ନାମଜପ ଯଦି ଶୁଦ୍ଧ ରହିବ, ଭାବ ବିକାରଗ୍ରସ୍ତ କରାଇବ । ତେଣୁ ଭାବ ବିକାରରେ ପରିଣତ ନ ହେବା ପାଇଁ ବାରମ୍ବାର ଗୁରୁମୁଖୀ ହେବା ଆବଶ୍ୟକ । ସୁସ୍ଥ ମସ୍ତିଷ୍କରେ, ଶୁଦ୍ଧ ଚିତ୍ତରେ ନିୟମିତ ଭାବରେ ପ୍ରଭୁଙ୍କର ଗୁଣ ଶ୍ଳୀଳ ଓ ଶିଷ୍ଟ ଭାଷାରେ କୀର୍ତ୍ତନ କରିବା ଶ୍ରେୟ । ବଡ଼ ପ୍ରିୟ ଭକ୍ତ ବୋଲି ଦେଖାଇହେବା ପାଇଁ ଗୁଣ କୀର୍ତ୍ତନରେ ଅଶ୍ଳୀଳ, ଅଶିଷ୍ଟ ଓ ଅମାର୍ଜିତ ବାକ୍ୟ ବା ଭାଷା ପ୍ରୟୋଗ କରି ଗାଳିଗୁଲଜ କଲେ, ତାହା ବିକୃତିକୁ ହୃଦୟ ମନରେ ଠୁଳ କରି ଜମାଟ ବାନ୍ଧି ରଖେ । ତେଣୁ ଅବିଶ୍ୱାସ ଜନ୍ମେ । ଅବିଶ୍ୱାସରୁ ଭକ୍ତି, ବିନୟ, ସମର୍ପଣ, ତ୍ୟାଗ, ନିଷ୍ଠା ଇତ୍ୟାଦି ଦିବ୍ୟଭାବ ଦୂରେଇ ଯାଇ ଭାଣ୍ଡଶୂନ୍ୟ ହୋଇଯାଏ ।

ଯତୀଶ ଦା' : ବାରବାର ଗୁରୁମୁଖୀ ହେଲେ ମଧ ଗୁରୁଙ୍କର କେତେକ ଆଦେଶ ମାନିବାକୁ ଇଚ୍ଛା ହୁଏ ନାହିଁ । କାହିଁକି ଏପରି ହୁଏ ?

ଶ୍ରୀଶ୍ରୀଠାକୁର : ତମେ ଯଦି ଦୂରଭାବ ରଖି ଆସିବ, ତାହାହେଲେ ଆଦେଶ ମାନିବାକୁ ଇଚ୍ଛା ହେବ । ଆଜ୍ଞାପାଳନରେ ସ୍ୱାର୍ଥ ରଖିଲେ ଅବମାନନା କରିବାକୁ ବାଧିତ ହେବ । ଭାବରେ ମଜ୍ଜ । ସ୍ୱାର୍ଥ ରଖି ଭଲ ପାଇଲେ ସେ ଦୂରେଇଯିବ । ବିଶ୍ୱାସ ଖଣ୍ଡନ ହେବ । ସମ୍ମୁଖରେ ଟେକ ରଖି ପାଖରୁ ଦୂରେଇ ଯାଇ ନିନ୍ଦା ରଟନା କରିବ : ଏହା ଅତ୍ୟନ୍ତ

ସ୍ୱାଭାବିକ । ତେଣୁ ବହୁ ସଂଯତ ହେବାକୁ ପଡ଼ିବ । ଯିଏ ଆଦୌ ଆସୁନାହିଁ, ଏକପ୍ରକାର ଭଲ । ମାତ୍ର ଯେଉଁମାନେ ଆସି, ଭକ୍ତ ସାଜି ଭାବଭକ୍ତି ଦେଖାଇ ପୁଣି ପୂର୍ବସ୍ଥିତିକୁ ଲେଉଟି ନିନ୍ଦା ଅପଯଶ ଗାଉଛନ୍ତି, କୁଭାଷା ଓ କୁବାକ୍ୟରେ ଗାଳିଗୁଲଜ କରୁଛନ୍ତି, ସେମାନଙ୍କର ଏପରି ବ୍ୟବହାର ଓ ଆଚରଣ ଅତ୍ୟନ୍ତ ଯନ୍ତ୍ରଣାଦାୟକ ।

ଯତୀଶ ଦା' : ଭଲ ପାଇ ନିନ୍ଦା ଗାଇଲେ କ'ଣ ହୁଏ ?

ଶ୍ରୀଶ୍ରୀଠାକୁର : 'ଗୁରୁ' ମନ୍ଦ ନୁହଁନ୍ତି, ଶୁଦ୍ଧ, ସ୍ଫଟିକ । ନିନ୍ଦା ଆସିବ କେଉଁଠୁ ? କିନ୍ତୁ ତମେ ତମ ନିଜ ବୁଦ୍ଧିରେ ତାଙ୍କୁ ମାପି ବସିଲେ, ନିଜେ ନିନ୍ଦୁକ ହେବ । ବିଶ୍ୱାସରେ ବିଷ ମିଶାଇଲେ, ଜଡ଼ତା କୀଟ ହୋଇ ନରକ ଭୋଗ କରିବ ।

ଯତୀଶ ଦା' : ବହୁ ସମୟରେ ଅଭିମାନ ଆସେ କାହିଁକି ?

ଶ୍ରୀଶ୍ରୀଠାକୁର : ଆକାଂକ୍ଷା ଅଭିମାନ ସୃଷ୍ଟିର ମୂଳ କାରଣ । ଅଧିକ ପ୍ରାପ୍ତି ଆଶା ରଖିଲେ ଓ ତାହା ପ୍ରାପ୍ତ ନ ହେଲେ, ବାହ୍ୟ ଇନ୍ଦ୍ରିୟରେ, କର୍ମରେ ଜୀବ ଅଳସୁଆ ହୋଇଯାଏ । ଧୀରେ ଧୀରେ ତା'ର ଦିନଗୁଡ଼ିକ ସେ ମାପି ବସେ । ଦିନ ମାପିଲେ ଅନ୍ତଃକରଣରେ ଈର୍ଷା, ହିଂସା, ପରଶ୍ରୀକାତରତା, ଆତ୍ମବଡ଼ିମା ଓ ଅଭିମାନ, ଗର୍ବ, ଅସ୍ମିତା ଏବଂ ଅହଂକାର ବଢ଼ି ବଢ଼ି ଚାଲେ ।

ଯତୀଶ ଦା' : ଈର୍ଷା, ହିଂସା ଇତ୍ୟାଦି କ'ଣ ସ୍ୱୟଂଚାଳିତ କ୍ରିୟା ନୁହେଁ ?

ଶ୍ରୀଶ୍ରୀଠାକୁର : ହଁ; ସ୍ୱୟଂଚାଳିତ ଯେ, କିନ୍ତୁ ଶୁଦ୍ଧ ହୋଇ ଆସୁଥାଏ; ବାହ୍ୟଭାବ ତୋଳିଲେ, ପୁନରାବୃତ୍ତି ହୋଇ ପୂର୍ବସ୍ଥିତି ଫେରିପାଇ ସ୍ୱଭାବଗୁଡ଼ିକ କୁଭାବରେ ପରିଣତ ହୋଇଯାଏ । ତେଣୁ ନିଜ ଭାବରେ ଅନ୍ୟକୁ ଦେଖିଲେ, ଅଭିମାନ ଓ ଅହଂକାର ବଢ଼ିଯାଏ । ଅଭିମାନ ସ୍ୱଚ୍ଛ ରହିବା ଆବଶ୍ୟକ, କଳୁଷିତ ଯେପରି ନ ହୁଏ ।

ପରସ୍ତ୍ରୀ ଅଟଇ ମାତୃ ସଦୃଶ ।
ଗମନରେ ମାତୃହରଣ ଦୋଷ ॥
ପରସ୍ତ୍ରୀ ଗମନ କରଇ ଯେହୁ ।
ନରକରେ କୀଟ ଅଟଇ ସେହୁ ॥ ...୧

ସ୍ଥୂଳ ଗୁରୁ ତୋ' ହାତ ପତେଇ ନୀରବେ ଅଛି ଚାହିଁ ।
ଦାନ ଦକ୍ଷିଣା ତ୍ୟାଗ ବରତ କିଛି ତ କାହିଁ ନାହିଁ !!....୨

# କେଶବ କୈବଲ୍ୟ କଣିକା

*'ତମ ବାଣୀ ଆମ ପାଇଁ କଇବଲ୍ୟ କଣିକା ସ୍ୱରୂପ ହୋଇ ।*
*ନିତି ପ୍ରୀତି କଲା କରଣିର ପାପ-ପଙ୍କ ଦେଇଥାଇ ଧୋଇ ॥''*

*ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀମୁଖକମଳ ନିଃସୃତ ବାଣୀ ବିଭିନ୍ନ ସମୟରେ ଆଲୋଚନା ପ୍ରସଙ୍ଗ ଅବସରରେ ଭକ୍ତମାନେ ସଂଗ୍ରହ କରି ଯତ୍ନରେ ଲିପିବଦ୍ଧ କରି ରଖଛନ୍ତି । ସେଥି ମଧ୍ୟରୁ କେତେକ ସୁନିର୍ବାଚିତ ବାଣୀ ଏହି ସ୍ତମ୍ଭରେ ଜୀବ ଚଳଣିର ସୁଗମତା ନିମନ୍ତେ ଯଥାବିଧି ଧାରାବାହିକ ରୂପେ ପ୍ରଦାନ କରାଯାଉଛି ।*

❖ ଭାଗ୍ୟ ଅନୁକୂଳ ହେଲେ, ମନୁଷ୍ୟ ସକଳ କାର୍ଯ୍ୟ ସହଜରେ ସିଦ୍ଧ ହୋଇଥାଏ । କର୍ମଯୋଗ ଓ ଧର୍ମଧାରାରେ ଚଳିଲେ ଦୁର୍ଭାଗ୍ୟ ମଧ୍ୟ ସୌଭାଗ୍ୟରେ ପରିଣତ ହୁଏ ।

❖ ସର୍ବଦା ଓ ସର୍ବଥା ସାମର୍ଥ୍ୟ ଅନୁସାରେ ଓ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବା ଉଚିତ । ସାମର୍ଥ୍ୟ ବହିର୍ଭୂତ କାର୍ଯ୍ୟ କଲେ ଅଯଥା ଅଶାନ୍ତି ଓ ସମସ୍ୟା ମଥା ଟେକେ ଓ କରିବା ଲୋକ ଅବଶ୍ୟ ହାସ୍ୟାସ୍ପଦ ହୁଏ ।

❖ ସଂସ୍କୃତି ଓ ସଭ୍ୟତା ମାନବ ସମାଜର ଅମୂଲ୍ୟନିଧି । ତେଣୁ ଆପଣାର ସଂସ୍କୃତି ଓ ସଭ୍ୟତାର ସୁରକ୍ଷା କରିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ।

❖ ଗୋପନ କଥା ପ୍ରକାଶ କରିବା, ମାଗିବା, କଠୋର ହେବା, ଠକିବା, କ୍ରୋଧ କରିବା, ମିଥ୍ୟା କହିବା, ଜୁଆ ଖେଳିବା, ନିଶା ସେବନ କରିବା, ଛଳନା କରିବା ଇତ୍ୟାଦି ଭ୍ରାତୃତ୍ୱ ବନ୍ଧନର ପରିପନ୍ଥୀ ଅଟେ ।

❖ ଆମ ଦେଶ ଭାରତ ଏକ ପୁଣ୍ୟଭୂମି । ଏହା ଯୁଗ ଯୁଗଧରି ଶାନ୍ତି ଓ ସମତା ଏବଂ ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱର ବାର୍ତ୍ତାବହ ହୋଇଆସିଛି । ଅନେକ ସ୍ଥଳରେ ଏହା ବିଶ୍ୱକୁ ଆଧାତ୍ମିକ ଜ୍ଞାନର ଆଲୋକ ପ୍ରଦାନ କରିଛି । ତେଣୁ ଜଣେ ଭାରତୀୟ ଭାବେ ଏ ଦେଶର ସଭ୍ୟତା ଓ ସଂସ୍କୃତିକୁ ଦିଗ୍‌ଦର୍ଶନ ଭାବରେ ଦୃଷ୍ଟି ସମକ୍ଷରେ ରଖିଲେ, ଏହା ଜୀବନର ଲକ୍ଷ୍ୟ ନିର୍ବାଚନରେ ନିଶ୍ଚୟ ସହାୟକ ହେବ ।

❖ ଅର୍ଥ, କ୍ଷମତା ଅଥବା ଯୌନ ବିକୃତିର ଶିକାର ହେଲେ, ବ୍ୟକ୍ତି ତଥା ସମାଜ ବିନଷ୍ଟ ହୁଏ । ତେଣୁ ମହାପୁରୁଷମାନଙ୍କର ଜୀବନ ରୂପ ଦୀପଶିଖାରେ ଆପଣାର ଜୀବନାଙ୍ଗନ ଉଦ୍‌ଭାସିତ କରିପାରିଲେ, ଯେ କେହି ଯଥାର୍ଥ ଜୀବନ ପଥ ସନ୍ଧାନରେ ବ୍ରତୀ ହେବ ଓ ମାନସିକ ବିପର୍ଯ୍ୟୟ ବା ହତାଶାରୁ ଅବଶ୍ୟ ରକ୍ଷା ପାଇଯିବ ।

❖ ଅନ୍ୟ କୌଣସି ଦେଶ ନୁହେଁ କେବଳ ଭାରତ ଏବଂ ଅନ୍ୟ କୌଣସି ଧର୍ମ ନୁହେଁ ଏକାମାତ୍ର ସନାତନ ମାନବିକ ଧର୍ମ ହିଁ ସତ୍ୟ, ଶାନ୍ତି, ଅହିଂସା, ପ୍ରେମ, ଦୟା, କ୍ଷମା, ଧର୍ମ ଓ ଭ୍ରାତୃତ୍ୱ ଭାବ ବିଶ୍ୱାସରେ ପ୍ରତିଷ୍ଠା କରିପାରେ । ଗଭୀର ଅଧ୍ୟୟନ ଓ ସତ୍ୟାନୁଶୀଳନ ହିଁ ଏ କ୍ଷେତ୍ରରେ ଏକମାତ୍ର ସମ୍ବଳ ଓ ସହାୟକ ।

❖ ଯାହାର ଅନ୍ତଃକରଣରେ କାମକାମନାର ସୂକ୍ଷ୍ମ ବୀଜ ଜୀବନ୍ତ ଓ ଜାଗ୍ରତ, ସେ ବାହ୍ୟ ରୂପରେ ଯେତେ ଧାର୍ମିକ ବୋଲାଇ ହେଉନା କାହିଁକି ତାହାର ଆଚାର ଆଚରଣ ହିଁ ତା'କୁ ଦୁଶ୍ଚରିତ୍ର, କଳଙ୍କିତ ଓ କଳୁଷିତ କରି ଦେଖାଇବ । ନାରୀର ମୋହିନୀ ମାୟାରେ ଶିକାର ହୋଇ ସେ ନିଜତ୍ୱ ଓ ବ୍ୟକ୍ତିତ୍ୱ ହରାଇ ବସିବ । ସର୍ବଦା ଲାଞ୍ଛିତ, ଅପମାନିତ ଓ ଘୃଣିତ ଜୀବନ ବିତାଇବ ।

❖ ଯେଉଁ ବ୍ୟକ୍ତି ବିପଥଗାମୀ ହୋଇ ଲଜ୍ଜିତ ହୁଏ, ସେ ଲୋକ ଉତ୍ତମ । ମାତ୍ର ଅନଭିଜ୍ଞାତ ଲୋକର ମନରେ ଘୃଣିତ କାର୍ଯ୍ୟ କରି ମଧ୍ୟ ଲଜ୍ଜା ଜାତ ହୁଏ ନାହିଁ ।

❖ ଯେଉଁବ୍ୟକ୍ତି ନିରପରାଧ ଲୋକପ୍ରତି ଦ୍ୱେଷ କରେ ଏବଂ ସେମାନଙ୍କୁ ଅପରାଧୀ ବୋଲି ଜ୍ଞାନ କରେ, ଅଥଚ ଆପଣାର ଦୁଶ୍ଚରିତ୍ର, କାମୁକତା, ଅସାମାଜିକ କର୍ମ, ପରସ୍ତ୍ରୀ ଗମନ ଜନିତ ଅପରାଧ ହେତୁ ଲଜ୍ଜିତ ହୁଏ ନାହିଁ, ବରଂ ମୁହଁଟାଣ କରି ଯୁକ୍ତି ଦର୍ଶାଏ; ସେହି ବ୍ୟକ୍ତି ପିଶୁନ ରୂପେ ଖ୍ୟାତ ହୁଏ ।

❖ ଦୁର୍ଜନ ସଂସର୍ଗରୁ ଯେଉଁ ପାପ ହୁଏ, ତାହା ମୃତ୍ୟୁ ପର୍ଯ୍ୟନ୍ତ ଆକ୍ରାନ୍ତ କରିରଖେ । ଏଣୁ କୌଣସି ସମୟରେ ଦୁର୍ଜନ ସଂସର୍ଗ ଅଧ୍ୟାତ୍ମ ଉନ୍ନୟନକାମୀ ମନୁଷ୍ୟର କର୍ତ୍ତବ୍ୟ ନୁହେଁ ।

❖ ସୁବୁଦ୍ଧି ପୁରୁଷ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ । କୁବୁଦ୍ଧି ବ୍ୟକ୍ତି ସମସ୍ତଙ୍କ ମଧ୍ୟରେ ଅଧମ । ଅବୁଦ୍ଧି ଲୋକ ପଶୁତୁଲ୍ୟ, ସେ ଉତ୍ତମ ଓ ଅଧମ ଉଭୟ ପର୍ଯ୍ୟାୟରୁ ଭିନ୍ନ ।

❖ ଅବୁଦ୍ଧି ଲୋକର ସମ୍ବଳ ହେଲା- କ୍ଷୁଧା, ନିଦ୍ରା, ଭୟ, କ୍ରୋଧ, ପ୍ରମାଦ ଏବଂ ମୈଥୁନ । ପଶୁର ସମସ୍ତ ଲକ୍ଷଣ ତା'ଠାରେ ଦେଖାଯାଇଥାଏ । ଏପରି ଲୋକଙ୍କୁ ସାଧାରଣତଃ ବର୍ବର ବୋଲି କହନ୍ତି ।

❖ ଶୌର୍ଯ୍ୟ, ବିବେକ ଓ ଉତ୍ସାହ ଇତ୍ୟାଦି ଗୁଣଯୁକ୍ତ ଏବଂ ପିତାମାତାଙ୍କର ସେବାକାର୍ଯ୍ୟ ସମ୍ପାଦନରେ ତତ୍ପର ବ୍ୟକ୍ତି ହିଁ ପ୍ରକୃତ ପୁରୁଷ ପଦବାଚ୍ୟ ।

❖ ଜୀବନ ପାଇଁ କାର୍ପଣ୍ୟ ରହିତ ନିର୍ଭୟ ମନ ଧରିଥିବା ବ୍ୟକ୍ତିହିଁ ଶୌର୍ଯ୍ୟଶାଳୀ ।

❖ ହିତାହିତ ବିଚାରବୁଦ୍ଧି ପ୍ରୟୋଗରେ କୁଶଳ ବ୍ୟକ୍ତିହିଁ ବିବେକବନ୍ତ ।

❖ କର୍ମ ସାଧନରେ ନିଷ୍ଠାର ସହ ପ୍ରବୃତ୍ତ ହେବା ମନୋଭାବ ସମ୍ପନ୍ନ ବ୍ୟକ୍ତିଟି ହିଁ ଉତ୍ସାହୀ ।

❖ ଶୌର୍ଯ୍ୟଶୀଳ, ବିବେକବନ୍ତ ଏବଂ ଉତ୍ସାହୀ ବ୍ୟକ୍ତି ବୀର ରୂପେ ଖ୍ୟାତ ।

❖ ବୀର ପୁରୁଷ ଚାରି ପ୍ରକାର - ଦାନ ବୀର, ଦୟା ବୀର, ଯୁଦ୍ଧ ବୀର, ସତ୍ୟ ବୀର ।

❖ ପ୍ରଥମାବସ୍ଥାର ଆନୁଗତ୍ୟ ଭାବ ପରବର୍ତ୍ତୀ ସମୟରେ ସ୍ଥିତି ହରାଇଲେ, ଜୀବନର ଅଧୋପତନ ନିଶ୍ଚୟ ହୁଏ, ହେବ ।

❖ ଶାସ୍ତ୍ର ରଚୟିତା ଓ ସାହିତ୍ୟିକଙ୍କ ମଧ୍ୟରେ ତାରତମ୍ୟ ରହିଛି । ବହୁ ସାହିତ୍ୟିକଙ୍କର ବଦ୍‌ଗୁଣ ଥାଏ ମାତ୍ର ଶାସ୍ତ୍ରକାରଙ୍କ ମଧ୍ୟରେ ବହୁ ସୁଗୁଣ ଠୁଳ ହୋଇ ରହିଥାଏ ।

❖ ଜୀବାତ୍ମା ଯେଉଁଠୁ ଆସିଛି, ଅବ୍ୟକ୍ତ ପରମାତ୍ମା ମଧ୍ୟ ସେଇଠୁ ଆସିଛନ୍ତି । ଉଭୟ ଆତ୍ମା କିନ୍ତୁ ସମାନ ନୁହେଁ । ଜୀବାତ୍ମାର ସମାଧିସ୍ଥ ଅବସ୍ଥା ଆସିଲେ, ପରମାତ୍ମା ସହିତ ସଂଯୋଗ ହୁଏ ।

❖ ଆଧ୍ୟାତ୍ମିକ କ୍ଷେତ୍ରରେ ଶବ୍ଦ ଓ ଭାଷାର ମାଧୁର୍ଯ୍ୟ ରହିବା ଉଚିତ । କାହାରିକୁ ଆକ୍ଷେପ କରି ମନରେ କଷ୍ଟ ଦେବା ଉଚିତ ନୁହେଁ ।

❖ ଅନ୍ୟର ବ୍ୟବହାରିକ ଦ୍ରବ୍ୟ ବ୍ୟବହାର କରିବା, ଅନ୍ୟକୁ ମାଗିବା ଓ ଅନ୍ୟଠାରୁ ଗ୍ରହଣ କରିବା ଦ୍ୱାରା ପରମାର୍ଥ ଜୀବନର ଉନ୍ନୟନରେ ବାଧାବିଘ୍ନ ଆସେ, ତମମାନଙ୍କର ମଧ୍ୟ ଆସୁଛି ।

❖ ଯଥାସମ୍ଭବ ନୀରବ ରହି ଅନ୍ୟମାନଙ୍କ ସହିତ ଯୁକ୍ତିତର୍କ ଠାରୁ ଦୂରେଇଗଲେ, ମାନସିକ ଶାନ୍ତି ପ୍ରଚୁର ପାଇବ ।



# ନୀଳଚକ୍ର ଚରମର ସଙ୍କେତ

ତମେ ସ୍ୱଇଚ୍ଛାରୁ ଆଗ୍ରହ ପ୍ରକାଶ କରି ଆମ ପାଖକୁ ଆସିଛ, ଆମେ ତ ତମକୁ ବାଧ୍ୟ କରି ଏଠାକୁ ଡାକି ଆଣି ନ ଥିଲୁ । ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ପ୍ରଥମେ ଏଠାରେ ପହଞ୍ଚିଲ, ଦିନ ବିତିଯିବା ସହିତ କ୍ରମେ ସେହି ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପାସୋରିଗଲ; ନୁହେଁ କି ? ଧର୍ମଧାରା ନେଲ, ସନ୍ଦେଶ ପତ୍ର ଗ୍ରହଣ କଲ, ଶପଥ କଲ; ଅଥଚ ସେହି ଶପଥକୁ ଏତେ ଶୀଘ୍ର, ଏତେ ସହଜରେ ଭୁଲିଗଲ ?

ତମେ ଗାଇ ବୁଲୁଛ; ସଂଘ ଗଠନର ଆହ୍ୱାନ ଦେଇଥିଲ ବୋଲି । ବାହାସ୍ଫୋଟ ମାରୁଛ; ସଂଘ ଗଠନ କରିଛ ବୋଲି । ତମେ ସଂଘର ଜଣେ ଜଣେ ସଦସ୍ୟ/ସଦସ୍ୟା ହୋଇ ରହିଛ । ଅଥଚ ସଂଘୀୟ ଅନୁଶାସନ ବା ଶୃଙ୍ଖଳା ମାନି ଚଳିବାକୁ ପରାଙ୍ମୁଖ ହେଉଛ କାହିଁକି ? ସଂଘୀୟ ଏକତ୍ୱବୋଧକୁ ବଳିଦେଇ ତମର କୁପ୍ରକୃତି ଓ କୁପ୍ରବୃତ୍ତିର ତାଡ଼ନାରୁ ଅସାମାଜିକତାର ବନ୍ଧନରେ ପଡ଼ିଛ, କାମିନୀକାଞ୍ଚନର ମୋହିନୀ ଆକର୍ଷଣରେ ଆକୃଷ୍ଟ ହୋଇ ମାୟାବନ୍ଧନରେ ପଡ଼ିଛ । ନିଜ ପରିବାର ପ୍ରତି ଘୋର ଅବହେଳା, ଆପଣାର ସ୍ତ୍ରୀ, ପୁତ୍ର, କନ୍ୟା ପ୍ରତି ଅନାସକ୍ତ ଭାବ ଦେଖାଇ, ସ୍ୱପାର୍ଜିତ ଆୟ ଉପାର୍ଜନର କାଣିଚାଏ ତମର ଆଧାତ୍ମିକ ଉନ୍ନୟନର ପ୍ରାଣବିନ୍ଦୁ: ଆଶ୍ରମ, ସଂଘ ଓ ପରିଷଦ୍   ସହିତ ତା'ର ଅଷ୍ଟାଙ୍ଗ ସଂସ୍ଥା ନିମନ୍ତେ ତ୍ୟାଗ ବା ବ୍ୟୟ ନ କରି ମଧ୍ୟ ତମେ ଘୋର ଅଭାବଗ୍ରସ୍ତ ହୋଇପଡୁଛ କିପରି ? କାହା ପଛରେ ତମ ଆୟ ବ୍ୟୟ କରିଚାଲିଛ ? ଏପରିକି ପିନ୍ଧାଲୁଗାଟିଏ ବା ନିଜର ଅତ୍ୟାବଶ୍ୟକ ବ୍ୟବହାର୍ଯ୍ୟ ପଦାର୍ଥ ତମେ ତମ ପାଇଁ କିଣିବାକୁ ଅସମର୍ଥ ହେଉଛ କିପରି ?

ତମ ଦ୍ୱାରା ଜୀବନରେ ସାମାନ୍ୟତମ ସ୍ୱାର୍ଥତ୍ୟାଗ ହୋଇପାରିବ ନାହିଁ ? ତେବେ ବିଶ୍ୱକଲ୍ୟାଣର ଫମ୍ପା ଧ୍ୱନି ଦେଉଛ କାହିଁକି ? ଅତ୍ୟନ୍ତ ଇନ୍ଦ୍ରିୟପରବଶ ହୋଇ ଲାଳସାର ପରିତୃପ୍ତି ପାଇଁ ତମେ ଯେଉଁ ଲଜ୍ଜାଜନକ ଗୋପନ କର୍ମରେ ଲିପ୍ତ ରହିଛ, ତାହା ଆଉ ଗୋପନୀୟ ହୋଇ ରହିନାହିଁ ବୋଲି କ'ଣ ତମର ଧାରଣା ହେଉ ନାହିଁ ? ଅନ୍ୟମାନେ ଏହି କୁତ୍ସିତ ବ୍ୟକ୍ତିତ୍ୱର ସନ୍ଧାନ ପାଇବା ପରେ ତମ ପ୍ରତି ସେମାନଙ୍କର ବ୍ୟବହାରିକ ଆଚରଣ ନିଶ୍ଚୟ ବଦଳିଯିବ । ସେତେବେଳେ ତମେ ଆପଣାଛାଏଁ ଲଜ୍ଜିତ, ଲାଞ୍ଛିତ, ଅପମାନିତ ବୋଧ କରିବ ନାହିଁ କି ?

ବାଣୀଟିଏ ମନେ ପକାଇ ଦେଉଛି:

''ନାରୀକୁ ଧରି ହେଉଛୁ ବାଇ । ସଂଗତେ ତୋର ଯିବ କି ସେହି ??''

ତମକୁ ଆମର ଗୋଟିଏ ପ୍ରଶ୍ନ : ତମେ ସେହି ମୋହିନୀ କନ୍ୟାର ଦାୟ ହେବ ନା ସଂଘର ହଜାର ହଜାର ଭାଇଭଉଣୀଙ୍କର ଦାୟ ହେବ ? ଦୁଇଟି ପଥରୁ ଯେ କୌଣସି ଗୋଟିଏ ପଥର ଦାୟିତ୍ୱ ସ୍ୱଇଚ୍ଛାରେ ତମେ ମାନିନିଅ । ଦୁଇଟି ନାଆରେ ଗୋଡ଼ ଦେଇ ତପ୍ତ ବୈତରଣୀ ପାରି ହେବାର ଦିବାସ୍ୱପ୍ନ ତ୍ୟାଗ କର; ନଚେତ୍ ଆଗକୁ ଯେଉଁ ଭୟାବହ ପରିସ୍ଥିତି ସୃଷ୍ଟି ହେବ; ସେତେବେଳେ ସେଥିପାଇଁ ନିଜେ ହିଁ ନିଜ ପାଇଁ ଦାୟୀ ରହିବ । ସଂଘ, ପରିଷଦ୍, ଆଶ୍ରମ ବା ଗୁରୁଭାଇଭଉଣୀମାନେ ଏପରିକି ସ୍ୱୟଂ ଚରମପୁରୁଷ ଦାୟୀ ରହିବେ ନାହିଁ ।

- ଜୀବ ଜୀବନର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଯୌବନର ବସନ୍ତ ବିରାଜମାନ କରେ । ଜୀବନଯୌବନର ତାଡ଼ନାରେ ଜାଗତିକ ପ୍ରେମର ଆକର୍ଷଣ ସ୍ୱାଭାବିକ ବୋଧହୁଏ । ତମର ଯୌବନ ବସନ୍ତ ଅତିବାହିତ ହୋଇଛି, ପ୍ରୌଢ଼ ନିଦାଘର ମଧ୍ୟାହ୍ନରେ ବି ତମେ ମଳୟପରଶ ପାଇବା ପାଇଁ ଉତ୍କଣ୍ଠିତ ଏବଂ ଉତ୍ସୁକ ହୋଇ କାମନାବାସନା, କାମିନୀକାଞ୍ଚନରେ ମୋହଗ୍ରସ୍ତ ହୋଇ ପଡୁଛ ? ଏହି ଲଜ୍ଜାକର ପରିସ୍ଥିତିରୁ ମୁକୁଳିବା ପାଇଁ ତମର କଣିକାଏ ପ୍ରୟାସ ନାହିଁ; ତମେ କ'ଣ ଏତେ ଭୀରୁ, କାପୁରୁଷ ? ବୟସର ଗୁରୁତ୍ୱ ବୁଝୁନା ? ମୁଖ୍ୟ ପଦବୀ ଓ ବ୍ୟକ୍ତିତ୍ୱର ମର୍ଯ୍ୟାଦା ରକ୍ଷା କରୁନା ? ନିର୍ଲଜ୍ଜଙ୍କ ପରି ଯୁକ୍ତିତର୍କ କରି ଅବାଧ ହୋଇ ଆତ୍ମପ୍ରସାଦ ଲାଭ କରୁଛ ?

ତ୍ୟାଗ କର, ଜାଗତିକ ସକଳ ବିଷୟ ତ୍ୟାଗ କର । ନିର୍ଭୀକ, ସୁପୁରୁଷ ପରି ବୀରତ୍ୱ ଦେଖାଇ ଉପପୁରୁଷଙ୍କ ସହିତ ମିଶି ଏକାକାର ହେବାର ସାଧନ ପଥରେ ଶୃଙ୍ଖଳା ଓ ନିୟମର ସହିତ ମାଡ଼ିଚାଲ । ବିଷପଥକୁ ତ୍ୟାଗ କରି ପୀୟୁଷ ପଥର ପଥିକ ହୁଅ । ମନେପକାଅ ସେହି ପ୍ରଥମ ଦିନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଗ୍ନେୟ ଶପଥ । କଳୁଷିତ ଜୀବନ ତ୍ୟାଗ କରି କୁସୁମିତ ଜୀବନର ଦିବ୍ୟ ସୌରଭ ଅନୁଭବ କର । ଉପଭୋଗ କର ଏହି ଦେବଦୁର୍ଲଭ ମାନବ ଜୀବନକୁ । ନିଜକୁ ଥରେ ପଚାରି ବୁଝତ । ତମେ କ'ଣ ପରମପିତାଙ୍କର ଅମୃତ ପୁତ୍ର ନୁହଁ ??

## ସଂକେତ

ଗତ ପବିତ୍ର ଚନ୍ଦନ ପୂର୍ଣ୍ଣିମା ତିଥି : ତା୧୪/୫/୯୫ରିଖ : ରବିବାର- କୁଳିଆଠାରେ ଅନୁଷ୍ଠିତ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ବାର୍ଷିକୋତ୍ସବ ଅବକାଶରେ ସଭାପତି ଶ୍ରୀ ଅମର ଭାଇଙ୍କ ଅଭିଭାଷଣ ପ୍ରସଙ୍ଗରେ ଘୋଷିତ ହୋଇଛି ଯେ, ପ୍ରତ୍ୟେକ ଭାଇ ଏବଂ ଭଉଣୀ ନିଜ ନିଜର ବାଡ଼ିବଗିଚାରେ ପ୍ରତିବର୍ଷ ଅନ୍ତତଃ ଦୁଇଗୋଟି ବୃକ୍ଷରୋପଣ କରି ଯତ୍ନନେବେ । ବୃକ୍ଷଗୁଡ଼ିକ ନିଶ୍ଚୟ ନିମ୍ବ, ବେଲ, ବର, ଅଶ୍ୱତ୍ଥ, ତୁଳସୀ ହୋଇଥିବା ଆବଶ୍ୟକ । ଅନ୍ତତଃପକ୍ଷେ ଗୋଟିଏ ନିମ୍ବ ଓ ଗୋଟିଏ ତୁଳସୀବୃକ୍ଷ ରୋପଣ କରି ଯତ୍ନର ସହିତ ତତ୍ତ୍ୱାବଧାନ ନେବା ବାଞ୍ଛନୀୟ । ଆମେ ଆଶାକରୁ, ପ୍ରତ୍ୟେକ ଭାଇଭଉଣୀ 'ଚରମ'ର ଏହି ସଙ୍କେତ ପ୍ରତି ଯଥାର୍ଥ ଗୁରୁତ୍ୱ ଦେବେ ।

# ଆଶ୍ରମ ସନ୍ଦେଶ

★ ତା ୧୭.୩.୯୫ ରିଖ: ଶୁକ୍ରବାର : ଶ୍ରୀ ଶ୍ରୀ ଠାକୁର ଭକ୍ତଗଣଙ୍କ ଗହଣରେ ସିପୁରାରେ ଦୋଳ ଓ ହୋଲି ପର୍ବ ଉପଲକ୍ଷେ ଗମନ କରିଥିଲେ ।

★ ତା ୨୪.୩.୯୫ ରିଖ: ଶୁକ୍ରବାର : ଶ୍ରୀଶ୍ରୀଠାକୁର ଜଗତପୁରସ୍ଥ କେଶବ ଭବନ ଗସ୍ତରେ ଯାଇଥିଲେ ।

★ ତା ୨୭.୩.୯୫ ରିଖ: ସୋମବାର : କେନ୍ଦୁଝର ଜିଲ୍ଲାର ପୁରୁଣାଁ ଠାରେ ନୂତନ ଶାଖା ଉନ୍ମୋଚନ ଓ ତଦୁପଲକ୍ଷେ କେତନୀ ସତ୍‌ସଙ୍ଗ ଅଧିବେଶନ ଯଥାବିଧି ପାଳିତ ହୋଇଯାଇଛି ।

★ ତା ୨୮.୩.୯୫ ରିଖ : ମଙ୍ଗଳବାର : କେନ୍ଦୁଝର ସହର ନିକଟସ୍ଥ ଗୋପୀନାଥପୁର ପ୍ରସ୍ତାବିତ ଶାଖାରେ କେନ୍ଦ୍ରୀୟ କର୍ମୀମାନଙ୍କର ସତ୍‌ସଙ୍ଗ ବୈଠକ ଓ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମ ଯଥାବିଧି ହୋଇଯାଇଛି ।

★ ତା ୩୧.୩.୯୫ ରିଖ : ଶୁକ୍ରବାର : କେନ୍ଦୁଝର ଜିଲ୍ଲା କେନ୍ଦ୍ରୀୟ ଶାଖାରେ ସଂଘର ପ୍ରମୁଖ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିଶେଷ ସତ୍‌ସଂଗ ବୈଠକ ଓ ଆଲୋଚନା ହୋଇଛି ।

★ ତା ୩.୪.୯୫ ରିଖ : ସୋମବାର : ଶ୍ରୀଶ୍ରୀ ଠାକୁରଙ୍କର କେଶବ ଭବନକୁ ବିଶେଷ କାର୍ଯ୍ୟକ୍ରମରେ ଗସ୍ତ ।

★ ତା ୯.୪.୯୫ ରିଖ: ରବିବାର ( ପବିତ୍ର ଶ୍ରୀରାମନବମୀ ) : କେଶବ ଭବନର ଦ୍ୱିତୀୟ ବାର୍ଷିକୋତ୍ସବ ଯଥାରୀତି ମହା ସମାରୋହରେ ପାଳିତ ହୋଇଅଛି ।

★ ତା ୧୪.୪.୯୫ ରିଖ : ଶୁକ୍ରବାର : ( ମହାବିଷୁବ ସଂକ୍ରାନ୍ତି ): ଠାକୁମା' ସୁକାନ୍ତିଦେବୀଙ୍କର ୬୭ତମ ଜନ୍ମ ଜୟନ୍ତୀ ସ୍ୱର୍ଣ୍ଣ କ୍ଷେତ୍ରରେ ମହାସମାରୋହରେ ପାଳିତ ହୋଇଛି । ଏହି ଉପଲକ୍ଷରେ ଆୟୋଜିତ ସତ୍‌ସଙ୍ଗ ଓ ଭଜନ ସମାରୋହରେ ଶହଶହ ଗୁରୁଭାଇଭଉଣୀ ଯୋଗ ଦେଇ ଠାକୁମା'ଙ୍କ ଚରଣପଙ୍କଜରେ ଭକ୍ତିପୂତ ହୃଦୟରେ ପୁଷ୍ପାଞ୍ଜଳି ପ୍ରଦାନ କରିଛନ୍ତି । 'ଚରମ' : ୨ୟ ପୁଷ୍ପ: ୩ୟ ପାଖୁଡ଼ାର ବିଧିମତ ଉନ୍ମୋଚନ ମଧ ହୋଇଯାଇଛି । ଅବଶ୍ୟ ଏହି 'ଚରମ' ଏଯାବତ ଅନିବାର୍ଯ୍ୟ ପରିସ୍ଥିତି ପାଇଁ ମୁଦ୍ରଣାଳୟରୁ ଆସିପାରି ନାହିଁ ।

★ ତା ୧୫.୪.୯୫ ରିଖ: ଶନିବାର: ( ପବିତ୍ର ଚୈତ୍ର ପୂର୍ଣ୍ଣିମା ) ଠାକୁରା' ଯଦୁନାଥଙ୍କର ବାର୍ଷିକ ଶ୍ରାଦ୍ଧୋତ୍ସବ ଯଥାବିଧି ପାଳିତ ହୋଇଛି । ଏହି ଉପଲକ୍ଷରେ ଆୟୋଜିତ ଅର୍ଘ୍ୟ ସତ୍‌ସଂଗ ଅନୁଷ୍ଠାନ ପରିବେଶରେ ଅନୁଷ୍ଠିତ ହୋଇଛି ।

★ ତା ୧୬.୪.୯୫ ରିଖ: ରବିବାର : ସ୍ୱର୍ଣ୍ଣକ୍ଷେତ୍ରରେ ହଜାର ହଜାର ଗୁରୁଭାଇଭଉଣୀ, ଭକ୍ତ ଅନୁଗତ ଜନସାଧାରଣଙ୍କର ସମାବେଶରେ ଅଷ୍ଟମ ପ୍ରହର ବ୍ୟାପୀ ନାମ ସଂକୀର୍ତ୍ତନ ମହାସମାରୋହରେ ପବିତ୍ର ପରିବେଶରେ ସର୍ବ ସାଫଲ୍ୟର ସହିତ ପାଳିତ ହୋଇଯାଇଛି ।

★ ତା ୨୦.୪.୯୫ ରିଖରୁ ତା ୧.୫.୯୫ ରିଖ ପର୍ଯ୍ୟନ୍ତ : ଶ୍ରୀଶ୍ରୀ ଠାକୁର କତିପୟ ଭକ୍ତଙ୍କ ଗହଣରେ ବାରିପଦା, ରାଉରକେଲା, ପଶ୍ଚିମବଂଗ, ବିହାର ଓ ଉତ୍ତର ପ୍ରଦେଶ ପରିଭ୍ରମଣ ଓ ଆଧ୍ୟାତ୍ମିକ ଗସ୍ତ କାର୍ଯ୍ୟକ୍ରମ ସମାପନ କରିଅଛନ୍ତି ।

★ ତା ୩.୫.୯୫ ରିଖ: ବୁଧବାର : ଅଦ୍ଭୁତ ଗୁପ୍ତ ବ୍ରହ୍ମ ସଂଘର ବାର୍ଷିକୋତ୍ସବ ପବିତ୍ର ଅକ୍ଷୟ ତୃତୀୟା ତିଥିରେ କେନ୍ଦ୍ର ( ସ୍ୱର୍ଣ୍ଣକ୍ଷେତ୍ର )ରେ ତଥା ବିଭିନ୍ନ ଶାଖାରେ ଯଥାବିଧି ପାଳିତ ହୋଇଅଛି ।

★ ତା ୧୪.୫.୯୫ ରିଖ: ରବିବାର: ପରିଷଦ୍‌ର ତୃତୀୟ ବାର୍ଷିକୋତ୍ସବ କୁଳିଆ ଶାଖା ଆନୁକୂଲ୍ୟରେ କୁଳିଆ ହାଇସ୍କୁଲ ପରିସରରେ ଯଥାବିଧି ଭାବଗମ୍ଭୀର ପରିବେଶରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷରେ ପ୍ରବଳ ପ୍ରତିକୂଳ ପାଗ ସତ୍ତ୍ୱେ ଦୂରଦୂରାନ୍ତରରୁ ବହୁ ସଂଖ୍ୟାରେ ଗୁରୁଭାଇଭଉଣୀମାନେ ଯୋଗଦେଇ ପ୍ରୀତ ହୋଇଛନ୍ତି । ଅତ୍ୟନ୍ତ ଆନନ୍ଦ ଓ ସନ୍ତୋଷର ବିଷୟ ଏହି ଯେ, ନବୀନ ବର୍ଷ ( ୧୯୯୫-୯୬ ) ପାଇଁ ପରିଷଦର ୩ୟ ନିର୍ବାହୀ ସଭାକୁ କାଏମ୍ ରଖାଯାଇଛି ଏବଂ ଶ୍ରୀଶ୍ରୀଠାକୁରଙ୍କର ଏହି ଆଦେଶ କୁଳିଆଠାରେ ସମବେତ ଗୁରୁଭାଇଭଉଣୀଙ୍କ ସମାବେଶରେ ଘୋଷଣା କରାଯାଇଅଛି ।

★ ତା ୨୩.୫.୯୫ ରିଖ: ମଙ୍ଗଳବାର : ସଂଧ୍ୟା ଘଟିକା ସମୟରେ ବାରିପଦା ସହର ଉପକଣ୍ଠରେ ଅବସ୍ଥିତ ସୂତାଙ୍କଳ ପରିସର ମଧ୍ୟରେ ଗୁରୁଭ୍ରାତା ବଂଶୀଧର ଜେନା ଏବଂ ସାଥୀମାନଙ୍କର ଆୟୋଜନରେ ଏକ ସତ୍‌ସଂଗ ଅନୁଷ୍ଠାନ ଅନୁଷ୍ଠିତ ହୋଇଯାଇଛି ।

★ ତା ୨୭.୫.୯୫ ରିଖ: ଶନିବାର : ସଂଧ୍ୟାରେ ଢେଙ୍କାନାଳ ଜିଲ୍ଲାର ଗୋବିନ୍ଦପୁର ସୂତାକଳ କଲୋନୀ ପ୍ରସ୍ତାବିତ ଶାଖା ସତ୍‌ସଂଗ ବୈଠକରେ କେନ୍ଦ୍ରୀୟ କର୍ମକର୍ତ୍ତାମାନେ ଯୋଗଦେଇ ଏହାକୁ ଯଥାବିଧି ସାଫଲ୍ୟମଣ୍ଡିତ କରିଛନ୍ତି ।

★ ତା ୨୮.୫.୯୫ ରିଖ: ରବିବାର: ସଂଧ୍ୟାରେ ଢେଙ୍କାନାଳ ଜିଲ୍ଲାର ବାଘଧାରିଆ ପ୍ରସ୍ତାବିତ ଶାଖାର ସତ୍‌ସଂଗ ବୈଠକରେ କେନ୍ଦ୍ରୀୟ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନା ଓ ଭଜନ କାର୍ଯ୍ୟକ୍ରମକୁ ସଫଳ କରିଅଛନ୍ତି ।

★ ତା ୨୯.୫.୯୫ ରିଖ: ସୋମବାର : ଢେଙ୍କାନାଳ ସହରରେ ଗୁରୁଭାଇ ବସନ୍ତ କୁମାର ମହାନ୍ତିଙ୍କ ବାସଭବନରେ ସଂଧ୍ୟାରେ ସହରର କେତେକ ପ୍ରମୁଖ ଆଧ୍ୟାତ୍ମପ୍ରେମୀ ଅନୁଗତଙ୍କ ଗହଣରେ କେନ୍ଦ୍ରୀୟ କର୍ମୀମାନଙ୍କର ଆଧ୍ୟାତ୍ମିକ ଆଲୋଚନା ଓ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ସର୍ବ ସାଫଲ୍ୟର ସହିତ ଅନୁଷ୍ଠିତ ହୋଇଯାଇଛି ।

★ ତା ୩୦.୫.୯୫ ରିଖ: ମଙ୍ଗଳବାର: ଗୋବିନ୍ଦପୁର ଶାଖାନ୍ତର୍ଗତ ସ୍ୱର୍ଗତ ଇନ୍ଦ୍ରମଣି ଜେନାଙ୍କର ତିଳତର୍ପଣ ଯଥାବିଧି ହୋଇଅଛି ।

★ ତା ୩୧.୫.୯୫ ରିଖ: ବୁଧବାର: କାଳିଅଣ୍ଡି ଶାଖାର ୩ୟ ବାର୍ଷିକୋତ୍ସବ ଉପଲକ୍ଷେ ସତ୍‌ସଙ୍ଗ ଅଧିବେଶନ ଯଥାରୀତି ପାଳିତ ହୋଇଅଛି ।

★ ତା ୭.୬.୯୫ ରିଖ: ବୁଧବାର: ଛତ୍ରପୁରୁଷୋତ୍ତମପୁର ( ପାରାଦ୍ୱୀପ ) ସ୍ୱର୍ଗତ ଶରତ ଚନ୍ଦ୍ର ମହାନ୍ତିଙ୍କର ତିଳତର୍ପଣ ଯଥାରୀତି ପାଳିତ ହୋଇଅଛି ।

★ ତା ୧୦.୬.୯୫ ରିଖ: ଶନିବାର: ସାତଙ୍କଯୋଡ଼ି ( ପୁରୀ ) ପ୍ରସ୍ତାବିତ ଶାଖା ସତ୍‌ସଙ୍ଗ ବୈଠକରେ କେନ୍ଦ୍ରୀୟ କର୍ମୀମାନେ ଯୋଗଦେଇ ଆଲୋଚନା କରିଅଛନ୍ତି ।

★ ତା ୧୧.୬.୯୫ ରିଖ: ରବିବାର: ସାକ୍ଷୀଗୋପାଳ ( ପୁରୀ ) ପ୍ରସ୍ତାବିତ ଶାଖା ସତ୍‌ସଂଗ ବୈଠକରେ କେନ୍ଦ୍ରୀୟ କର୍ମୀମାନେ ଯୋଗଦେଇ ଆଲୋଚନା କରିଅଛନ୍ତି ।

★ ତା ୧୨.୬.୯୫ ରିଖ: ସୋମବାର: ଶ୍ରୀଶ୍ରୀ ଠାକୁର ପଞ୍ଚାମୁଣ୍ଡାଇର ଅରୁଆ କଦଳୀ ବଣର ବିଜୟ ଭାଇଙ୍କ ବାସଭବନକୁ ଗମନ କରିଥିଲେ ।

★ ତା ୧୪.୬.୯୫ ରିଖ: ବୁଧବାର: ମଲ୍ଲୀପୁରା ଶାଖାର ତୃତୀୟ ବାର୍ଷିକୋତ୍ସବ ଉପଲକ୍ଷେ ସତ୍‌ସଂଗ ଅଧିବେଶନ ଯଥାବିଧି ଅନୁଷ୍ଠିତ ହୋଇଅଛି ।

★ ତା. ୧୭.୬.୯୫ ରିଖ: ଶନିବାର: ବସୁମତୀ ସ୍ୱାମୀ-ବିଜୟାନନ୍ଦ ଗୋସ୍ୱାମୀଙ୍କର ଜନ୍ମଦିନ ପାଳିତ ହୋଇଅଛି । ଏଥିନିମନ୍ତେ କେନ୍ଦ୍ରରୁ ଧନୁଭାଇଙ୍କ ନେତୃତ୍ୱରେ କେତେକ ଭକ୍ତ ଉପକରଣ ସହ ବାରିପଦା ଗମନ କରିଥିଲେ । ସେହିଦିନ ବାଲେଶ୍ୱର ଶାଖା ଉନ୍ମୋଚନ ଓ ସତ୍‌ସଂଗ ଅଧିବେଶନ କେନ୍ଦ୍ରୀୟ କର୍ମୀମାନେ ଯୋଗଦାନ କରିଥିଲେ ।

★ ତା ୧୯.୫.୯୫ ରିଖ: ସୋମବାର: ଶ୍ରୀଶ୍ରୀଠାକୁର କେତେକ ଭକ୍ତଙ୍କ ଗହଣରେ କଟକ ନଗରସ୍ଥ କାଠିବଜାରରେ ଗୁରୁଭାଇ କୃଷ୍ଣ କେଶବ ଦାସ ( ବାବୁଲିଭାଇ )ଙ୍କ ବାସଭବନକୁ ଗମନ କରିଥିଲେ ।

★ ଏତଦ୍‌ବ୍ୟତୀତ ଗ୍ରାମ୍ୟମାଣ ଅଷ୍ଟପ୍ରହରବ୍ୟାପୀ ନାମ ସଂକୀର୍ତ୍ତନ ବିଭିନ୍ନ ଆଗ୍ରହୀ ଗୁରୁଭାଇମାନଙ୍କ ଗୃହରେ ଯଥାରୀତି ଉଦ୍‌ଯାପିତ ହେଉଅଛି ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି